

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୨ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 02 MARCH 2021
Vol.No. 32 ■ No. 58 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଜାତୀୟ ରାଜପଥରେ ପୁଣି ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ

ଭୁବନେଶ୍ୱର,୦୧/୦୩(ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥରେ ଓଲଟିଲା ଆମୋନିଆ ଗ୍ୟାସ୍ ବୋଝେଇ ଟ୍ୟାଙ୍କର । ପାରାଦୀପରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଅଭିମୁଖେ ଯାଉଥିବା ବେଳେ ଗଂଜାମ ଥାନା ଅନ୍ତର୍ଗତ ପୁଇଁତଳା-ହୁମା ମଧ୍ୟବର୍ତ୍ତୀ ସ୍ଥାନରେ ଗ୍ୟାସ୍ ବୋଝେଇ ଟ୍ୟାଙ୍କରଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ସୂଚନା ଅନୁସାରେ, ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ବେଳକୁ ୧୬ ନମ୍ବର ଜାତୀୟ ରାଜପଥରେ ବିଶାଖାପାଟଣା ଅଭିମୁଖେ ଯାଉଥିବା ଏକ ଆମୋନିଆ ଗ୍ୟାସ୍ ବୋଝେଇ ଟ୍ୟାଙ୍କରର ଚାଳକ ଭାରସାମ୍ୟ ହରାଇଥିଲେ। ଫଳରେ ଗ୍ୟାସ୍ ଟ୍ୟାଙ୍କରଟି ଓଲଟି ପଡ଼ିଥିଲା। ରିପୋର୍ଟ ଲେଖାଯିବା ବେଳେକୁ ଜିଲ୍ଲା ପ୍ରଶାସନ କି ପୁଲିସ ପହଂଚି ନାହିଁ । ଗ୍ୟାସ୍ ଟ୍ୟାଙ୍କରକୁ ଉଦ୍ଧାର କରିବା ପାଇଁ ଆହୁରି ବହୁ ସମୟ ଲାଗିପାରେ ବୋଲି ପୂର୍ବାନୁମାନ କରାଯାଉଛି।

# ମେ ମାସ ଯାଏଁ ପ୍ରବଳ ଖରା !

ଭୁବନେଶ୍ୱର,୦୧/୦୩ (ନି.ପ୍ର): ମାର୍ଚ୍ଚ ମାସରୁ ମେ' ମାସ ପର୍ଯ୍ୟନ୍ତ ଓଡ଼ିଶାରେ ଭୀଷଣ ଖରା ହେବ। ଏଥିନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ଉତର, ଉତର-ପଶ୍ଚିମ ଭାରତରେ ଭୀଷଣ ଖରା ଅନୁଭୂତ ହେବ। ପୂର୍ବ ଛତିଶଗଡ଼ ଏବଂ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ମଧ ଭୀଷଣ ତାତି ଅନୁଭୂତ ହେବ। କୋଙ୍କଣ, ଗୋଆ ଓ ଉପକୂଳ ଆନ୍ଧ୍ରପ୍ରଦେଶରେ ବି ଖରାର ପ୍ରକୋପ ଦେଖିବାକୁ ମିଳିପାରେ। ସ୍ୱାଭାବିକ ଠାରୁ ସର୍ବୋଚ୍ଚ ତାପମାତ୍ରା ଅଧିକ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅପରପକ୍ଷରେ ଆଗାମୀ ୨୪ ଘଂଟା ମଧରେ ରାଜ୍ୟରେ ତାପମାତ୍ରା ଆଶାତୀତ ଭାବେ ବଢ଼ିଯିବ। କେତେକ ଜିଲ୍ଲାରେ ଦିନର ତାପମାତ୍ରାରେ ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ମଧ ରହିଛି। ବିଶେଷ କରି ଖୋର୍ଦ୍ଧା, କଟକ, ଅନୁଗୋଳ, ବୌଦ୍ଧ, ଯାଜପୁର, କେନ୍ଦୁଝର, ମୟୂରଭଂଜ, ଭଦ୍ରକ,



ନୟାଗଡ଼ ଜିଲ୍ଲା ପାଇଁ ଏହାକୁ ଦୃଷ୍ଟିରେ ରଖି ସତର୍କ ସୂଚନା ଜାରି କରାଯାଇଛି। ଦିନ ବେଳା ଘରୁ ବାହାରକୁ ଯାଉଥିଲେ ସତର୍କ ରହିବାକୁ ଭାରତୀୟ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ସେହିପରି ଜରୁରୀ କାମ ନଥିଲେ ଘରୁ ନ ବାହାରିବା ପାଇଁ ଲୋକଙ୍କୁ କୁହାଯାଇଛି। ତେବେ ଗତ କିଛି ଦିନର ପ୍ରବଳ ତାତି ପରେ ସୋମବାର ତାପମାତ୍ରା ସାମାନ୍ୟକମ୍ ଥିଲା। ରାଜ୍ୟର ସମସ୍ତ ସହରର ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଥିଲା। ଆଜି ବାରିପଦାରେ ସର୍ବାଧିକ ୩୯.୮ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଅନୁଗୁଳରେ ୩୯.୭ , ବୌଦ୍ଧରେ ୩୯.୫ , ବଲାଙ୍ଗୀରରେ ୩୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରରେ ୩୯, କଟକରେ ୩୮ଡିଗ୍ରୀ ରେକର୍ଡ ହୋଇଛି।

## ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ନେଲେ କୋଭିଡ୍-୧୯ ଟିକା

ଭୁବନେଶ୍ୱର,୦୧/୦୩(ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ଆଜି ସକାଳେ ଦିଲ୍ଲୀ ଏମ୍ସରେ କରୋନା ଟିକାର ପ୍ରଥମ ଡୋଜ ନେଇଛନ୍ତି । ଟୁଇଟ କରି ସେ ନିଜେ ଏହି ସୁଚନା ଦେବା ପରେ ସମ୍ବାଦ ସରବରାହ ସଂସ୍ଥା ଏଏନଆଇ ମଧ ଟିକା ନେବା ସମୟର ଭିଡିଓ ଜାରି କରିଛି । ପୁଡୁଚେରୀର ସିଷ୍ଟର ପି.ନିଭେଦା ପ୍ରଧାନମନ୍ତ୍ରୀଙ୍କୁ ଟିକା ଦେଇଛନ୍ତି । ଭାରତ ବାୟୋଟେକର କୋଭାକ୍ସିନ୍ ଟିକା ନେଇଛନ୍ତି ପ୍ରଧାନମନ୍ତ୍ରୀ । ତେବେ ପ୍ରଧାନମନ୍ତ୍ରୀଙ୍କୁ ଟିକା ଦେବା କଥା ଜାଣିନଥିଲେ ସିଷ୍ଟର ନିଭେଦା । ତାଙ୍କୁ କେବଳ ସକାଳୁ ଦିଲ୍ଲୀ ଏମ୍ସ ଆସିବାକୁ କୁହାଯାଇଥିଲା । ସକାଳ ୬ଟା ୨୫ରେ ସେ ହସ୍ପିଟାଲରେ ପହଂଚିଯାଇଥିଲେ । ଆଉ ପ୍ରଧାନମନ୍ତ୍ରୀଙ୍କୁ ଟିକା ଦେବାକୁ ନେଇ ଉତ୍ସାହିତ ହୋଇପଡିଥିଲେ । ଟିକା ନେବା ସମୟରେ ବେଶ ହାଲୁକା କଥା ହୋଇଥିଲେ ପ୍ରଧାନମନ୍ତ୍ରୀ । ଟିକା ନେଇ ସାରିବା ପରେ, ଦେଇ



ଦେଲେ କି ବୋଲି ପଚାରିଥିଲେ । ଏପରି କି ଜଣାପଡିଲା ନାହିଁ ବୋଲି କହିଥିଲେ । ଏହାପରେ ସିଷ୍ଟର ନିଭେଦାଙ୍କୁ ତାଙ୍କ ଘର କେଉଁଠି ବୋଲି ପଚାରି ବୁଝିଥିଲେ ପ୍ରଧାନମନ୍ତ୍ରୀ ।

▶▶ପୃଷ୍ଠା ୭

# ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୦୧/୦୩ (ନି.ପ୍ର): ଓଡିଶାର ଚାଷୀ ମାନଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା(ପିଏମ୍-କିଷାନ)ରେ ପଞ୍ଜିକୃତ ୪୦ ଲକ୍ଷ ୫୦ ହଜାର ଓଡିଶାର ଚାଷୀ ଯେପରି ଏହି ଯୋଜନାର ସମ୍ପୂର୍ଣ୍ଣ ଲାଭ ପାଇପାରିବେ ସେ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ତାଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ କିଷାନ ନିଧି ଯୋଜନା ଅନ୍ତର୍ଗତ ଦେଶବ୍ୟାପୀ ପଞ୍ଜିକୃତ ହୋଇଥିବା ସାଢେ ୭ କୋଟି ଚାଷୀଙ୍କୁ ସପ୍ତମ କିସ୍ତିରେ ୧୯ ହଜାର କୋଟି ଟଙ୍କା



ପ୍ରଦାନ କରିଛନ୍ତି । ବିଭାଗୀୟ ତଥ୍ୟ ଅନୁସାରେ ଓଡିଶାରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅନ୍ତର୍ଗତ ଓଡିଶାର ୪୦.୫ ଲକ୍ଷ ଚାଷୀ ଅନ୍ତର୍ଭୁକ୍ତ ଅଛନ୍ତି । କିନ୍ତୁ ସପ୍ତମ କିସ୍ତିରେ ଓଡିଶାର ୨୪.୭ ଲକ୍ଷ ଚାଷୀ ୨ ହଜାର ଟଙ୍କା ଲେଖାଏଁ ଏହି ଯୋଜନାରେ ପାଇଥିଲେ । ତେବେ ଏଭଳି ଘଟଣା

▶▶ପୃଷ୍ଠା ୭

## ଗୋଟିଏ ଦିନରେ ୮୬ କରୋନା ଆକ୍ରାନ୍ତ ଚିହ୍ନଟ : ସଂକ୍ରମିତଙ୍କ ସଂଖ୍ୟା ୩୩୭୨୭୭

ଭୁବନେଶ୍ୱର,୦୧/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୭୨୭୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୩୪୫୭୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୭୩୭ ରହିଛି। ଆଜି ଚିହ୍ନଟ ହୋଇଥିବା ୮୬ ଜଣଙ୍କ ମଧ୍ୟରୁ ୫୦ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲାରେ ସବୁଠାରୁ ଅଧିକ ୧୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।

## ପାଠକ ବାପା- ପୁଅଙ୍କୁ ମିଳିଲା ଜାମିନ୍

ଭୁବନେଶ୍ୱର,୦୧/୦୩(ନି.ପ୍ର): ଠକେଇ ମାମଲାରେ ଗିରଫ ହୋଇଥିବା ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶ ପାଠକଙ୍କୁ ସୋମବାର ଜାମିନ୍ ମିଳିଛି। ଉଭୟଙ୍କୁ ଖାରବେଳ ନଗର ଥାନାରେ ଟ୍ରାଭେଲ୍ସ ବିଲ୍ ଠକେଇ ଅଭିଯୋଗରେ ହୋଇଥିବା ମାମଲାରେ ହାଇକୋର୍ଟ ଜାମିନ୍ ପ୍ରଦାନ କରିଛନ୍ତି। ୨ ଲକ୍ଷ ଟଙ୍କାର ୨ ଜଣଙ୍କ ଜାମିନଦାରଙ୍କ ବଦଳରେ ଏହି ଜାମିନ୍ ମିଳିଛି। ଏହା ପୂର୍ବରୁ ଜାନୁଆରୀ ୨୭ ତାରିଖରେଆୟ ବହିର୍ଭୂତ ସଂପତି ଠୁଳ ମାମଲାରେ ଭିଜିଲାନ୍ସ କୋର୍ଟ ଜାମିନ ଦେଇଥିଲେ। ଭିଜିଲାନ୍ସ କେସରେ ଉଭୟଙ୍କୁ ଜାମିନ



ମିଳିଥିଲେ ମଧ କ୍ରାଇମବ୍ରାଂଚ ମାମଲା ବଳବତର ରହିଥିଲା। ଗତ ଫେବୃଆରୀ ୨୪ ତାରିଖରେ ଠକେଇ ଓ ଅନ୍ୟାନ୍ୟ ମାମଲାରେ ଫସିଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ସର୍ତମୂଳକ ଜାମିନ୍ ଦେଇଥିଲେ ହାଇକୋର୍ଟ। ସୂଚନାଯୋଗ୍ୟ, ଆଇଏଫଏସ ଅଭୟ ଓ ତାଙ୍କ ପୁଅ ଆକାଶ ତଥା ଭାବୀ ଶ୍ୱଶୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଏବଂ ତାଙ୍କ ପରିବାର ଚାର୍ଟର ବିମାନରେ ବିଦେଶ ଭ୍ରମଣ କରୁଥିଲେ। ଏ ବାବଦରେ ଭୁବନେଶ୍ୱରର ସ୍କାଏ କିଙ୍ଗ ନାମକ ଏକ ଟ୍ରାଭେଲ ସଂସ୍ଥାକୁ ଟଙ୍କା ଦେଇ ନଥିବାର ଅଭିଯୋଗ ହୋଇଥିଲା।

## ଦୁର୍ବୃତ୍ତଙ୍କ ଗୁଳି ମାଡରେ ସୁନା ଦୋକାନୀଙ୍କ ମୃତ୍ୟୁ

ସୁନ୍ଦରଗଡ଼,୦୧/୦୩ ଦୁର୍ବୃତ୍ତଙ୍କ ଗୁଳି ମାଡରେ ସୁନା ଦୋକାନୀଙ୍କ ମୃତ୍ୟୁ । ସୁନ୍ଦରଗଡ଼ ବଡ଼ଗାଁରେ ଘଟିଛି ଏହି ଦୁଃଖଦ ଘଟଣା । ବଡଗାଁ ମୁଖ୍ୟ ରାସ୍ତା କଡ଼ରେ ଥିବା ମା ମଙ୍ଗଳା ଜୁଏଲାରୀ ଦୋକାନ ସାମ୍ନାରେ ଜୁଏଲାରୀ ଦୋକାନ ମାଲିକଙ୍କ ପୁଅଙ୍କୁ ୨ ରାଉଣ୍ଡ ଗୁଳି କରି ଫେରାର ହୋଇଯାଇଥିଲେ ଦୁର୍ବୃତ୍ତ । ଗୁଳି ଦୋକାନ ମାଲିକଙ୍କ ପୁଅର ମୁଣ୍ଡ ଓ ପେଟରେ ବାଜିଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ ଦୋକାନ ମାଲିକଙ୍କ ପୁଅର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଜୁଏଲାରୀ ଦୋକାନ ଆଗରେ ଥିବା ଦୋକାନ ମାଲିକଙ୍କ ପୁଅକୁ ଦୁଇ ଦୁର୍ବୃତ୍ତ ଏକ ବାଇକରେ ଆସି ଦୁଇ ରାଉଣ୍ଡ ଗୁଳି କରି ଖସିଯାଇଥିଲେ । ତେବେ ଗୁଳି ମାଡ ସମୟରେ ସରୋଜ ଦାସ ନାମକ ଜଣେ ସ୍ଥାନୀୟ ବ୍ୟକ୍ତି ମଧ ଗୁରୁତର ହୋଇଛନ୍ତି । ତେବେ ଗୁଳିମାଡ଼ର କାରଣ ଅସ୍ପଷ୍ଟ ରହିଛି ।

## କଟକଣା ମଧ୍ୟରେ ହେବ ଲିଙ୍ଗରାଜଙ୍କ ଜାଗର ଯାତ୍ରା

ଭୁବନେଶ୍ୱର,୦୧/୦୩ (ନି.ପ୍ର): ଚଳିତବର୍ଷ କୋଭିଡ୍ ଗାଇଡ ଲାଇନ୍ ମଧ୍ୟରେ ଭୁବନେଶ୍ୱରସ୍ଥ ଲିଙ୍ଗରାଜ ମହାପ୍ରଭୁଙ୍କ ପ୍ରସିଦ୍ଧ ଜାଗର ଯାତ୍ରା କରିବାକୁ ସ୍ଥିର ହୋଇଛି। ମହାଶିବରାତ୍ରୀରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ୧୦ ବର୍ଷରୁ କମ୍ ବୟସର ପିଲାଙ୍କୁ ମନ୍ଦିର ଭିତରେ ପ୍ରବେଶ ଉପରେ କଟକଣା ରଖାଯାଇଛି। ଭକ୍ତମାନଙ୍କୁ ମନ୍ଦିର ଗର୍ଭଗୃହ ମଧ୍ୟକୁ ପ୍ରବେଶ ଉପରେ କଟକଣା ରହିବ। କେବଳ ଆଡ଼କାଠରେ ରହି ଦର୍ଶନ କରିହେବ। ସମ୍ପୂର୍ଣ୍ଣ ବ୍ୟାରିକେଡ୍ ଭିତରେ ନିୟମ ଅନୁସାରେ ଭକ୍ତ



ଦର୍ଶନ କରିବେ। ଶ୍ରଦ୍ଧାଳୁଙ୍କ ପାଇଁ ଛାଇ ଓ ପିଇବା ପାଣିର ବ୍ୟବସ୍ଥା କରାଯିବ। ବୋଲି ଭୁବନେଶ୍ୱର ମହାନଗର ନିଗମ କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀଙ୍କ ଅଧକ୍ଷତାରେ ଏହି ନିଷ୍ପତି ନିଆଯାଇଛି।

## ବରକନ୍ୟା ସାଜିଲେ ସବ୍ୟସାଚୀ ଓ ଅର୍ଚ୍ଚିତା

ଭୁବନେଶ୍ୱର,୦୧/୦୩ (ନି.ପ୍ର): ତାଙ୍କୁ ପ୍ରେମ ଜର ହୋଇଥିଲା, ପ୍ରିୟାର ଛମଛମ ପାଉଁଜି ତାଙ୍କୁ ପାଗଳ କରିଥିଲା । ଆଉ ସେ ପାଲଟିଗଲେ ପାଗଳପ୍ରେମୀ । କେବେ ସପନର ସୌଦାଗର ସାଜି ଛାତି ତଳେ ଡିଙ୍ଗଡଙ୍ଗ କରିଛନ୍ତି ତ କେବେ ଦୁବାଇରେ ଦିଲ୍ ହଜାଇ ପ୍ରେମିକାକୁ ଆଣିଦେଇଛନ୍ତି ଲକ୍ଷେ ଫଗୁଣ । ମୁଁ ଏକା ତୁମର କହି ସ୍ମାଇଲ ପ୍ଲିଜର ସଙ୍କେତ ଦେଇ ପ୍ରେମର ଠିକଣା ବତେଇଥିବା ସବ୍ୟସାଚୀ ଶେଷରେ ନାୟିକା ଅର୍ଚ୍ଚିତାଙ୍କ ହାତ ଧରି ତୋର ମୋର ଯୋଡି ସୁନ୍ଦର କହିବାକୁ ଯାଉଛନ୍ତି । ହଁ ଆଜି ଓଲିଉଡର ସୁପରହିଟ ଯୋଡି ସବ୍ୟସାଚୀ – ଅର୍ଚ୍ଚିତାଙ୍କ ବିବାହ ହେବାକୁ ଯାଉଛି । ରିଲ ଲାଇଫରୁ ରିଏଲ ଲାଇଫର ଯୋଡି ବନିବେ



ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅର୍ଚ୍ଚିତା ସାହୁ । ସିନେ ପରଦାରେ ଦର୍ଶକ ଦୁଇ ଯୋଡିଙ୍କୁ ବେଶ ପସନ୍ଦ କରିଥିବା ବେଳେ ଏବେ ସତସତିକା ଜୀବନର ଯୋଡି ବନୁଛନ୍ତି ସବ୍ୟ-ଅର୍ଚ୍ଚିତା ।

▶▶ପୃଷ୍ଠା ୭

## ଭୁବନେଶ୍ୱର-ବାଙ୍ଗିରିପୋଷି ବିଶେଷ ଟ୍ରେନ ସେବା ବୃଦ୍ଧି

ଭୁବନେଶ୍ୱର,୦୧/୦୩ (ନି.ପ୍ର): ୦୨୮୯୨/୦୨୮୯୧ ଭୁବନେଶ୍ୱର-ବାଙ୍ଗିରିପୋଷି-ଭୁବନେଶ୍ୱର ବିଶେଷ ଟ୍ରେନ ସେବାକୁ ମାର୍ଚ୍ଚ ମାସ ପହିଲା ଠାରୁ ପରବର୍ତୀ ଆଦେଶ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତି ନିଆଯାଇଛି ।ଏହା ଭୁବନେଶ୍ୱରରୁ ମାର୍ଚ୍ଚ ମାସ ପହିଲା ଠାରୁ ଏବଂ ବାଙ୍ଗିରିପୋଷିରୁ ମାର୍ଚ୍ଚ ମାସ ୨ ତାରିଖ ଠାରୁ ଚଳାଚଳ କରିବ ।ଭୁବନେଶ୍ୱରରୁ ଏହି ଟ୍ରେନ୍ ସନ୍ଧ୍ୟା ୫ଟା୩୦ମି.ରେ ଛାଡି ବାଙ୍ଗିରିପୋଷିରେ ରାତି ୧୨ଟା୦୫ମି.ରେ ପହଂଚିବାକୁ ଥିବାବେଳେ ଫେରିବା ପଥରେ ଏହି ଟ୍ରେନ ବାଙ୍ଗିରିପୋଷୀରୁ ଭୋର ୪ଟା୨୦ମି.ରେ ଛାଡି ଭୁବନେଶ୍ୱର ଠାରେ ପୂର୍ବାହ୍ନ ୧୦ ଟାରେ ପହଂଚିବ। ଏହି ଟ୍ରେନ ଭୁବନେଶ୍ୱର ଓ ବାଙ୍ଗିରିପୋଷି ମଧରେ ଉଭୟ ପାର୍ଶ୍ୱରୁ କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, ମାର୍କୋଣା, ସୋରୋ, ବେଲେଶ୍ୱର, ରୁପ୍ସା, ଠାକୁରତୋଟା, ଜଗପୁରା, ଜୋଗଲ, ବେତନଟୀ, କୃଷ୍ଣଚନ୍ଦ୍ରପୁର, ବାରିପଦା ଓ ରାଜଲୁକା ଷ୍ଟେସନ ମାନଙ୍କରେ ରହଣି କରିବାକୁ ଥିବାବେଳେ ଏହି ଟ୍ରେନ ଗଠନରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଚେୟାର୍ କାର୍ , ନଅଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ ଏବଂ ଦୁଇଟି ଗାର୍ଡ ତଥା ଦ୍ୱିତୀୟ ଶ୍ରେଣୀ ଉପଲବ୍ଧ ଅଛି । ଅପରପକ୍ଷରେ ୧ ମାର୍ଚ୍ଚରୁ ୩୧ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ବାମ୍ରା ଠାରେ ୦୨୮୬୧/୦୨୮୬୨ ରାଉରକେଲା-ଭୁବନେଶ୍ୱର-ରାଉରକେଲା ସ୍ପେଶାଲ୍ ବନ୍ଦ କରିବାକୁ ମଧ ନିଷ୍ପତି ନିଆଯାଇଛି। ନିର୍ଦ୍ଧାରିତ ଷ୍ଟେସନରେ ଏହି ଟ୍ରେନ୍ ପାଇଁ ଅଟକି ରହିବ ନାହିଁ।

## ଲୋକସେବା ଆୟୋଗର ଅଧକ୍ଷ ଭାବେ ଯୋଗଦେଲେ ସତ୍ୟଜିତ ମହାନ୍ତି

ଭୁବନେଶ୍ୱର,୦୧/୦୩(ନି.ପ୍ର): ଡକ୍ଟର ସତ୍ୟଜିତ୍ ମହାନ୍ତି ଓଡିଶା ଲୋକସେବା ଆୟୋଗର ଅଧକ୍ଷ ଭାବେ ଯୋଗଦେଇଛନ୍ତି । ଡକ୍ଟର ମହାନ୍ତି ୧୯୮୮ ମସିହାରେ ଭାରତୀୟ ପୋଲିସ୍ ସେବାରେ ଯୋଗଦେଇଥିଲେ । ତାଙ୍କର ଦୀର୍ଘ ୩୩ ବର୍ଷର ବର୍ଷର ବୃତିଗତ ଜୀବନକାଳ ମଧରେ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ତଥା



ରେଞ୍ଜ(ଅଂଚଳ)ମାନଙ୍କରେ ଯଥାକ୍ରମେ ଆରକ୍ଷୀ ଅଧୀକ୍ଷକ, ଆରକ୍ଷୀ ଉପ-ମହାନିରୀକ୍ଷକ ଏବଂ ଆରକ୍ଷୀ ମହାନିରୀକ୍ଷକ ଭାବରେ ଅବସ୍ଥାପିତ ହୋଇ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ଏତଦ୍ ବ୍ୟତିତ ସେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ, ରାଜ୍ୟ ପରିବହନ ବିଭାଗ, ରାଜ୍ୟ ପୁଲିସ୍ ଗୃହ ନିର୍ମାଣ ନିଗମ, ବିଜୁପଟ୍ଟନାୟକ ରାଜ୍ୟ ପୁଲିସ୍ ଏକାଡେମୀ,

▶▶ପୃଷ୍ଠା ୭

# ବାରିପଦା ପୌରପରିଷଦ ଦ୍ୱାରା ସ୍ୱଚ୍ଛ ଚର୍ଚ୍ଚା ଦିବସ ଓ 'ବଡା ଖାନା' କାର୍ଯ୍ୟକ୍ରମ




ବାରିପଦା,୧୩ (ନି.ପ୍ର): ବାରିପଦା ପୌରପରିଷଦର କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସ୍ୱଚ୍ଛ ଚର୍ଚ୍ଚା ଦିବସ ଉପଲକ୍ଷେ ପୌରପରିଷଦର ସମସ୍ତ ସଫେଇ କର୍ମଚାରୀ, ସଫେଇ ଜମାଦାର , ସ୍ୱଚ୍ଛ ସାଥି ,ସ୍ୱଚ୍ଛ ସୁପରଭାଇଜରଙ୍କ ନିମନ୍ତେ ଏକ "ବଡା ଖାନା" ର ଆୟୋଜନ କରାଯାଇଥିଲା ଓ ଉକ୍ତ ଉତ୍ସବରେ ଜିଲ୍ଲାପାଳ ତଥା ବାରିପଦା ପୌରପାରିଷଦର ପ୍ରଶାସକ ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜ ,ଭା.ପ୍ର.ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସହରାଞ୍ଚଳରେ ସଫେଇ କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବାସହିତ ଆଗକୁ କିପରି ବାରିପଦା ସହର ସଫେଇରେ କିପରି ଉଚ୍ଚ ସ୍ଥାନ ଅଧିକାର କରିପାରିବ ସେଥିପ୍ରତି ସମସ୍ତଙ୍କର ସହଯୋଗ କାମନା କରିଥିଲେ ଓ ଏହି ସ୍ୱଚ୍ଛ ଚର୍ଚ୍ଚା ଦିବସ ଅବସରରେ ସଦର ଉପ ଜିଲ୍ଲାପାଳ ତଥା ବାରିପଦା ପୌରପାରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପି .ଅନ୍ୱେଷା ରେଡିଙ୍କ ପୌରାଧିତ୍ୟରେ ଆୟୋଜିତ ସଭାରେ ବିଭିନ୍ନ ସଫେଇ ସମ୍ବନ୍ଧିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ଓ ସେଥିମଧ୍ୟରୁ ବର୍ଜ୍ୟ ବସ୍ତୁ ସଂଗ୍ରହ ନିମନ୍ତେ ଏକ ସଙ୍ଗୀତ ଝଙ୍କାର , ସ୍ୱଚ୍ଛ ବାରିପଦା ମୋବାଇଲ ଆପ୍ସ ଓ ବର୍ଯ୍ୟ ବସ୍ତୁ ପରିଚାଳନା ପାଇଁ ବ୍ୟବହାରିକ ଦେୟ ର ଶୁଭାରମ୍ଭ କରାଯାଇଥିଲା ଓ ପୌରପରିଷଦ ତରଫରୁ ବ୍ୟବହାରିକ ଦେୟ ନିମନ୍ତେ ୨୮ ଗୋଟି ୱାର୍ଡ ରେ ଥିବା ପ୍ରତେକ ବାସଗୃହ ପ୍ରତି ମାସିକ ୩୦ ଟଙ୍କା , ଖୁଚୁରା ବିକ୍ରେତାଙ୍କ ନିମନ୍ତେ ମାସିକ ୫୦ ଟଙ୍କା ,ବ୍ୟବସାୟିକ ପ୍ରତିଷ୍ଠାନ ଯଥା (ଜଳଖିଆ ଦୋକାନ , ହୋଟେଲ ଇତ୍ୟାଦି ) ଙ୍କ ନିମନ୍ତେ ମାସିକ ୧୦୦ ଟଙ୍କା ଏବଂ ଅଧିକ ବର୍ଜ୍ୟ ବସ୍ତୁ ନିର୍ଗତକାରୀ ଯଥା (ଆପାର୍ଟମେଣ୍ଟ , ରେଷ୍ଟୋରାଁ , କଲ୍ୟାଣ ମଣ୍ଡପ ଇତ୍ୟାଦି ) ଙ୍କ ନିମନ୍ତେ ମାସିକ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଅଛି ତତ୍ସହିତ ଯେଉଁ ଦେୟ ପ୍ରଦାନକାରୀମାନେ ଏକ ବର୍ଷର ଦେୟ ଏକାଥରେ ଦେବେ ସେମାନଙ୍କୁ ୨ ମାସର ରିହାତି ଏବଂ ଯେଉଁ ଦେୟ ପ୍ରଦାନକାରୀମାନେ ୬ ମାସ ର ଦେୟ ଏକାଥରେ ଦେବେ ସେମାନଙ୍କୁ ୧ ମାସ ରିହାତିର ସୁବିଧା କରାଯାଇଅଛି ଏବଂ ଉକ୍ତ ଦେୟ ନିମନ୍ତେ ପ୍ରତେକ ୱାର୍ଡ ରେ ନିୟୋଜିତ ହୋଇଥିବା ସ୍ୱଚ୍ଛ ସାଥି ,ସ୍ୱଚ୍ଛ ସୁପରଭାଇଜରଙ୍କ ଦ୍ୱାରା ଆଦାୟ କାରାଯିବା ନିମନ୍ତେ ଧାର୍ଯ୍ୟ କରାଯାଇଅଛି ଓ ଏହି ଅବସରରେ ସର୍ବପ୍ରଥମେ ଜିଲ୍ଲାପାଳ ଏବଂ ନିର୍ବାହୀ ଅଧିକାରୀ ୩୦୦ ଟଙ୍କା ଲେଖାଏଁ ଏକବର୍ଷ ନିମନ୍ତେ ରିହାତି ମୂଲ୍ୟରେ ବ୍ୟବହାରିକ ଦେୟ ପ୍ରଦାନ କରିବା ସହିତ ସ୍ୱଚ୍ଛ ସାଥୀଙ୍କ ଠାରୁ ରସିଦ ଗ୍ରହଣ କରିଥିଲେ ଓ ସଫେଇ କାର୍ଯ୍ୟକ୍ରମରେ ବଳିଷ୍ଠ ଅବଦାନାପାଇଁ ତିନି ଜଣ ସଫେଇ କର୍ମଚାରୀ, ତିନି ଜଣ ସ୍ୱଚ୍ଛ ସାଥି ଏବଂ ଜଣେ ସ୍ୱଚ୍ଛ ସୁପରଭାଇଜର ଙ୍କୁ ସମ୍ମାନିତ କାରାଯିବା ସଂଗେ ସଂଗେ ସହରରେଥିବା ଜୀବନଦୀପ ହସ୍ପିଟାଲର ଡ଼ା.କେ. ସି . ମହାନ୍ତି , ବାଲାଜୀ ହୋଟେଲର ନବୀନ ଅଗ୍ରୱାଲ ଏବଂ ମାର୍କେଟ ଆସୋସିଏସନ ର ସରୋଜ କୁମାର ବୋଷଙ୍କୁ ମଧ ସେମାନଙ୍କର ସହଯୋଗ ପାଇଁ ସମ୍ମାନିତ କରାଯାଇଥିଲା ଓ ଏହି ସଭାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ୫ମ , ୬ଷ୍ଟ ଓ ୭ମ ପର୍ଯ୍ୟାୟ ନିମନ୍ତେ ୧୦ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ଓସର୍ବଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ସମସ୍ତଙ୍କୁ ଘରୁ ଏବଂ ଦୋକାନ ବଜାର ରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁକୁ ରାସ୍ତା ଏବଂ ଡ୍ରେନ ରେ ନ ପକାଇ ପୌରପରିଷଦ ଦ୍ୱାରା ନିୟୋଜିତ ଅଳିଆ ଗାଡ଼ିରେ ଦେବାପାଇଁ ସହର ବାସୀଙ୍କୁ ଅନୁରୋଧ କରିଥିଲେ ଓ ଉକ୍ତ ସଭାକୁ ଉଜ୍ଜ୍ୱଳ କୁମାର ବେହେରା, ଗୌରୀ ଶଙ୍କର ନାୟକ , ସନ୍ତୋଷ କୁମାର ମହାନ୍ତି ,ସାର୍ଥକ ପ୍ରୟାସ ପାତ୍ର,ଅମ୍ଳାନ ପଟନାୟକ ଓ ବିଶେଶ୍ୱର ବେହେରା ପରିଚାଳନା କରିଥିଲେ ଓ ସଭାକାର୍ଯ୍ୟ ସମାପ୍ତ ପରେ ଉପସ୍ଥିତ ସମସ୍ତଙ୍କୁ କାର୍ଯ୍ୟରେ ଉତ୍ସାହିତ କରିବା ନିମନ୍ତେ ଜିଲ୍ଲାପାଳ ଏବଂ ନିର୍ବହୀଅଧିକାରୀ "ବଡା ଖାନା" କାର୍ଯ୍ୟକ୍ରମରେ ସୁସ୍ୱାଦୁ ବ୍ୟଞ୍ଜନ ପରସିଥିଲେ ।

# ତୈଳଦର ଏବଂ ଗ୍ୟାସ ଦର ବୃଦ୍ଧିର କାରଣ କଣ ଶୀତଦିନ ?: ନିରଞ୍ଜନ

ଭୁବନେଶ୍ୱର,୧୩ (ନି.ପ୍ର): ବିଗତ କିଛି ଦିନ ଧରି ବିଭିନ୍ନ ଗଣମାଧମର ପ୍ରଶ୍ନର ଉତର ରଖି କେନ୍ଦ୍ର ତୈଳ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ ତୈଳ ଦର ଏବଂ ରନ୍ଧନ ଗ୍ୟାସ ଦର ବୃଦ୍ଧି ଶୀତଦିନ ଯୋଗୁଁ ଅଧିକ ହେଉଛି ଶୀତଦିନ ସରିଗଲେ ଦର ହ୍ରାସ ପାଇବ । ଦ୍ୱିତୀୟ ପ୍ରମୁଖ କାରଣଟି ଡିଜେଲ ଏବଂ ପେଟ୍ରୋଲ ତଥା ଗ୍ୟାସର ଚାହିଦା ବୃଦ୍ଧିଯୋଗୁଁ ଏବଂ ଅର୍ନ୍ତଦେଶୀୟ ବଜାରରେ କଂଚା ତୈଳ ବା ଗ୍ୟାସଲୋନିର ଦର ବୃଦ୍ଧି ଯୋଗୁଁ ଏ ବୃଦ୍ଧି ଘଟୁଛି । କିନ୍ତୁ ଏହି ତିନୋଟି ଯାକ କାରଣ ସଂପୂର୍ଣ୍ଣରୂପେ ଅସତ୍ୟ ଉପରେ ପର୍ଯ୍ୟବେସିତ ଏବଂ ଏହା ଏକ ମନଗଢ଼ା କାହାଣୀ ବୋଲି ଆଜି ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି । ୨୦୧୭ ମସିହା ଠାରୁ କ୍ରମାଗତ ଭାବରେ ଅର୍ନ୍ତଦେଶୀୟ ବଜାରରେ ଗ୍ୟାସୋଲିନ ବା କଂଚା ତୈଳର ଦାମ ବହୁ ମାତ୍ରାରେ କମିଯାଇଛି । ଯଦି ଶୀତଦିନ ଯୋଗୁଁ ତୈଳ ଏବଂ ଜାଳେଣିଗ୍ୟାସର ଦର ବହୁମାତ୍ରାରେ ବୃଦ୍ଧି ଘଟିଛି ତାହେଲେ ୨୦୧୭, ୧୮ ଏବଂ ୧୯ ମସିହାର ଶୀତଦିନରେ ଯେତେବେଳେ ଅର୍ନ୍ତଦେଶୀୟ ବଜାର ଆଜିର ଦର ଠାରୁ କଂଚା ତୈଳ ବ୍ୟାରେଲ ବହୁ ଅଧିକ ଥିଲା, ସେତେବେଳେ କାହିଁକି ଓ କିପରି ପେଟ୍ରୋଲ, ଡିଜେଲ ଏବଂ ଜ୍ୟାଳେଣି ଗ୍ୟାସର ଦାମ ଆଜି ଦିନଠାରୁ କମ୍‌ରେ ମିଳୁଥିଲା ? ତେଣୁ ଶୀତଦିନର ବାହାନା ନକରି ସତ୍ୟକହିବା ଉଚିତ୍ । ୨୦୧୩-୧୪ ମସିହାରେ ହାରାହାରି କଂଚା ତୈଳର ଦର ପାଖାପାଖି ଡଲାର ୧୦୭ ରୁ ୧୪୧ ଡଲାର ପର୍ଯ୍ୟନ୍ତ ପର ବ୍ୟାରେଲ ବୃଦ୍ଧି ପାଇଥିଲା । ଭାରତବର୍ଷ ସାଧାରଣତଃ ବ୍ରେଣ୍ଟ କ୍ରୁଡ କ୍ରୟ ମାଧମରେ ବିଦେଶରୁ ଆମଦାନି କରିଥାଏ । ଇରାକ, ଇରାନ ଓ ସାଉଦିଆରବରେ ଏବଂ ୟୁନାଟେଡ ଆରବ ଏମିରେଟସ୍ ଦେଶ ଗୁଡ଼ିକ ଭାରତକୁ କଂଚା ତୈଳ ବା ଗ୍ୟାସୋଲିନ୍ ଯୋଗାଇଥାନ୍ତି । ୨୦୨୦ ମସିହା କୋଭିଡ-୧୯ ଲକ୍ ଡାଉନ୍ ସମୟରେ କଂଚା ତୈଳ ଦର ବିଶ୍ୱବଜାରରେ ସବୁଠାରୁ ନ୍ୟୁନତମ ସ୍ତର ଡଲାର-୨୦ ପର ବ୍ୟାରେଲକୁ ଖସିଗଲା । ଏହା ପାଖାପାଖି ଦୀର୍ଘ ସମୟ ଧରି ଏହି ଦାମ ରହିଲା । ୨୦୨୦ ମସିହା ମାର୍ଚ୍ଚମାସ ସାରା ବିଶ୍ୱରେ ଲକଡାଉନ ହେବା ଯୋଗୁଁ ପାଖାପାଖି ୯ ମାସରୁ ଅଧିକ ହାରାହାରୀ ଡଲାର ୩୫ ର କମ ପର ବ୍ୟାରେଲ ରହିଲା । କିନ୍ତୁ ଏହି ସମୟ ଭିତରେ ପେଟ୍ରୋଲ ଓ ଡିଜେଲ ଦର କମିବା ପରିବର୍ତେ କେନ୍ଦ୍ର ସରକାର ଅଧିକରୁ ଅଧିକ କର ବୃଦ୍ଧିକଲେ । ଏପରିକି ମହାମାରୀ ସମୟରେ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ୧୬ଟଙ୍କା ଓ ତେର ଟଙ୍କା ଅଧିକ କର ବୃଦ୍ଧିକଲେ । ଲୋକ ରୋଜଗାର ଶୂନ୍ୟ, ବେରୋଜଗାରୀ ୪୫ ବର୍ଷର ରେକଡ଼ ଭାଙ୍ଗି ସାରିଛି ସେହି ସମୟରେ ଗୋଟିଏ ଲିଟର ପେଟ୍ରୋଲର ମୂଳ ମୂଲ୍ୟ ପାଖାପାଖି ୩୪ ଟଙ୍କା ଥିଲା ବେଳେ କେବଳ କର ବୋଝ ୫୩.୫୧ ଟଙ୍କା ଦେବାକୁ ପଡୁଛି । ଏହି ୫୩.୫୧ ପଇସା ଭିତରୁ କେନ୍ଦ୍ର ସରକାର ୩୨ଟଙ୍କା ୯୮ ପଇସା ରାଜ୍ୟ ସରକାର ପାଖାପାଖି ୧୬ଟଙ୍କା ୬୦ ପଇସା ପର ଲିଟର ଠିକ୍ ସେହିଭଳି ଭାବରେ କେନ୍ଦ୍ର ସରକାର ଗୋଟେ ଲିଟର ଡିଜେଲରୁ ୩୧ଟଙ୍କା ୮୩ ପାଇସା ଏକ୍ସାଇଜ ଡ୍ୟୁଟି ଆଦାୟ କରୁଥିବା ବେଳେ ରାଜ୍ୟ ସରକାର ୧୪ ଟଙ୍କା ୩୪ ପଇସା ଭାଟ ବାବଦରେ ଆଦାୟ କରୁଛନ୍ତି ।

## ଜୁମୁଡାଙ୍ଗ ଗାଁର ପିଲା ବିଦ୍ୟାଳୟରେ ଲେଖାଇଲେ ନାମ

ମାଲକାନଗିରି,୧୩ (ନି.ପ୍ର): ଗତ ଦୁଇ ଦିନତଳେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ଧୂଳିପୁଟ ପଂଚାୟତ ଜୁମଡାଙ୍ଗ ଗ୍ରାମକୁ ଯାଇ ପିଲା ମାନଙ୍କୁ ବିଦ୍ୟାଳୟ ଆଣି ପାଠ ପଢ଼ାଇବାକୁ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ ଉକ୍ତ ଗ୍ରାମକୁ ଯାଇଥିଲେ । ଗାଁ ଟି ଓଡିଶା ଓ ଆନ୍ଧ୍ର ସିମାନ୍ତ ଥିବାରୁ ଏହି ଗାଁ ର ପିଲାମାନେ ଓଡ଼ିଆ ପାଠ ନପଢି ତେଲୁଗୁ ରେ ପାଠ ପଢୁଥିଲେ । ପୂର୍ବ ପ୍ରତିଶୃତି ଅନୁଯାଇ ଆଜି ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ଧୂଳିପୁଟ ପଂଚାୟତ ଜୁମଡାଙ୍ଗ ଗାଁର ୧୪ ଜଣ ଛାତ୍ର-ଛାତ୍ରୀଙ୍କୁ ବଡପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଯାଇଛି । ଓଡ଼ିଶା ଆନ୍ଧ୍ର ସୀମାନ୍ତରେ ଥିବା ଜୁମଡାଙ୍ଗ ଅଂଚଳଟି ଏବେ କେତେ ଦିନ ହେଲା ବେଶ ଚର୍ଚ୍ଚାରେ ରହିଥିଲା । ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଏକ ଅଭିନବ ପ୍ରୟାସ କରିଛନ୍ତି । ଜୁମଡାଙ୍ଗ ଗାଁର ଛାତ୍ର-ଛାତ୍ରୀଙ୍କୁ ଗାଡ଼ିକରି ଆଣି ବଡପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଯାଇଛି । ଛାତ୍ର-ଛାତ୍ରୀଙ୍କୁ ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଞ୍ଜନ ଚୌଧରି, ସିଆର ସି ପିତାମ୍ବର ଖରା, ପୂର୍ବତନ ସିଆରସି ନିତାଇ ରାୟ ଛାତ୍ର-ଛାତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମ ଜୁମଡାଙ୍ଗ ଅଂଚଳର ନଗେଶେ ଖିଲ, ସୀତାରାମ ହନ୍ତାଲ, ରାମ ହନ୍ତାଲ ସହଯୋଗ କରିଥିଲେ । ୬ଜଣ ବାଳିକା,ଆଠ ଜଣ ବାଳକ ନାମ ଲେଖାଇଛନ୍ତି । ଏହା ସହ ଛାତ୍ର-ଛାତ୍ରୀଙ୍କୁ ବହି, ଖାତା, ପୋଷାକ, ଜୋତା ପ୍ରଦାନ କରାଯାଇଥିଲା । ଛାତ୍ର ଛାତ୍ରୀ ମାନଙ୍କର ଆଧାର କାର୍ଡ ନଥିବାରୁ ସେମାନଙ୍କୁ ଯଥା ଶୀଘ୍ର ଆଧାର କାର୍ଡ ଯୋଗେଇ ଦେବାକୁ ପଦକ୍ଷେପ ନିଆଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ କହିଛନ୍ତି ।ଏହି ପଦକ୍ଷେପ ଜୁମ ଡାଙ୍ଗ ଅଂଚଳର ଲୋକମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଶଂସା କରିଛନ୍ତି । କିଛି ଦିନ ତଳେ ଚିତ୍ରକୋଣ୍ଡା ଆଇସିଡିଏସ ସିଡିପିଓ ଗୀତାଞ୍ଜଳି ମହାରଣା ଉକ୍ତ ଗ୍ରାମକୁ ଯାଇଥିଲେ ଉକ୍ତ ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନେବା ସହ ଅଙ୍ଗନବାଡି କର୍ମି ନିଯୁକ୍ତି ନିମନ୍ତେ ବିଜ୍ଞାପନ କରିଛନ୍ତି ଖୁବ ଶୀଘ୍ର ଅଙ୍ଗନବାଡି କେନ୍ଦ୍ର ଖୋଲାଯିବ ବୋଲି ସୁଚନା ମିଳିଛି ।

# ପୁରୀର ବିକାଶ ପାଇଁ ୧୭୫ କୋଟି ଟଙ୍କା ଦେବ କେନ୍ଦ୍ର

ପୁରୀ,୧୩ (ନି.ପ୍ର): ଚାରିଧାମ ମଧ୍ୟରୁ ଅନ୍ୟତମ ଧାମ ଶ୍ରୀକ୍ଷେତ୍ର ଧାମକୁ କେନ୍ଦ୍ର ସରକାର ସମସ୍ତ ସାହାର୍ଯ୍ୟ ସହଯୋଗ ଯୋଗାଉ ଦେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ । ପୁରୀର ଉନ୍ନତିକରଣ ପାଇଁ କେନ୍ଦ୍ର ସରକାର ୧୫ତମ ଫାଇନାନ୍ସ କମିଶନରେ ୧୭୫କୋଟି ଟଙ୍କା ପୁରୀର ବିକାଶ ପାଇଁ ଯୋଜନା କରିଥିବା କେନ୍ଦ୍ର ପେଟ୍ରୋଲିୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଝାଡେଶ୍ୱରୀ କ୍ଲବଠାରେ କମ୍ୟୁନିଟ ସେ ରକୁ ଶୁଭଟଦଘାଟନ କରି କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀର ବିକାଶ ପାଇଁ ସଦାବେଳେ ଉଦ୍ୟମ ଜାରି ରଖିଛନ୍ତି । ଶ୍ରୀକ୍ଷେତ୍ରର ଉନ୍ନତି ପାଇଁ ହିନ୍ଦୁ ଧର୍ମାବଲମ୍ବୀ ତୀର୍ଥଯାତ୍ରୀଙ୍କ ଶ୍ରୀଜଗନ୍ନାଥ ଦର୍ଶନ କରିବା ପାଇଁ ଅନେକ ଭିତିଭୂମିର ବିକାଶ କରାଯିବା ପାଇଁ କେନ୍ଦ୍ର ସରକାର ଯୋଜନା ରଖିଛନ୍ତି । ଆଜି ଅପରାହ୍ନରେ ୧୮ଲକ୍ଷ ଟଙ୍କା ବ୍ୟୟରେ ବାସେଲୀ ସାହି କମ୍ୟୁନିଟ ହଲ ଓ ୨୨ଲକ୍ଷ ଟଙ୍କାର ଝାଡେଶ୍ୱରୀ କ୍ଲବର କମ୍ୟୁନିଟ୍ ସେ ରକୁ ଲୋକର୍ପିତ କରିଥିଲେ । ଏହାସହ ବାଲିସାହି ହିଞ୍ଜଳଯାଗାରେ ୪୯ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟ୍ ହଲ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଥିଲେ । କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିନ ନାଲକୋ ଗାନ୍ଧୀପାର୍କର ଉନ୍ନତିକରଣ କରିଛନ୍ତି । ସମୁଦ୍ରକୂଳକୁ ସିଧାସଳଖ ପର୍ଯ୍ୟଟକଙ୍କ ବସ ଯିବା ପାଇଁ ହରେକୃଷ୍ଣପୁରଠାରୁ ମଙ୍ଗଳାଘାଟ ଦେଇ ଷ୍ଟର୍ଲିଂ ହୋଟେଲ ନିକଟରେ ଜାତୀୟ ରାଜପଥ ସଂଯୋଗ କରିଛି । ଯାହାଫଳରେ ପର୍ଯ୍ୟଟକମାନେ ସିଧାସଳଖ ସମୁଦ୍ରକୂଳକୁ ଯାଇପାରିବେ । ପୁରୀକୁ ଆନ୍ତର୍ଜାତିୟ ସ୍ତରରେ ଅତ୍ୟାଧୁନିକ ସହର କରିବା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସାହାର୍ଯ୍ୟ ଯୋଗାଇ ଦେଉଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ଚିଲିକା ସେତୁ : କେନ୍ଦ୍ର ସରକାର ଓଡିଶାର ଯୋଗାଯୋଗ କ୍ଷେତ୍ରରେ ଉନ୍ନତିକରଣ ପାଇଁ ଗଞ୍ଜାମର ଗୋପାଳପୁରଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଉପକୂଳ ଜାତୀୟ ରାଜପଥ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ କରାଯିବ । ଯାହାଫଳରେ ପର୍ଯ୍ୟଟକ ଓ ଓଡିଶା ବାସୀ ସୁବିଧାରେ ଗମନାଗମନର ସୁବିଧା ପାଇପାରିବେ । ଟାଙ୍ଗିଠାରୁ ଚିଲିକା କୂଳେ କୂଳେ ସାତପଡା ପର୍ଯ୍ୟନ୍ତ ଉପକୂଳ ଜାତୀୟ ରାଜପଥ ନିର୍ମାଣ କରାଯିବ । ସାତପଡା ଠାରୁ ପୁରୀ, କୋଣାର୍କ, କାକଟପୁର, ଅସ୍ତରଙ୍ଗ ଦେଇ ବାଲେଶ୍ୱର ପର୍ଯ୍ୟନ୍ତ ଏହି ରାଜପଥ ନିର୍ମାଣ ହେବ । ଦ୍ୱିତୀୟ ପର୍ଯ୍ୟାୟରେ କୃଷ୍ଣପ୍ରସାଦ ଅ ଳବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଜହ୍ନିକୁଦାଠାରୁ ସାତପଡା ପର୍ଯ୍ୟନ୍ତ ଚିଲିକା ସେତୁ ନିର୍ମାଣ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ । ମାର୍ଚ୍ଚ ୧ରୁ ବରିଷ୍ଠ ନାଗରିକଙ୍କୁ କରୋନା ଟୀକା : ଭାରତର ଗରିବ ଜନସାଧାରଣ ଓ ବରିଷ୍ଠ ନାଗରିକଙ୍କୁ ଆସନ୍ତା କାଲିଠାରୁ ମାଗଣାରେ ସମସ୍ତ ସରକାରୀ ଚିକିତ୍ସାଳୟରେ କରୋନା ଟୀକା ପ୍ରଦାନ କରାଯିବା ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଭାରତର ଲୋକମାନଙ୍କୁ ସୁସ୍ଥ ରଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ । କ୍ରୀଡାବିତ୍‌ଙ୍କୁ ସମସ୍ତ ସହଯୋଗ କରାଯିବ : ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଉତ୍ସବରେ ଯୋଗଦେଇ କହିଲେ ଝଡେଶ୍ୱରୀ କ୍ଲବ କ୍ରୀଡା କ୍ଷେତ୍ରରେ ପୁରୀସହରର ଏକ୍ଟୁଡିଶାଳ । ଏଠାରୁ ବହୁ କ୍ରୀଡାବିତ୍ ଜିଲ୍ଲା, ରାଜ୍ୟ ଓ ଦେଶରେ ସୁନାମ ଅର୍ଜନ କରିଛନ୍ତି । ଏହି ଝାଡେଶ୍ୱରୀ କ୍ଲବକୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇ କ୍ରୀଡାବିତଙ୍କ ସମସ୍ତ ଉନ୍ନତି ପାଇଁ କେ୍ନ୍ଦ୍ର ସରକାର ସହଯୋଗ ଯୋଗାଇ ଦେବେ । ଦରକାର ପଡିଲେ ବିଧାୟକ ପାଣ୍ଠିରୁ ସେ ଏହାର ଉନ୍ନତି ପାଇଁ ଅର୍ଥ ଖର୍ଚ୍ଚ କରିବେ । ପୁରୀ ସହରର ସମସ୍ତ ଉନ୍ନତିକରଣ କାର୍ଯ୍ୟ ପାଇଁ କେନ୍ଦ୍ର ସରକାର ଅମାର ଖୋଲି ଦେଇଛନ୍ତି । ପୁରୀସହରର ସାଂସ୍କୃତିକ ଧାର୍ମିକ ଓ ସାମାଜିକ ଉନ୍ନତି ପାଇଁ ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସିଧାସଳଖ ସହଯୋଗ ରହିଛି । ଖୁବୁଶୀଘ୍ର ସିଦ୍ଧମହାବୀର ରେଲୱେ ଓଭରବ୍ରିଜ ନିର୍ମାଣ କରାଯିବ । ଏହି ବୈଠକରେ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଡଃ ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଗେଲ ଗ୍ୟାସ ଲିମିଟେଡର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏମ ଭି ରବି ସମେଶ୍ୱରୁଡ, ସିଏମଡ ମୋଏଲ ଏମ ପି ଚୌଧୁରୀ, ଝାଡେଶ୍ୱରୀ କ୍ଲବର ସଭାପତି କୃଷ୍ଣଚନ୍ଦ୍ର ଦାସ, ସଂପାଦକ ପାର୍ଥସାରଥୀ ମହାପାତ୍ର, ଗେଲ ଇଣ୍ଡିଆର କେଭି ସିଂ ପ୍ରମୁଖ ଯୋଗଦେଇଥିଲେ ।

## ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର,୧୩ (ନି.ପ୍ର): ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟମ କର୍ଣ୍ଣଧାର ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଶ୍ରାଦ୍ଧ ଦିବସ ଅବସରରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ନଗରରେ ଥବବା ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଛି । ମାଲ୍ୟାର୍ପଣ ସଭାରେ ଭିଏସଏସ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ତଥା ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ନାଗରିକ କମିଟିର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର କର, ଦୁର୍ଗାପୂଜା କମିଟିର ଉପ-ସଭାପତି ନିମାଇଁ ଚରଣ ଦାସ ଓ ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, ପୂର୍ବତନ କର୍ପୋରେଟରଙ୍କ ପ୍ରତିନିଧି ଅଜୟ ଜେନା, ଚକ୍ରଧର ତ୍ରିପାଠୀ ଓ ପ୍ରସନ୍ନ ରଥ ପ୍ରମୁଖ ବରପୁତ୍ରଙ୍କ ଗୁଣଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ପରିଷଦର କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ, ଦୁର୍ଗାପୂଜା କମିଟିର କୋଷାଧ୍ୟକ୍ଷ ପ୍ରତାପ ନନ୍ଦ, କ୍ଷେତ୍ର ମୋହନ ନାୟକ, ଉତ୍କଳ ସମ୍ମିଳନୀ ପକ୍ଷରୁ ଅକ୍ଷୟ ଜେଠୀ ଓ ପ୍ରକାଶ ସାମଲ, ଗୌରୀ ଶଙ୍କର ପ୍ରହରାଜ, ତ୍ରିଲୋଚନ ରଥ, ନଳିନୀ ମହାନ୍ତି, ରାମ ଚନ୍ଦ୍ର ସାମଲ, ସମରଂଜନ ମହାନ୍ତି, ବିଜୟ କୁମାର ଦେ, ଖଗେଶ୍ୱର ପରିଡ଼ା, ବ୍ରଜବନ୍ଧୁ ସାହୁ, ଶଙ୍କର୍ଷଣ ଶତପଥି, ବିକାଶ କୁଣ୍ଡୁ, ସୁରେନ୍ଦ୍ର ବିଶୋଇ, ରବି ନାରାୟଣ ରାଏ ଓ ଶୁକଦେବ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ଭାଗ ନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ମୁକ୍ତିସଂଗ୍ରାମୀ ଯୋଦ୍ଧା ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧଦିବସ

ଭୁବନେଶ୍ୱର,୧୩ (ନି.ପ୍ର): ବିଶିଷ୍ଟ ମୁକ୍ତିସଂଗ୍ରାମୀ, ତ୍ୟାଗ, ସଂଘର୍ଷ ଓ ବଳିଦାନର ଅନନ୍ୟ ପ୍ରତୀକ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧଦିବସ ଓଡ଼ିଶା ବିଧାନସଭା ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ପୁଷ୍ପମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ବିଧାୟକ ପ୍ରଫୁଲ୍ଲ ସାମଲ, କିଶୋର ମହାନ୍ତି, ରମେଶ ଚନ୍ଦ୍ର ସାଏ, ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀ ସଭାପତି ଆଦିତ୍ୟ ବଲ୍ଲଭ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥୀ ଶତପଥୀ, ଉତ୍କଳ ସମ୍ମିଳନୀ ଉପସଭାପତି ଉଷାରାଣୀ ମହାନ୍ତି ମଧ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଦେଶାତ୍ମବୋଧକ ସଂଗୀତ ଗାନ କରାଯାଇଥିଲା ।

# ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ହେବ ବିଜୁ ଜୟନ୍ତୀ

## ବିଜୁଙ୍କ ଅବଦାନ ନେଇ ହେବ ଆଲୋଚନା

ଭୁବନେଶ୍ୱର,୧୩ (ନି.ପ୍ର): ପତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ମାର୍ଚ୍ଚ ୫ ତାରିଖରେ ବିଜୁ ଜୟନ୍ତୀ ପାଳିତ ଧୁମ୍ ଧାମ୍‌ରେ ପାଳନ କରା ଯିବ । ଚଳିତ ବର୍ଷ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ବିଜୁ ଜୟନ୍ତୀ ପାଳନ କରା ଯିବ ବୋଲି ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ବିଜୁ ଜନତା ଦଳର ସକ୍ରିୟ ସଦସ୍ୟମାନଙ୍କୁ ନେଇ ଏକ ବୌଠକ ଆୟୋଜନ କରାଯିବ । ସେଥିରେ ଦୁଇ ଦଶନ୍ଧି ଧରି ବିଜୁ ଜନତା ଦଳର ସଫଳ ଯାତ୍ରା ବିଷୟରେ ଆଲଚୋନା କରାଯିବ । ଏହି ବୌଠକରେ ଦଳର ସମସ୍ତ ସଦସ୍ୟ ତଥା ଛାତ୍ରଛାତ୍ରୀ ଯୁବନେତା, ଯୁବନେତ୍ରୀ ଯୋଗଦେବେ । ରାଜ୍ୟର ବିକାଶ ଦିଗରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ । ତାଙ୍କରି ମାର୍ଗଦର୍ଶନରେ ଓଡ଼ିଶା ଅବିରତ ବିକାଶ ଦିଗରେ ଆଗେଇ ଚାଲିଛି । ସେ କେବଳ ଓଡ଼ିଶା ପାଇଁ ନୁହେଁ ବରଂ ଦେଶ ପାଇଁ ମଧ ଅନେକ କିଛି ଅବଦାନ ଦେଇଛନ୍ତି । ଓଡ଼ିଶାରେ ସ୍ୱଚ୍ଛଶାସନ, ଦାରିଦ୍ର୍ୟ ଦୂରିକରଣଠାରୁ ଆରମ୍ଭ କରି 'ମୋ ସରକାର' ଲାଗୁ, ମହିଳା ଶସକ୍ତିକରଣ ଦିଗରେ ଯେଉଁ ସବୁ ପଦକ୍ଷେପ ନିଆଯାଇଛି, ତାହା ହେଉଛି କେବଳ ବିଜୁ ବାବୁ ଦର୍ଶିତ ମାର୍ଗ । ଏହି କ୍ରମରେ ପ୍ରଶାସନିକ ତଥା ବିକାଶ ଧାରାରେ ପୂର୍ଣ୍ଣ ପରିବର୍ତନ ଅଣାଯାଇ ଏକ ନୂତନ ଓଡ଼ିଶା ଗଠନର ଲକ୍ଷ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଖାଲି ସେତିକି ନୁହେଁ, ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ମହିଳା ଶାଖା ପକ୍ଷରୁ ନିର୍ବାଚନମଣ୍ଡଳୀ ସ୍ତରରେ ମହିଳା ସମାବେଶ ଆୟୋଜନ କରାଯିବ । ସେଥିରେ ମହିଳା ସଶକ୍ତିକରଣ ଦିଗରେ ବିଜୁ ବାବୁଙ୍କ ଅବଦାନ ଏବଂ ବିଜୁ ଜନତା ଦଳ ଦ୍ୱାରା ପରିଚାଳିତ ସରକାରଙ୍କ ଦ୍ୱାରା ମହିଳା ସଶକ୍ତିକରଣ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଦଳ ସୁପ୍ରିମୋ କହିଛନ୍ତି । ଅନ୍ୟପଟେ କୋଭିଡ୍ ମହାମାରୀ ପରିସ୍ଥିତିରେ ଓଡ଼ିଶାବାସୀ ସମେତ ଦଳୀୟ କର୍ମୀ ଯେଉଁଭଳି ଧୌର୍ଯ୍ୟ, ତ୍ୟାଗ, ନିଷ୍ଠା ଏବଂ ଉତ୍ସର୍ଗୀକୃତ ସେବା ମନୋଭାବ ପ୍ରଦର୍ଶନ କରିଛନ୍ତି, ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ଦଳ ସୁପ୍ରିମୋ । କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବାରେ ସମସ୍ତଙ୍କ ତ୍ୟାଗ, ନିଷ୍ଠା ଏବଂ ସହଯୋଗ ପାଇଁ ସାରା ଦେଶରେ ଓଡ଼ିଶା ଆଜି ପୁଣି ଏକ ପରିଚୟ ପାଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ବିଜୁ ବାବୁଙ୍କ ଜନ୍ମ ଦିବସରେ ଦଳର ପ୍ରତ୍ୟେକ ସଦସ୍ୟ ରାଜ୍ୟର ଜନସାଧାରଣଙ୍କ ସେବାରେ ନିଜକୁ ପୁନଃଉତ୍ସର୍ଗ କରିବା ସହିତ ଦଳୀୟ, ଏକତା, ଶୃଙ୍ଖଳା ଏବଂ ଅନୁଶାସନ ପାଳନ କରିବା ନିମନ୍ତେ ପତିଜ୍ଞାବଦ୍ଧ ହେବା ପାଇଁ ଦଳର ପ୍ରତ୍ୟେକ ସଦସ୍ୟ ଆଗେଇ ଆସିବା ପାଇଁ ଶ୍ରୀ ପଟ୍ଟନାୟକ ଆହ୍ୱାନ କରିଛନ୍ତି ।

# ବ୍ଲକ ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ

ମାଲକାନଗିରି,୧୩ (ନି.ପ୍ର):ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ପରିସରରେ ଜିଲା ଓରମାସ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତି ସହଯୋଗରେ ନିଯୁକ୍ତି ଭିତିକ ଯୋଜନା ଅନ୍ତର୍ଗତ ବ୍ଲକ ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲା ଦକ୍ଷତା ବିକାଶ ଏପିଡ଼ି ସାସ୍ୱତୀ ରାଉତ, ଦକ୍ଷତା ବିକାଶ ଡିପିସି ଜିତେନ୍ଦ୍ର ପାତ୍ର, ଚିତ୍ରକୋଣ୍ଡା ଓଡିଶା ଜୀବିକା ମିଶନ ବିପିଏମ ପର୍ଶୁରାମ ବେହେରା, ବିଏଲସି ସୋମନାଥ କୁମ୍ଭାର, ମିଶନ ଶକ୍ତି ରବୀନ୍ଦ୍ରନାଥ ଭୂୟାଁ ଓ ଖଇରପୁଟ ଦକ୍ଷତା ବିକାଶ ସଂଯୋଜକ ଚିନ୍ମୟ ସିଙ୍ଗ ଉପସ୍ଥିତ ରହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧମରେ ବେକାରୀ ଯୁବକ ଯୁବତୀ ମାନଙ୍କୁ ବିଭିର୍ନ୍ନ ଯୋଜନାରେ ନିଯୁକ୍ତି ପାଇଁ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୪୫୦ ଜଣ ବେକାରୀ ଯୁବକ ଯୁବତୀ ଅଂଶ ଗ୍ରହଣ କରି ନିଜର ଡକୁମେଣ୍ଟ ସହ ପଞ୍ଜିକରଣ କରିଥିଲେ ସେଥି ମଧ୍ୟରୁ ୨୨୦ ଜଣଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ତାଲିମ ନେବାପାଇଁ ଚୟନ କରାଯାଇଥିବା ସୂଚନା ମିଳିଛି ।

# ଭାଉଜଙ୍କୁ ମାଡମାରି ଦିଅର ଗଲେ ଜେଲ

କେନ୍ଦ୍ରାପଡ଼ା,୧୩ (ନି.ପ୍ର): କେନ୍ଦ୍ରାପଡା ଟାଉନଥାନା ଅନ୍ତର୍ଗତ ରଣପଡା ଗ୍ରାମର ଜଣେ ଯୁବକ ସଂପର୍କିୟ ମହିଳାଙ୍କୁ ମାଡମାରି ଜେଲ ଯାଇଥିବା ଜଣାପଡିଛି । ଖବରରୁ ପ୍ରକାଶଯେ, କେନ୍ଦ୍ରାପଡା ଟାଉନ ଥାନା କେସ ନଂ-୩୩/୨୧ ରେ ଜେଲ ଯାଇଥିବା ଯୁବକ ଜଣକ ସେକ ସାମ୍ସ ତାବରେଜ ତାଙ୍କ ଭବା ସେକ ଆକବର ହୋସେନଙ୍କ ପତ୍ନୀଙ୍କୁ ମାଡ ମାରିଥିବା ନେଇ ଆକବର ଟାଉନ ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତିକରି ଥାନା ଅଧିକାରୀ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ଡିଜେଲ୍, ପେଟ୍ରୋଲ ଏବଂ ରନ୍ଧନ ଗ୍ୟାସର ଦରବୃଦ୍ଧି ପ୍ରତ୍ୟାହାର କର : ସି.ପି.ଆଇ.(ଏମ୍)

ଭୁବନେଶ୍ୱର,୧୩ (ନି.ପ୍ର): ଡିଜେଲ୍, ପେଟ୍ରୋଲ ଏବଂ ଇନ୍ଧନ ଗ୍ୟାସର ଆକାଶ ଛୁଆଁ ଦରବୃଦ୍ଧି ସମଗ୍ର ଜନଜୀବନକୁ ପ୍ରଭାବିତ କରିଛି । ଏହର ପ୍ରଭାବରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଗୁଡିକର ମୂଲ୍ୟ ବୃଦ୍ଧି ଆକାଶ ଛୁଆଁ ହୋଇଛି । ଜନ ସାଧାରଣଙ୍କ ଜୀବନ ଜିବିକା ଏବଂ ରୋଷେଇ ଶାଳରେ ଅଚଳ ଅବସ୍ଥା ସୃଷ୍ଟି ହୋଇଛି । ତୈଳଜାତ ସାମଗ୍ରୀ ଗୁଡିକର ମୂଲ୍ୟ ବୃଦ୍ଧିକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା ପାଇଁ ଦାବୀ କରି ସି.ପି.ଆଇ.(ଏମ୍) ତରଫରୁ ଏକ ବିକ୍ଷୋଭ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ୍ ଛକଠାରେ ଅନୁଷ୍ଠିତ ହୋଇଯାଇଛି । ସି.ପି.ଆଇ.(ଏମ୍) ତରଫରୁ କୁହାଯାଇଛି ଯେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ କ୍ରମାଗତ ହ୍ରାସ ପାଉଥିବା ବେଳେ ଭାରତରେ ଏହାର ବିକ୍ରି ମୂଲ୍ୟ ଲଗାମହୀନ ଭାବେ ବୃଦ୍ଧି ପାଇବାରେ କୌଣସି ଯୁକ୍ତି ନାହିଁ । ତୈଳଜାତ ସାମଗ୍ରୀ ବିକ୍ରୀ ଜରିଆରେ ମୋଦି ସରକାର ଟିକସର ସମସ୍ତ ବୋଝକୁ ଜନଗଣଙ୍କ ଉପରେ ଲଦି ଦେଉଛନ୍ତି । ମୋଦି ସରକାରଙ୍କ ତୈଳ ନୀତି ଦେଶବାସୀଙ୍କ ସ୍ୱାର୍ଥ ବିରୋଧୀ ଏବଂ କର୍ପୋରେଟ୍ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ । କରୋନା ମହାମାରୀ ସମୟରେ ସରକାରଙ୍କର ଜଟିଳ ଟିକସ ପ୍ରକ୍ରିୟା, ରନ୍ଧନ ଗ୍ୟାସ ଉପରୁ ସବ୍‌ସିଡି ପ୍ରତ୍ୟାହାର କରିବା ଇତ୍ୟାଦି ବ୍ୟବସ୍ଥା ଜନ ସାଧାରଣଙ୍କ ପାଇଁ କଟାଘା' ରେ ଚୂନ ଦେବା ସଦୃଶ୍ୟ ହୋଇଛି । ମୋଦି ସରକାର ତୈଳଜାତ ସାମଗ୍ରୀର ଦରବୃଦ୍ଧି ପ୍ରତ୍ୟାହାର ଆଗାମୀ ଦିନରେ ଜନ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସି.ପି.ଆଇ.(ଏମ୍) ତରଫରୁ ଘୋଷଣା କରାଯାଇଛି । ସି.ପି.ଆଇ.(ଏମ୍) ଭୁବନେଶ୍ୱର ଆଂଚଳିକ କମିଟି ତରଫରୁ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସି.ପି.ଆଇ.(ଏମ୍) ନେତା ସୁରେଶ ପାଣିଗ୍ରାହୀ, ରାମଚନ୍ଦ୍ର ତ୍ରିପାଠୀ, ପ୍ରଭାତ ପାଣିଗ୍ରାହୀ, ଯତୀନ ମହାନ୍ତି, ଅଭିରାମ ବେହେରା, ପ୍ରଦୀପ୍ତ ନାୟକ, ପ୍ରମୋଦିନୀ ସାହୁ, ଚାମ୍ପରୁ ସୋରେନ୍ , ଜୟ ପ୍ରକାଶ ଭଞ୍ଜଦେଓ, ବସନ୍ତ ସାହୁ ଏବଂ ଶଙ୍କର ହେମ୍ବ୍ରମ୍ ପ୍ରମୁଖ ନେତୃବୃନ୍ଦ ଅଂଶଗ୍ରହଣ କରି ନେତୃତ୍ୱ ନେଇଥିଲେ ।

# ମେକ୍ଅପ୍ ନେଉଥିବା କର୍ମଜୀବୀ ମହିଳାଙ୍କ ପାଇଁ ୫ଟି ଟିପ୍ସ



ପ୍ରାୟ ସମସ୍ତେ- ପୁରୁଷ ହୁଅନ୍ତୁ ବା ମହିଳା, ଅଫିସ୍‌ରେ ସ୍ମାର୍ଟ ଦିଶିବା ପାଇଁ ଚେଷ୍ଟା କରନ୍ତି। ଅନେକ ମହିଳା ଅଫିସ୍ ଯିବା ବେଳେ ମେକ୍ଅପ୍ ନିଅନ୍ତି। ସେମାନଙ୍କର ଧାରଣା ମେକ୍ଅପ୍ ନେଲେ ସେମାନେ ସୁନ୍ଦର ଦେଖାଯିବା ସହିତ ଅଧିକ ସ୍ମାର୍ଟ ଦେଖାଯା'ନ୍ତି। ଆଉ ମେକ୍ଅପ୍ ନେଲେ ସେମାନଙ୍କ ଆତ୍ମବିଶ୍ୱାସ ବି ବଢ଼ିଯାଏ। ତେବେ ବେଳେ ବେଳେ ମେକ୍ଅପ୍‌ର ମାପଚୁପରେ ଏପଟ ସେପଟ ହୋଇଗଲେ ତାହା ସେମାନଙ୍କ ସୌନ୍ଦର୍ଯ୍ୟକୁ ବିଗାଡ଼ି ଦେଇଥାଏ। ତେଣୁ ଅଫିସ୍ ଗଲା ବେଳେ ସ୍ମାର୍ଟ ଦିଶିବା ପାଇଁ କେମିତି ମେକ୍ଅପ୍ ନେବାକୁ ହେବ, ତାହା ବି ଜାଣିବା ଜରୁରୀ। ତା'ହେଲେ ଆସନ୍ତୁ ସେ ବିଷୟରେ ଆଲୋଚନା କରିବା।

- କିଛି ମହିଳାଙ୍କର ହେଭି ମେକ୍ଅପ୍ ବା ଅଧିକ ମେକ୍ଅପ୍ ନେବାର ଅଭ୍ୟାସ ଥାଏ। ତେବେ ସେମାନେ ଜାଣନ୍ତି ନାହିଁ ଯେ, ଅଧିକ ମେକ୍ଅପ୍ ସେମାନଙ୍କୁ ଅସୁନ୍ଦର କରିଦିଏ। ତେଣୁ ଅଫିସ୍‌କୁ ଯିବା ବେଳେ ହାଲ୍‌କା ଓ ନ୍ୟାଚୁରାଲ୍ ମେକ୍ଅପ୍ ନିଅନ୍ତୁ। ଏହା ଆପଣଙ୍କୁ ସ୍ମାର୍ଟ ଲୁକ୍ ଦେବାରେ ସାହାଯ୍ୟ କରିବ।
- ମେକ୍ଅପ୍ ପାଇଁ ଡାର୍କ ଆଇଲାଇନର, ଡାର୍କ ଶେଡ୍ ଲିପ୍‌ଷ୍ଟିକ୍ ଏବଂ ଡାର୍କ ଆଇ ଶ୍ୟାଡୋ ଲଗାନ୍ତୁ ନାହିଁ। ଏହା ପରିବର୍ତ୍ତେ ହାଲ୍‌କା ରଙ୍ଗର ଆଇଲାଇନର ଓ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କୁ ଏକ ସୁନ୍ଦର ଓ ନ୍ୟାଚୁରାଲ୍ ଲୁକ୍ ମିଳିବ।
- ଯଦି ଅଫିସ୍‌ରେ ଅଧିକ ସମୟ ରହିବାକୁ ପଡୁଛି, ତା'ହେଲେ ପର୍ସରେ ଏକ ଛୋଟ ମେକ୍ଅପ୍ କିଟ୍ ରଖନ୍ତୁ। ମଝିରେ ମଝିରେ ଟଚ୍‌ଅପ୍ ଦିଅନ୍ତୁ।
- ସେହିପରି ଯଦି ଆପଣଙ୍କ ସ୍କିନ୍ ଅଏଲି, ତା'ହେଲେ କିଛି କଟନ୍ ଓ ଫେସ୍ ୱାଶ୍ (ଆପଣ ଯେଉଁ ବ୍ରାଣ୍ଡ ବ୍ୟବହାର କରୁଛନ୍ତି)କୁ ମେକ୍ଅପ୍ କିଟ୍‌ରେ ରଖିବାକୁ ଭୁଲନ୍ତୁ ନାହିଁ।
- ସମସ୍ତଙ୍କଠାରୁ ଭିନ୍ନ ଲାଗିବା ପାଇଁ ହେୟାର ଷ୍ଟାଇଲ୍‌ରେ ମଧ୍ୟ ପରିବର୍ତ୍ତନ ଆଣନ୍ତୁ।

# ନିୟମିତ ସେଭିଂ କଲେ ମିଳିବ ଏହିସବୁ ଫାଇଦା

ସୁନ୍ଦର, ଆକର୍ଷଣୀୟ, ସ୍ମାର୍ଟ୍ ଓ ପ୍ରଫେସନାଲ୍ ଲୁକ୍ ପାଇଁ ଆଜିକାଲି କ୍ଲିନ୍‌ସେଭ୍ ଚେହେରାକୁ ହିଁ ପସନ୍ଦ କରାଯାଉଛି। ଯେଉଁ ଯୁବକ ଓ ବ୍ୟକ୍ତିମାନେ କ୍ଲିନ୍‌ସେଭ୍ ପସନ୍ଦ କରନ୍ତି, ସେମାନେ ସପ୍ତାହରେ ୨ରୁ ୩ ଥର ସେଭିଂ ହୁଅନ୍ତି। ହେଲେ, ଆପଣ ଜାଣନ୍ତି, ନିୟମିତ ସେଭିଂ କଲେ ପୁରୁଷଙ୍କ ତ୍ୱଚାକୁ ଅନେକ ଫାଇଦା ମିଳିଥାଏ। ଆସନ୍ତୁ ସେସବୁ ଫାଇଦା ବିଷୟରେ ଜାଣିବା।



**ଡେଡ୍ ସ୍କିନ୍ ଦୂର ହୁଏ:** ନିୟମିତ ସେଭିଂ କଲେ କେବଳ ଦାଢ଼ି ସଫା ହୁଏ ତା ନୁହେଁ, ତ୍ୱଚାର ଉପର ଭାଗରେ ଜମି ରହିଥିବା ଡେଡ୍ ସ୍କିନ୍ ମଧ୍ୟ ସଫା ହୋଇଯାଏ। ଯାହା ଆପଣଙ୍କୁ ଏକ ଫ୍ରେସ୍ ଲୁକ୍ ଦେଇଥାଏ।

**ସୁସ୍ଥ ତ୍ୱଚା:** ଏହା ତ୍ୱଚାରୁ ଦାଢ଼ି ଓ ଡେଡ୍ ସ୍କିନ୍ ସଫା କରିବା ସହ ସେଭିଂ ସମୟରେ ତ୍ୱଚାକୁ ଏକ ହାଲ୍‌କା ମସାଜ ଦେଇଥାଏ।

**ୟଙ୍ଗ ଦେଖାଯିବେ:** ନିୟମିତ ଭାବେ ସେଭିଂ କଲେ ଡେଡ୍ ସ୍କିନ୍ ବାହାରିଯାଏ। ଫଳରେ ତ୍ୱଚାରେ ମେଲାନିନ୍ ଓ କ୍ୟାରଟିନ୍‌ର ମାତ୍ରା ବଢ଼ିଥାଏ। ଯାହା ଦ୍ୱାରା ନୂଆ ତିଆରି ହେଉଥିବା ତ୍ୱଚା ପୁରୁଣା ତ୍ୱଚାଠୁ ଅଧିକ ଫ୍ରେଶ୍ ଦେଖାଯାଏ ଓ ଏହାକୁ ଅତି ଶୀଘ୍ର ରିକଭରି ହେବାକୁ ସମୟ ମିଳିଯାଏ।

**ପିଏଚ୍ ଲେଭଲ୍‌କୁ କଣ୍ଟ୍ରୋଲ୍ କରେ:** ନିୟମିତ ସେଭିଂ କରିବା ସମୟରେ ଆମେ ଯେଉଁ ସେଭିଂ କ୍ରିମ୍, ଜେଲ୍, ଅଏଲ୍ ଓ ପ୍ରି-ସେଭ୍ ବ୍ୟବହାର କରୁ ସେଗୁଡ଼ିକ ଆମ ତ୍ୱଚାର ପିଏଚ୍ ଲେଭଲ୍‌କୁ କଣ୍ଟ୍ରୋଲ୍ କରିଥାଏ।

**ଫୁର୍ତ୍ତି ଲାଗିବ:** ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣା ପଡ଼ିଛି ଯେ ପ୍ରତିଦିନ ସକାଳୁ ଉଠି କାମକୁ ଯିବା ପୂର୍ବରୁ ଯେଉଁମାନେ ସେଭିଂ କରିଥାନ୍ତି, ସେମାନେ ଦିନସାରା ବେଶ୍ ଫୁର୍ତ୍ତି ରହିଥାନ୍ତି। ଅନ୍ୟମାନଙ୍କଠୁ ଏମାନେ ଅଧିକ ବ୍ୟବସ୍ଥିତ ଢଙ୍ଗରେ କାମ କରିଥାନ୍ତି।

**ସେଭିଂ ପରେ ଏହି ଘରୋଇ ଉପାୟ ଦ୍ୱାରା ନିଅନ୍ତୁ ତ୍ୱଚାର ଯତ୍ନ**

**ଅମୃତଭଣ୍ଡା-** ସେଭିଂ ପରେ ଚେହେରାର ତ୍ୱଚା ରୁକ୍ଷ ହୋଇଯାଏ। ତେଣୁ ସେଭିଂ ପରେ ପାଚିଲା ଅମୃତଭଣ୍ଡା ଲଗାଇଲେ, ଚେହେରାର ରୁକ୍ଷ ପଣ ଦୂର ହୋଇଥାଏ। କାରଣ ପାଚିଲା ଅମୃତଭଣ୍ଡାରେ ଭିଟାମିନ୍-ଏ ଅଧିକ ମାତ୍ରାରେ ରହିଛି। ଏଥିପାଇଁ ପ୍ରଥମେ କଟା ଅମୃତଭଣ୍ଡାକୁ ସ୍କ୍ରବ୍ ଆକାରରେ ମୁହଁରେ କିଛି ସମୟ ଘଷନ୍ତୁ। ଘଷିବା ପରେ ମୁହଁକୁ ଶୁଖିବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତୁ। ଶୁଖିଗଲେ ମୁହଁକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଏପରି କଲେ, ଚେହେରାର ତ୍ୱଚା କୋମଳ ଓ ଚମକଦାର୍ ଦେଖାଯିବ।

**ଥଣ୍ଡା କ୍ଷୀର-** କ୍ଷୀରରେ ଥିବା ଲାକ୍ଟିକ୍ ଏସିଡ୍ ପ୍ରାକୃତିକ ମଶ୍ଚରାଇଜରର କାମ କରିଥାଏ। ତ୍ୱଚାରେ ଚମକ ଆଣିବା ପାଇଁ ସେଭିଂ କରିବା ପରେ ଏକ ତୁଳାକୁ ଥଣ୍ଡା କ୍ଷୀରରେ ବୁଡ଼ାଇ ଚେହେରାରେ ଲଗାନ୍ତୁ। କିଛି ସମୟ ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏପରି କଲେ ସେଭିଂ ପରେ ତ୍ୱଚା ଜ୍ୱଳନରୁ ଆରାମ ମଧ୍ୟ ମିଳିବ।

**ଆପଲ ସାଇଡର ଭିନେଗାର-** ଆପଲ ସାଇଡର ଭିନେଗାରରେ ଥିବା ଆଣ୍ଟି ଇନ୍‌ଫ୍ଲେମେଟରି ଗୁଣ ସେଭିଂ ପରେ ତ୍ୱଚା କୁଣ୍ଡେଇ ହେବାରୁ ରକ୍ଷା କରିଥାଏ। ଏଥିପାଇଁ ଏକ ପାତ୍ରରେ ଅଳ୍ପ ପାଣିରେ ଆପଲ୍ ସାଇଡର ଭିନେଗାର ମିଶାଇ ଚେହେରାରେ ଲଗାନ୍ତୁ। ଏଭଳି କଲେ ଆପଣଙ୍କୁ ଇନ୍‌ଫେକସନ୍‌ରୁ ମୁକ୍ତି ମିଳିବ।



# ଲୋ'ବ୍ଲଡପ୍ରେସର ଥିଲେ କ'ଣ ଖାଇବେ ?



ଲୋ ବ୍ଲଡପ୍ରେସର ଏକ ଏଭଳି ସ୍ଥିତି ଯେଉଁଠି ବ୍ୟକ୍ତିଙ୍କ ରକ୍ତଚାପ ସ୍ତର ହଠାତ କମିଯାଏ। ଏହା ସାଧାରଣ କଥା କିନ୍ତୁ ଏହାକୁ ଅଣଦେଖା କରିବା ଉଚିତ ନୁହେଁ। ଏହା ବେଳେ ବେଳେ ମାରାତ୍ମକ ସାଜିପାରେ। ଲୋ ବ୍ଲଡପ୍ରେସର ବା କମ ରକ୍ତଚାପର ଆଉ ଏକ କାରଣ ଆପଣଙ୍କ ଖାଦ୍ୟ ମଧ୍ୟ ହୋଇପାରେ। ବିଶେଷଜ୍ଞଙ୍କ ମତ ଅନୁସାରେ ଆପଣ ଯାହା ସବୁ ଖା'ନ୍ତି, ତାହା ଆପଣଙ୍କ ସ୍ୱାସ୍ଥ୍ୟ, ହୃଦୟ ଏବଂ ରକ୍ତଚାପ ଉପରେ ପ୍ରଭାବ ପକାଇଥାଏ। ତେଣୁ ରକ୍ତଚାପଠାରୁ ଦୂରେଇ ରହିବା ପାଇଁ ବିଶେଷ ରୂପେ ନିଜ ଖାଦ୍ୟ ଉପରେ ଧ୍ୟାନ ଦେବା ଜରୁରୀ । ତେବେ ଆସନ୍ତୁ ଜାଣିବା ଲୋ' ବ୍ଲଡପ୍ରେସର ଥିଲେ କ'ଣ ସବୁ ଖାଇବା ଉଚିତ।

**ଅଣ୍ଡା:** ଅଣ୍ଡା ଅନେକ ସମସ୍ୟାର ବିକଳ୍ପ, କିନ୍ତୁ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ଏହା ସବୁଠୁ ଭଲ ଆହର। ଏଥିରେ ଥିବା ଭିଟାମିନ ବି-୧୨ ନାଲି ରକ୍ତ କଣିକା ସୃଷ୍ଟି କରିବାରେ ସହାୟକ ହୁଏ। ଲୋ-ବିପି ଭଳି ସ୍ଥିତିରେ ଭିଟାମିନ ବି-୧୨ ଯୁକ୍ତ ଖାଦ୍ୟ ଖାଇବା ଉଚିତ।

**ଡାର୍କ ଚକୋଲେଟ:** ଯେତେବେଳେ ଆପଣଙ୍କ ରକ୍ତଚାପ କମ ଥିବା ଅନୁଭବ କରନ୍ତି ସେତେବେଳେ ସଙ୍ଗେସଙ୍ଗେ ଡାର୍କ ଚକୋଲେଟ ଖାଇପାରିବେ। ଏହାଦ୍ୱାରା ଆପଣଙ୍କୁ ଆରାମ ମିଳିପାରିବ। ଏଥିରେ ଫ୍ଲାଭାନୋଲ ନାମକ ଏକ ରାସାୟନିକ ପଦାର୍ଥ ଥାଏ, ଯାହା ଶରୀରର ଓଜନ ଏବଂ ଚର୍ବି ସ୍ତରକୁ ପରିବର୍ତ୍ତନ ନକରି ବିପିକୁ କଣ୍ଟ୍ରୋଲ କରିବାରେ କ୍ଷମତା ରଖିଥାଏ।

**ଅଙ୍ଗୁର ଜୁସ୍:** ରକ୍ତଚାପ ଚିକିତ୍ସାରେ ଅଙ୍ଗୁର ଜୁସର ପ୍ରୟୋଗ ବେଶ ପ୍ରବାଶାଳୀ। ଏକ ଅନୁସନ୍ଧାନରୁ ଜଣାପଡିଛି ଯେ କୌଣସି ବି ସ୍ଥିତିରେ ଯଦି ବ୍ଲଡପ୍ରେସର କମ୍ ହୋଇଯାଏ, ତେବେ ଏକ ଗ୍ଲାସ ଅଙ୍ଗୁର ଜୁସ୍ ପିଇଲେ ଶୀଘ୍ର ଆରାମ ମିଳିବ। ଅଙ୍ଗୁର ରସରେ ମିଳୁଥିବା ପୋଟାସିୟମ୍ ରକ୍ତ କଣିକାକୁ ଆରାମ ଦେଇ ରକ୍ତଚାପ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ ।

**ତରଳ ପଦାର୍ଥ:** ରକ୍ତଚାପ ରୋଗୀମାନେ ଯେତେ ସମ୍ଭବ ସେତେ ତରଳ ଯୁକ୍ତ ଖାଦ୍ୟ ତଥା ପାଣି ପିଇବା ଉଚିତ। ଶରୀରରେ ପାଣିର ମାତ୍ରା କମ ହେବା ଫଳରେ ରକ୍ତ ଅଭାବ ଦେଖା ଦେଇଥାଏ। ତେଣୁ ହାଇଡ୍ରେଟେଡ୍ ରହିବା ଅତ୍ୟନ୍ତ ଜରୁରୀ। ଡାକ୍ତରମାନେ ଏପରି ରୋଗୀଙ୍କୁ ଦିନସାରା ଅତି କମରେ ଦୁଇ ଲିଟର ପାଣି ପିଇବାକୁ ପରାମର୍ଶ ଦିଅନ୍ତି। ପାଣି ବ୍ୟତୀତ ଆପଣ ଫଳ ରସ, ଲସି, ନଡିଆ ପାଣି, ଅଙ୍ଗୁର ଏବଂ ତରଭୁଜ ମଧ୍ୟ ଖାଇପାରିବେ।

**ପନିର:** ଅପଣଙ୍କୁ ପନିର ଖାଇବା ପସନ୍ଦ ଥାଉ କିମ୍ବା ନଥାଉ, ଯଦି ଲୋ ବ୍ଲଡପ୍ରେସର ଶିକାର ହୋଇଥାନ୍ତି ତେବ ଏହା ଖାଇବା ଦ୍ୱାରା ଆପଣଙ୍କୁ ବହୁତ କିଛି ସାହାଯ୍ୟ ମଳିବ। ଲୋ' ବିପିର ସମସ୍ୟା ଥିଲେ ଡାକ୍ତରମାନେ ଲୁଣ ଭଳି ପନିର ଖାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥା'ନ୍ତି।

**ଚିନି ଯୁକ୍ତ ଖାଦ୍ୟ:** ଲୋ' ବ୍ଲଡ ପ୍ରେସର ଥିବା ରୋଗୀ ଚିନି ଯୁକ୍ତ ଖାଦ୍ୟ ପଦାର୍ଥ କିମ୍ବା କୋଲ୍ଡ ଡ୍ରିଙ୍କ ସେବନ କରିବା ଉଚିତ। ଯଦି ହଠାତ ରକ୍ତଚାପ କମି ଯାଉଛି ତେବେ ସେହି ସମୟରେ ଏଭଳି କିଛି ଖାଦ୍ୟ ଖାଇବା ଦ୍ୱାରା ଆରାମ ମିଳିଥାଏ। ଆପଣ ଚାହିଁଲେ କେଫିନ ଯୁକ୍ତ ଖାଦ୍ୟ ତଥା ଚା' କିମ୍ବା କଫି ମଧ୍ୟ ପିଇ ପାରିବେ।

# ଏପରି ମନ୍ଦିର: ଏକ ସଙ୍ଗେ ଦେବୀ ଦର୍ଶନ କରିପାରିବେନି ସ୍ୱାମୀ ସ୍ତ୍ରୀ



ବିବାହ ପରେ ସ୍ୱାମୀ ସ୍ତ୍ରୀ ୭ ଜନ୍ମ ପାଇଁ ପରସ୍ପରର ହୋଇଯାନ୍ତି। ସୁଖଦୁଃଖ, ଭଲମନ୍ଦ, ଘାତ ପ୍ରତିଘାତ ଯାହା ବି ଆସିଲେ, ଏକ ସଙ୍ଗେ ତାହାର ମୁକାବିଲା କରିଥାନ୍ତି। ସ୍ୱାମୀ ସ୍ତ୍ରୀ ଏକ ସଙ୍ଗେ ମନ୍ଦିର ଗଲେ, ସେମାନଙ୍କ ବୈବାହିକ ଜୀବନ, ପାରିବାରିକ ଜୀବନ ସୁଖମୟ ହୋଇଥାଏ। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ, ଦେବାଦେବୀଙ୍କ ପୂଜା ଏକ ସଙ୍ଗେ ୨ ଜଣ ନ କଲେ ଉକ୍ତ କାର୍ଯ୍ୟ ସଫଳ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି। କିନ୍ତୁ ଆଜି ଆମେ ଆପଣଙ୍କୁ ଏପରି ମନ୍ଦିର ବିଷୟରେ କହିବାକୁ ଯାଉଛୁ, ଯେଉଁଠାରେ ଦେବୀଙ୍କ ଦର୍ଶନ ଏକ ସଙ୍ଗେ କରି ପାରିବେନି ସ୍ୱାମୀସ୍ତ୍ରୀ। ଭୁଲରେ ବି ଏପରି କଲେ ଏଥିଲାଗି ସେମାନଙ୍କୁ ଭୋଗିବାକୁ ପଡ଼ିବ ଦଣ୍ଡ, ସମ୍ପର୍କରେ ଦେଖାଯିବ ଫାଟ। ଭାରତରେ ଏପରି ବହୁ ମନ୍ଦିର ଅଛି ଯାହାର ପରମ୍ପରା ସମ୍ପୂର୍ଣ୍ଣ ଭିନ୍ନ। କେଉଁଆଡେ ମନ୍ଦିରରେ ପ୍ରବେଶ ନିସିଦ୍ଧ ତ କେଉଁଠି ପୁରୁଷଙ୍କ ପ୍ରବେଶ ମନା। କିନ୍ତୁ ଆଜି ଏପରି ଏକ ମନ୍ଦିର ବିଷୟରେ ଆପଣଙ୍କୁ କହିବୁ, ଯେଉଁଠାରେ ସ୍ୱାମୀ ସ୍ତ୍ରୀ ଏକ ସଙ୍ଗେ ଦେବୀଙ୍କ ଦର୍ଶନ କରିବା ମନା। ଏହାର ରହସ୍ୟ ଭଗବାନ ଶିବଙ୍କ ସହ ଯୋଡ଼ି ହୋଇଛି।

ମା' ଦୁର୍ଗାଙ୍କ ଏହି ମନ୍ଦିର ଶିମଲାର ରାମପୁର ନାମକ ସହରରେ ରହିଛି । ଏଠାରେ ସ୍ୱାମୀସ୍ତ୍ରୀ ଏକ ସଙ୍ଗେ ପୂଜା କରିବା କିମ୍ବା ମା' ଦୁର୍ଗାଙ୍କ ଦର୍ଶନ କରିବା ମନା। ଏପରି ବାରଣ ସତ୍ତ୍ୱେ ଯଦି କୌଣସି ଦମ୍ପତି ଏକ ସଙ୍ଗେ ଦେବୀଙ୍କ ପ୍ରତିମାର ଦର୍ଶନ କରନ୍ତି, ତେବେ ସେମାନଙ୍କୁ ଏହାର ଦଣ୍ଡ ଭୋଗିବାକୁ ପଡେ ବୋଲି ବିଶ୍ୱାସ ରହିଛି। ଏହି ମନ୍ଦିର ଶ୍ରାୟି କୋଟି ମାତାଙ୍କ ମନ୍ଦିର ନାମରେ ପରିଚିତ। ଏହା ପୂର୍ବ ହିମାଚଳରେ ଏକ ପ୍ରସିଦ୍ଧ ମନ୍ଦିର ଅଟେ। ଏହି ମନ୍ଦିର ଭିତରକୁ ଏକ ସଙ୍ଗେ ଯିବାକୁ ଦମ୍ପତିଙ୍କ ଉପରେ ନାହିଁ କଟକଣା। ହେଲେ ମାତାଙ୍କ ଦର୍ଶନ କରିବାକୁ ଅଲଗା ଅଲଗା ଯିବା ନିୟମ ଏଠାରେ ପ୍ରଚଳିତ। ଏହା ପଛରେ ଏକ ଲୋକକଥା ରହିଛି।

ଥରେ ଭଗବାନ ଶିବ ନିଜ ୨ ପୁତ୍ର ଗଣେଶ ଓ କାର୍ତ୍ତିକଙ୍କୁ ବ୍ରହ୍ମାଣ୍ଡ ଘୁରି ଆସିବାକୁ କହିଲେ। କାର୍ତ୍ତିକ ନିଜ ବାହନ ଉପରେ ବସି ବ୍ରହ୍ମାଣ୍ଡ ବୁଲିବାକୁ ଚାଲିଗଲେ। କିନ୍ତୁ ଗଣେଶ ସେଠାରୁ ଗଲେ ନାହିଁ। ସେ ନିଜ ପିତାମାତାଙ୍କ ଚାରିପାଖରେ ବୁଲି ବ୍ରହ୍ମାଣ୍ଡ ଭ୍ରମଣ କରିଦେଲେ ବୋଲି କହିଲେ। କିନ୍ତୁ କାର୍ତ୍ତିକ ଯେବେ ବ୍ରହ୍ମାଣ୍ଡ ବୁଲିକି ଆସିଲେ, ସେ ଦେଖିଲେ ଗଣେଶଙ୍କ ବିବାହ ହୋଇ ସାରିଛି।

ଏହାଦେଖି ସେ କ୍ରୋଧାନ୍ୱିତ ହୋଇଗଲେ। ପ୍ରତିଶୋଧପରାୟଣ ହୋଇ ବିବାହ ନ କରିବାକୁ ସଙ୍କଳ୍ପ ନେଲେ। କାର୍ତ୍ତିକଙ୍କ ଏହି ସଙ୍କଳ୍ପକୁ କିନ୍ତୁ ସହଜେ ଗ୍ରହଣ କରି ପାରିଲେନି ତାଙ୍କ ମାତା ପାର୍ବତୀ। ଫଳରେ ତାଙ୍କ ମୁହଁରୁ ବାହାରିଗଲା ଅଭିଶାପ। କହିଲେ ଯେଉଁ ଦମ୍ପତି ଏକ ସଙ୍ଗେ ଏହି ମନ୍ଦିରରେ ଦର୍ଶନ କରିବେ ସେ ପରସ୍ପରଠୁ ଅଲଗା ହୋଇଯିବେ। ସେବେଠାରୁ କୌଣସି ଦମ୍ପତି ଏକ ସଙ୍ଗେ ଏଠାରେ ପୂଜା କରନ୍ତି ନାହିଁ।



# ବର୍ଗର ଏବେ ଅସ୍ୱାସ୍ଥ୍ୟକର

ଫାଷ୍ଟଫୁଡ୍ କେବେ ବି ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ । ଏହା ସଭିଏଁ ଜାଣନ୍ତି । ତଥାପି ମଧ୍ୟ ଏହାର ସ୍ୱାଦ ଅନେକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିଥାଏ । ନିକଟରେ ହୋଇଥିବା ଏକ ଗବେଷଣାରୁ ଜରାପଡ଼ିଛି, ଗତ ୩୦ ବର୍ଷ ମଧ୍ୟରେ ଫାଷ୍ଟ ଫୁଡ୍ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଘାତକ ହୋଇସାରିଛି । ଏହି ଗବେଷଣା ଆମେରିକାର ବୋଷ୍ଟନ୍ ୟୁନିଭର୍ସିଟିର ବୈଜ୍ଞାନିକମାନେ କରିଥିଲେ । ଏଥିରେ ୧୯୮୬ ରୁ ୨୦୧୬ ମଧ୍ୟରେ ଆମେରିକାର ପ୍ରସିଦ୍ଧ ଫାଷ୍ଟ ଫୁଡ୍ ଚେନରେ ମିଳୁଥିବା ଖାଦ୍ୟର ତୁଳନା କରାଯାଇଥିଲା । ନିଷ୍କର୍ମ ଅତ୍ୟନ୍ତ ଭୟାନକ ଥିଲା । ବର୍ଗର, ପିଜା ଏବଂ ବାଓମିନ୍ ଭଳି ଫାଷ୍ଟ ଫୁଡରେ ଲୁଣର ମାତ୍ରା ବେଶ୍ କିଛି ମାତ୍ରାରେ ବଢ଼ିଛି । ୧୯୮୬ରେ ଯେଉଁଠି ୨୭.୮ ପ୍ରତିଶତ ଲୁଣର ବ୍ୟବହାର ହେଉଥିଲା ୨୦୧୬ରେ ତାହା ୪.୬ ପ୍ରତିଶତ ବୃଦ୍ଧି ପାଇ ୪୧.୬ ପ୍ରତିଶତ ହୋଇଛି । ଏହାର ଆକାର ଏବଂ କ୍ୟାଲେଣୀ କାଉଣ୍ଟ ମଧ୍ୟ ୨୪ ପ୍ରତିଶତ ବୃଦ୍ଧିପାଇଛି । ଅର୍ଥାତ୍ ପ୍ରତି ୧୦ବର୍ଷରେ ୧୩ଗ୍ରାମ ବଢ଼ିଛି । ଫ୍ରେଞ୍ଚ ଫ୍ରାଇଜ ଏବଂ ଚିପ୍ସ ଭଳି ସାଇଡ୍ ଡିଶ୍ ଭାବେ ସେବନ କରାଯାଉଥିବା ଫାଷ୍ଟ ଫୁଡରେ ଲୁଣ ୧୦୦ ପ୍ରତିଶତ ବୃଦ୍ଧି ହୋଇଛି । ଏହା ଦୈନିକ ଆବଶ୍ୟକତାଠୁ ୧୧.୬ ପ୍ରତିଶତ ଅଧିକ ଏହାର କ୍ୟାଲୋରୀ କାଉଣ୍ଟ ୨୪ ପ୍ରତିଶତ ବଢ଼ିଛି । ଏମିତିରେ ଗବେଷଣା କେବଳ ଆମେରିକାର ଫାଷ୍ଟଫୁଡକୁ ନେଇ ହୋଇଥିଲା । ଆମେରିକାରେ ଏବେ ୪୦ ପ୍ରତିଶତ ଲୋକ ମୋଟାପଣର ଶିକାର ।



# ରାଗକୁ ନିୟନ୍ତ୍ରଣ କରିବେ କିପରି

ମନସ୍ତତ୍ତ୍ୱବିତ୍ ମତରେ ରାଗ ଉପରେ ନିୟନ୍ତ୍ରଣ ଆଣିବା ଏତେ ସହଜ କଥା ନୁହେଁ । ପରିସ୍ଥିତି ହିଁ ଅନେକ ସମୟରେ ବିବାଦ ଉପୁଜାଇବା କାରଣରୁ ମନରେ ରାଗ ଆସିଥାଏ । ରାଗିଲେ ଆମ ଶରୀରର ରକ୍ତଚାପ ବଢ଼ିବା ସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ମଧ୍ୟ ଉପୁଜିଥାଏ । ରାଗିଲେ ସାମ୍ନା ଲୋକର କିଛି ଅସୁବିଧା ହୋଇନଥାଏ, ବରଂ ନିଜର ହିଁ କ୍ଷତି ହୋଇଥାଏ । ଏକଥାକୁ ଲୋକଟି ନିଜେ ବୁଝିଯିବା ଦରକାର । ଯଦି କାହା ସହ ବଚସା ହେଉଛି, ସେ କଥାକୁ ଅଧିକ ନବଢ଼ାଇ ସ୍ଥାନ ପରିତ୍ୟାଗ କରି ଅନ୍ୟତ୍ର ଯାନ୍ତୁ । ଏହା ସମସ୍ତଙ୍କ ପାଇଁ ଭଲ ହୋଇଥାଏ । ରାଗକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ, ପ୍ରତ୍ୟହ ୫-୧୦ ମିନିଟ୍ ଧ୍ୟାନ ଓ ପ୍ରାଣାୟମ କରିବା ଉଚିତ । ଏପରି କଲେ ନିଜ ଧା' ଶକ୍ତି ବଢ଼ିବା ସହ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ । ପ୍ରତ୍ୟେକ ବୟସ ତଥା ବର୍ଗର ବ୍ୟକ୍ତି ଅଧିକ ସମୟ ବହି ପଢ଼ାପଢ଼ି ଅବା ସଙ୍ଗୀତ ଶୁଣିବାରେ କାଟନ୍ତୁ ।



ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୨ ମାର୍ଚ୍ଚ ୨୦୨୧ ,ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଜଳକଷ୍ଟ ଦୂର ହେବ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସମସ୍ୟା ସଂପର୍କରେ ଭାବ ବିନିମୟ କରିଥାନ୍ତି ଏବଂ ଏହି କାର୍ଯ୍ୟକ୍ରମ ଏବେ କେବଳ ଦେଶରେ ନୁହେଁ, ଦେଶ ବାହାରେ ସୁଦ୍ଧା ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିଛି । ରବିବାର ଦିନ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ଜଳ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଜଳ ସଂଗ୍ରହ ଉପରେ ନିଜର ଭାବନା ବ୍ୟକ୍ତ କରି ଶ୍ରୀ ମୋଦୀ ବର୍ଷାଜଳ ସଂଗ୍ରହ ପାଇଁ ଆହ୍ୱାନ ଜଣାଇଛନ୍ତି । ଭାରତ ଏଭଳି ଏକ ଦେଶ ଯାହାର ଭୌଗୋଳିକ ଅବସ୍ଥିତି ଏମିତି ଯେ ଏଠାରେ ପ୍ରବଳ ବର୍ଷା ହେଉଥିବା ବେଳେ ବ୍ୟାପକ ଜଳାଭାବ ଓ ମରୁଡ଼ି ମଧ୍ୟ ଲୋକମାନଙ୍କ ଜୀବନଧାରଣକୁ ବ୍ୟାପକ ଭାବେ ପ୍ରଭାବିତ କରିଥାଏ । ଏଠାରେ ଜଳ ଗହେଳ ବିପତ୍ତି ଓ ଜଳ ବିହୁନେ ମଧ୍ୟ ବିପତ୍ତି । ତେଣୁ ଜଳ ହିଁ ଭବିଷ୍ୟତ ସବୁଠାରୁ ମୂଲ୍ୟବାନ ସାଧନ । ଏବେ ଜଳ ଆଉ ପ୍ରକୃତିର ଏକ ବିପୁଳ ସମ୍ଭାର ହୋଇ ରହିନାହିଁ । ତାହା ଧୀରେ ଧୀରେ ଦୁର୍ଲ୍ଲଭ ହେବାକୁ ଲାଗିଲାଣି । ଗୋଟିଏ ଲିଟର ଶୁଦ୍ଧ ପାନୀୟ ଜଳ ପାଇଁ ଲୋକମାନଙ୍କୁ ଅନ୍ୟୂନ କୋଡ଼ିଏ ଟଙ୍କା ଦେବାକୁ ପଡୁଛି । ଦେଶର ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ଶିଳ୍ପକରଣ ତଥା ଚାଷବାସ ଦୃଷ୍ଟିରୁ ଜଳର ଆବଶ୍ୟକତା ଯେତିକି ବୃଦ୍ଧି ପାଇ ଚାଲିଛି, ଏହାର ଉପଲବ୍ଧତା ସେତିକି ସଂକୁଚିତ ହୋଇଚାଲିଛି । ଏହା ଯେ ଭବିଷ୍ୟତରେ ଏକ ବିପଜ୍ଜନକ ସ୍ଥିତି ଉତ୍ପନ୍ନ କରିବ ସେଥିରେ ଦ୍ୱିମତ ଥାଇନପାରେ । ସରକାର ଏବେ ଦେଶର ସମସ୍ତ ନାଗରିକଙ୍କୁ ୨୦୨୨ ମସିହା ସୁଦ୍ଧା ପାଇପ ଯୋଗେ ନିରାପଦ ପାନୀୟ ଜଳ ଯୋଗାଣ ନିମନ୍ତେ ସଂକଳ୍ପ କରିଛନ୍ତି । ଏଥିପାଇଁ ଉଭୟ ସହରାଂଚଳ ଓ ଗ୍ରାମାଂଚଳରେ ଜଳ ଜୀବନ ଅଭିଯାନ କାର୍ଯ୍ୟକାରୀ କରାଯାଉଛି । ଦୁର୍ଗମ ଅଂଚଳରେ ବସବାସ କରୁଥିବା ଲୋକମାନଙ୍କୁ ସୁଦ୍ଧା ଏହି ସୁବିଧା ଯୋଗାଇ ଦେବାକୁ ସରକାର ବଦ୍ଧପରିକର । କିନ୍ତୁ ଏ କ୍ଷେତ୍ରରେ ଥିବା ମୌଳିକ ସମସ୍ୟାଟି ହେଲା, ଦେଶର ୧୩୫ କୋଟିରୁ ଉର୍ଦ୍ଧ୍ୱ ନାଗରିକଙ୍କ ଆବଶ୍ୟକତା ପୂରଣ ମୁତାବକ ଜଳର ଉତ୍ସକୁ ଉପଯୋଗ କରିବା ଏବଂ ତାହାର ଯୋଗାଣ । ଏକଥା ଅନସ୍ୱୀକାର୍ଯ୍ୟ ଯେ ଦେଶରେ ପ୍ରବାହିତ ନଦୀଜଳର ମାତ୍ରା ଏବେ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଏହା କେବଳ ଭାରତର ଅବସ୍ଥା ନୁହେଁ, ସମଗ୍ର ବିଶ୍ୱର ସମସ୍ୟା । ଏପରିକି ପ୍ରତିବର୍ଷ କେଇ ଡଜନ ନଦୀ ସବୁଦିନ ପାଇଁ ଶୁଷ୍କ ହୋଇଯାଉଛନ୍ତି ଯାହାକୁ ନଦୀମୃତ୍ୟୁ ବୋଲି କୁହାଯାଇପାରେ । ପୁଣି ଯେତିକି ଜଳ ନଦୀରେ ବର୍ଷାସାରା ପ୍ରବାହିତ ହେବା କଥା ତାହାର ମାତ୍ରା କମୁଛି । କାରଣ ନଦୀର ଉତ୍ପତ୍ତି ସ୍ଥଳରୁ ଜଳ କମୁଛି ଓ ବର୍ଷା ମଧ୍ୟ ସେତିକି ପରିମାଣରେ ହେଉନାହିଁ । ବନ୍ଧବାଡ଼ ନିର୍ମାଣ ଏବଂ ଜଳର ଅନ୍ୟାନ୍ୟ ଉପଯୋଗ ମଧ୍ୟ ଲୋକମାନଙ୍କ ଆବଶ୍ୟକତା ପୂରଣ ଦିଗରେ ଅନ୍ୟତମ ଅନ୍ତରାୟ । ଜଳବାୟୁ ପରିବର୍ତ୍ତନ ଯୋଗୁ ମୌସୁମୀ ବର୍ଷାର ଅନିୟମିତତା ନଦୀର ଜଳପ୍ରବାହକୁ ମଧ୍ୟ କମାଇ ଦେଉଛି । କମ୍ ସମୟରେ ଅତିବୃଷ୍ଟି ଯୋଗୁ କେତେବେଳେ ନଦୀରେ ବନ୍ୟା ଆସୁଥିବାବେଳେ ଅନ୍ୟ ଦିନେ ସେହି ନଦୀରେ ଶଯ୍ୟା ଶୁଖି ଆଁ ମେଲା କରୁଛି । ତେଣୁ ବର୍ଷାଜଳ ସଂଗ୍ରହ ଓ ସଂରକ୍ଷଣ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଇଥିବା ଆହ୍ୱାନ ଯେତିକି ସମୟୋପଯୋଗୀ ସେତିକି ବାସ୍ତବଧର୍ମୀ । ଏହା କେବଳ ଆହ୍ୱାନ ନୁହେଁ, ଏହା ଭବିଷ୍ୟତ ପିଢ଼ି ତଥା ଜୀବନଧାରଣ ପାଇଁ ଏକମାତ୍ର ଉପାୟ ବୋଲି କୁହାଯାଇପାରେ । ସେ ଦିନ ଆଉ ବେଶୀ ଦୂର ନୁହେଁ, ଯେତେବେଳେ ପାଣି ମୁନ୍ଦିଏ ପାଇଁ ସମସ୍ତଙ୍କୁ ଡହଳବିକଳ ହେବାକୁ ପଡ଼ିବ । ସେଭଳି ପରିସ୍ଥିତିରୁ ମୁକୁଳିବା ଲାଗି ଏବେଠାରୁ ଜଳ ସଂରକ୍ଷଣ ଓ ଏହାର ସୀମିତ ବ୍ୟବହାର ହିଁ ମାନବ ସମାଜର ଭବିଷ୍ୟତକୁ ସୁରକ୍ଷିତ ରଖିବ । ତେଣୁ ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ନୁହେଁ, ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ହେବ । ଯେମିତି ତାଙ୍କରି ଆହ୍ୱାନରେ ସ୍ୱଚ୍ଛ ଭାରତ ଅଭିଯାନ ଏକ ଆନ୍ଦୋଳନର ରୂପ ଧାରଣ କରି ସେଥିରୁ ସୁଫଳ ମିଳିଛି ବର୍ଷାଜଳ ସଂଗ୍ରହକୁ ସେମିତି ଭାବେ ସାକାର କରିବା ପାଇଁ ଏହା ପ୍ରକୃଷ୍ଟ ଅବସର ହେବ । ଆଗକୁ ନିଦାଘ ଋତୁ । ତେଣୁ ଜଳକଷ୍ଟକୁ ମେଂଟାଇବା ନିମନ୍ତେ ଆଗାମୀ ମୌସୁମୀ ଋତୁକୁ ଏହି ଅଭିଯାନରେ ଆଦ୍ୟ ପ୍ରୟାସ ଭାବେ ଦେଶବାସୀ ଗ୍ରହଣ କରିବା ଉଚିତ । ତାହା ଦେଶ ଓ ଦେଶବାସୀଙ୍କ ପାଇଁ ଶୁଭଙ୍କର ହେବ ।

## କବିତା କୋଣାର୍କ

### ପ୍ରେମ..

ପ୍ରଶାନ୍ତ କୁମାର ନାଥ



ପାଇବାକୁ କିଛି ଆଶା ବାନ୍ଧି ମନେ
ପାଇଥାଏ ଯିଏ ଭଲ
ସିଏକି ବୁଝିବ ପ୍ରେମର ମରତ୍ତ୍ୱ
ଭଲପାଇବାର ମୂଳ ।

ଭଲପାଏ ବୋଲି କହିଲେ କାହାକୁ
ହୋଇଯାଏ ନାହିଁ ପ୍ରେମ
ମନର ସାଥିରେ ମନର ମିଳନ
ପ୍ରେମର ଯେ ଅନ୍ୟନାମ ।

ପାଇବାକୁ କିଛି ଭଲ ପାଉଥିଲେ
ସ୍ୱାର୍ଥରେ ହୋଇବ ଗଣା
ପ୍ରେମର ନାମରେ କଳଙ୍କ ଲାଗିବ
ହୋଇଯିବ ବାଟବଣା ।

ପ୍ରେମ ଯେ ଅଟଇ ପବିତ୍ର ଶବ୍ଦଟେ
ହୃଦୟୁ ଜାଗ୍ରତ ହୁଏ
ରୂପରେ ପଛରେ ପଡିଥାଏ ଯିଏ
ତାହା କେବେ ପ୍ରେମ ନୁହେଁ

+ବାଙ୍ଗାଲୋର
ମୋ-୦୮୮୯୨୩୦୧୧୪୩

# ଅମ୍ବାନୀଙ୍କ ବିରୋଧରେ ଆମାଜନ ସେନା

ସୌମେନ୍ଦ୍ର ଜେନା

(ପୂର୍ବ ପ୍ରକାଶିତ ଉତ୍ତାରୁ)

କାରଣ ବର୍ଷ ୨୦୦୦ରେ ଏକହଜାର ଇ-କମର୍ସ କମ୍ପାନୀ ଭାରତରେ ବ୍ୟବସାୟ କ୍ଷତି ଯୋଗୁ ବନ୍ଦ ହୋଇଥିଲେ , ଯାହା ୨୦୦୫ ଯାଏ ଏହି ଗତିକୁ ମନ୍ଥର କରିଥିଲା । ୨୦୦୫ରେ ଛୋଟ ବିମାନ ଯାତ୍ରୀଙ୍କ ପାଇଁ ଅନ୍‌ଲାଇନ୍ ଟିକେଟ୍ ବୁକିଂ ହେବାପରେ ଦେଶରେ ଇ-କମର୍ସ ପୁଣି ଗତି ଲାଭ କରିଥିଲା । ୨୦୧୦ରେ ୨୬୨୬୩କୋଟି, ୨୦୧୧ରେ ୩୫୧୪୨ କୋଟି, ୨୦୧୨ରେ ୪୭୩୪୯ କୋଟି, ୨୦୧୩ରେ ୫୩୩୦୧କୋଟି, ୨୦୧୪ରେ ୮୧୫୨୫କୋଟି, ୨୦୧୫ରେ ୧୨୫୭୩୨କୋଟି, ୨୦୧୬ରେ ୧୬୮୮୯୧ କୋଟିକୁ ଏହା ବଢିଥିଲା । ୨୦୧୪ରେ ଫ୍ଲିପକାର୍ଟର ମାର୍କେଟରେ ବିଲିଅନ ଡେସେଲ ଏବଂ ଗୁଗଲଦ୍ୱାରା ତିନିଦିନିଆ ଅନ୍‌ଲାଇନ୍ ବିକ୍ରି ଘୋଷଣା ପରେ ଏହା ଅଧିକ ବଢିଥିଲା । ୨୦୧୯ ବେଳକୁ ଏହା ବଢି ୨୭ ବିଲିଅନରେ ପହଞ୍ଚିଥିଲା । ସେମିତି ଗ୍ରାହକ ସଂଖ୍ୟା ୨୦୧୮ରେ ୧୧୦ ମିଲିଅନ, ୨୦୧୯ରେ ୧୩୫ ବିଲିଅନ ଏବଂ ୨୦୨୦ରେ ୧୬୦ ମିଲିଅନକୁ ଛୁଇଁଛି । ସେମିତି ଅନଲାଇନ୍ ବଜାର ମୋଟ ବଜାରର ୫ ପ୍ରତିଶତକୁ ଛୁଇଁଛି ଯାହା ୨୦୧୮ରେ ୨.୬ ପ୍ରତିଶତ ଓ ୨୦୧୯ରେ ୩ ପ୍ରତିଶତକୁ ଛୁଇଁଥିଲା । ହେଲେ ଭାରତର ମୋଟ ଖୁଚୁରା ଗ୍ରାହକଙ୍କ ବଜାର ୯୦୦ ବିଲିଅନ ଡଲାର ଯାହା ଉପରେ ସମସ୍ତଙ୍କର ଆଖି ରହିଛି । ଭାରତର ବଡ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟକୁ ଆମେରିକା ସଂସ୍ଥା ୱାଲମାର୍ଟ ୨୦୧୮ରେ ୧୬ବିଲିଅନ ଡଲାର ଦେଇ କିଣିନେବା ପରେ ଏବେ ଭାରତର ଇ-କମର୍ସ ବଜାରକୁ ଦୁଇଟି ଆମେରିକା କମ୍ପାନୀକୁ ଆମାଜନ ଓ ୱାଲମାର୍ଟ ମାଡି ବସିଛନ୍ତି ବୋଲି କହିଲେ ଠିକ୍ ହେବ । ଭାରତର ଏହି ବଡ ଇ-କମର୍ସ କମ୍ପାନୀକୁ ବିନ୍ନି ବନସଲ୍ ଏବଂ ସଚ୍ଚିନ ବନସଲ୍ ୨୦୦୭ରେ ମିଳିତ ଭାବେ ଆରମ୍ଭ କରିଥିଲେ । ମାତ୍ର ୪ଲକ୍ଷ ଟଙ୍କାରେ ବହି ବିକ୍ରି ପାଇଁ ଏହି ସଂସ୍ଥାକୁ ବିନ୍ନି ଆରମ୍ଭ କରିଥିଲେ । ୨୦୦୫ ଓ ୨୦୦୬ରେ ସେ ଗୁଗଲରେ ଚାକିରି କରିବାକୁ ଉଦ୍ୟମ କରି ବିଫଳ ହେଲାପରେ ମାତ୍ର ୭ମାସ ଆମାଜନରେ ଚାକିରୀ କରିଥିଲେ । ବୁଝାମଣା ଅଭାବରୁ ବିନ୍ନି ନଭେମ୍ବର ୨୦୧୮ରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ପଦବୀରୁ ଅବ୍ୟାହତି ନେଇ ଥିଲେ । ମଇ ୨୦୧୯ରେ ସଚ୍ଚିନ ମଧ କମ୍ପାନୀ ଛାଡିଥିଲେ । ଦେଶରେ ଦିନକୁ ଦିନ ଇ-କମର୍ସର ବଜାର ବଢୁଥିଲା ବେଳେ ଅନେକ କ୍ଷେତ୍ରରେ ଠକେଇ ଓ ଜାଲିଆତି ଆଦିରେ ଗ୍ରାହକ ଶିକାର ହେଲାପରେ ଏହି କ୍ଷେତ୍ରକୁ ସଂଗଠିତ ଏବଂ ନିୟନ୍ତ୍ରିତ କରିବା ନେଇ ଦାବି ଉଠିଥିଲା । ଅନେକ ବସ୍ତୁର ବଜାର ଦରଠାରୁ ଶସ୍ତାରେ ବିକ୍ରି କରିବାକୁ ନେଇ ଦେଶର ଖୁଚୁରା ବ୍ୟବସାୟୀମାନେ ଇ-କମର୍ସ କମ୍ପାନୀଙ୍କ ଅନୈତିକ ବାଣିଜ୍ୟକୁ ବିରୋଧ କରିଥିଲେ । କେନ୍ଦ୍ର ସରକାରଙ୍କ ନିକଟରେ ବହୁ ପ୍ରତିବାଦ ହେଲାପରେ ଏହି କ୍ଷେତ୍ରର ବ୍ୟବସାୟ ସଂପର୍କରେ ଅନୁସନ୍ଧାନ କରିବାପାଇଁ ସରକାର ନିଷ୍ପତ୍ତି ନେଲେ । କିନ୍ତୁ ସରକାରଙ୍କ ଯାଞ୍ଚ ପ୍ରକ୍ରିୟାକୁ ଆମାଜନ ଏବଂ ୱାଲମାର୍ଟ ପକ୍ଷରୁ ବିରୋଧ କରାଯାଇଥିଲା । ୨୦୨୦ରେ ଆମାଜନ ମାଲିକ ଜେଫ ବେଜୋସ ଭାରତ ଗସ୍ତ କରିଥିଲେ । ସେତେବେଳେ ସେ ଭାରତର ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରିବାକୁ ଚାହିଁଥିଲେ ମଧ ପ୍ରଧାନମନ୍ତ୍ରୀଙ୍କ ବ୍ୟସ୍ତତା ଯୋଗୁ ସମ୍ଭବ ହୋଇନଥିଲା । ବେଜୋସଙ୍କ ସମ୍ବାଦପତ୍ର ୱାସିଂଟନ ପୋଷ୍ଟରେ କାଶ୍ମୀର ଏବଂ ସିଏଏକୁ ନେଇ ଅନେକ ଭାରତ ବିରୋଧୀ ସମାଲୋଚନାମୂଳକ ଲେଖା ପ୍ରକାଶ ପାଇଥିଲା । ଜାମ୍ମୁ କାଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରାଯିବା ପରେ ଏହି ସମ୍ବାଦପତ୍ର ଭାରତ ସରକାରଙ୍କ ବିରୋଧରେ ବିଷ ଓଗାଳିଥିଲା । ଜାମ୍ମୁ-କାଶ୍ମୀରର ସନ୍ତ୍ରାସବାଦୀଙ୍କୁ ସାଧାରଣ ଏବଂ ନିରୀହ ଜନତା ଭାବେ ପରିଗଣିତ କରୁଥିବା ଏହି ସମ୍ବାଦପତ୍ର ଗଣି ଗଣି ଭାରତ ବିରୋଧୀ ଲେଖାମାନ ପ୍ରକାଶ କରିବାକୁ ଲାଗିଲା । ପାକ୍-ଚାଇନାର ସମର୍ଥନକାରୀ ଗୋଷ୍ଠୀଙ୍କଠାରୁ ଲେଖାପାଇଁ ଲକ୍ଷାଧିକ ଟଙ୍କା ପ୍ରଦାନ କରିଚାଲିଲା । ଏହି ଟଙ୍କା ପାଇବା ଆଶାରେ ବହୁ ସ୍ତମ୍ଭକାର ୱାସିଂଟନ ପୋଷ୍ଟ ପାଖରେ ଧାଡି ବାନ୍ଧିଲେ । ବର୍ଖା ଦତ୍ତ, ରାଣା ଆୟୁବ, ଅରୁନ୍ଧତୀ ଦେବୀ ପ୍ରମୁଖ ଏମାନଙ୍କ ମଧ୍ୟରେ ରହିଥିଲେ । କଥାହେଲା ନିଜର ବାଣିଜ୍ୟିକ ଲାଭ ପାଇଁ ଆମାଜନ ମାଲିକ ବେଜୋସ ୱାସିଂଟନ ପୋଷ୍ଟରେ ଭାରତ ବିରୋଧୀ ପ୍ରଚାର କରିବାକୁ ଲାଗିଲେ ଯାହା ଭାରତ ସରକାରଙ୍କ ଉପରେ ଚାପ ପକାଇବାକୁ କରିଥିଲେ । ହେଲେ ଭାରତ ସରକାର କୌଣସି ପ୍ରକାରେ ସାଲିସ ନକରି ଦେଶର କୋଟି କୋଟି ସଂଖ୍ୟକ ଖୁଚୁରା ବିକ୍ରେତାମାନଙ୍କର ସ୍ୱାର୍ଥରକ୍ଷା ପ୍ରତି ଅଧିକ ଦୃଷ୍ଟି ଦେଲେ । ଅନ୍ୟପଟେ ବେଜୋସଙ୍କ ସ୍ୱାର୍ଥରେ କଂଗ୍ରେସର ପୂର୍ବତନମନ୍ତ୍ରୀ ପି. ଚିଦାମ୍ବରମ୍ ବ୍ୟାଟିଂ କରିବାକୁ ଆରମ୍ଭ କରିଦେଲେ । ଏହା ୨୦୨୦ ଜାନୁଆରୀ ମାସର କଥା । ନୋବେଲ ବିଜେତା ଅଭିଜିତ୍ ବାନାର୍ଜୀ, ଆମାଜନ ମାଲିକ ଜେଫ ବେଜୋସଙ୍କୁ ଅଧିକ ଗୁରୁତ୍ୱ ଦେବାକୁ କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋୟଲଙ୍କ ଉଦ୍ଦେଶ୍ୟରେ ଅନେକ ଗୁଡିଏ ବ୍ୟଙ୍ଗ ପ୍ରଧାନ ଟ୍ୱିଟ ଛାଡିବାକୁ ଲାଗିଲେ । ତେଣୁ ଆମାଜନ ସପକ୍ଷରେ ବ୍ୟାଟିଂ କରିବାକୁ ଚିଦାମ୍ବରମ୍ କାହିଁକି ଏତେ ତତ୍ପର ତାହା ବୁଝିବାକୁ ବିଳମ୍ବ ହେବ ନାହିଁ । ଯେଉଁଠି ବିଦେଶୀ ଶିଳ୍ପପତିଙ୍କ ନିକଟରେ ମୁଣ୍ଡ ବିକ୍ରି କରିବାକୁ ଦେଶର କଂଗ୍ରେସ ନେତୃବୃନ୍ଦ ସର୍ବଦା ପ୍ରସ୍ତୁତ, ସେଠାରେ ଦେଶବାସୀ ସେ ଦଳକୁ କେମିତି ଅଧିକ ସମର୍ଥନ ଦେବେ ? ଦିନ ଥିଲା ଲୋକେ ଅଳ୍ପ ଶିକ୍ଷିତ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିଲେ ବୋଲି ନେତାମାନେ ଲୋକଙ୍କୁ ଠକି ଦେଉଥିଲେ କଥାରେ । ଆଜି ଲୋକେ ନେତାଙ୍କ କଚ୍ଛା ଖୋଲିଦେବାକୁ ପଛାଇବେ ନାହିଁ । ଦେଶ ବିରୋଧରେ କହୁଥିବା ଓ ଯାଉଥିବା ଲୋକଙ୍କୁ ସମର୍ଥନ ଦେବେ ନାହିଁ ଯାହା ସାଧାରଣତଃ ଦେଖାଦେଉଛି । ଗୁଜରାଟ ମ୍ୟୁନିସିପାଲଟି ନିର୍ବାଚନରେ ପାଞ୍ଚ ପ୍ରତିଶତ ଆସନ ଦଖଲ କରିବାକୁ କଂଗ୍ରେସ ଦଳ ସକ୍ଷମ ନ ହେବା ଅସମ୍ମାନ ନୁହେଁତ ଆଉ କଣ ?

ଅମ୍ବାନୀଙ୍କ ସହ ଆମାଜନର ଆଉ ଏକ ପ୍ରତିସ୍ପର୍ଦ୍ଧା ହେଲା ବିଗ୍‌ବଜାରକୁ ଅଧିଗ୍ରହଣ କରିବାକୁ କେନ୍ଦ୍ରକରି । କିଶୋର ବିୟାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବିଗ୍‌ବଜାର ଫ୍ୟୁଚର ଗ୍ରୁପର ହାତରେ ଦେଶର ୪୦୦ ସହରରେ ପ୍ରାୟ ୧୭୦୦ ରିଟେଲ କାଉଣ୍ଟର ରହିଛି । ଗ୍ରାହକଙ୍କ ପାଇଁ ଆବଶ୍ୟକ ସବୁ ଛୋଟ ବଡ ଘରୋଇ ଉପକରଣ ଏଠାରେ ମିଳୁଥିବା ହେତୁ ଦେଶର ମଧ୍ୟମବର୍ଗର ଗ୍ରାହକଙ୍କ ମଧ୍ୟରେ ବିଗବଜାର ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ହେଲେ କ୍ଷତିରେ ଚାଲୁଥିବା ଏହି ସଂସ୍ଥାକୁ ୨୪୭୧୩ କୋଟି ଟଙ୍କାରେ ରିଲିଆନସ କିଣିବାକୁ ଚାହୁଁଛି । ଅମ୍ବାନୀ ଏଥିରେ ସଫଳ ହେଲେ ଆମାଜନ ଏବଂ ୱାଲମାର୍ଟର ଫ୍ଲିପକାର୍ଟ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହେବ । ଦେଶର ଇ- କମର୍ସ ବ୍ୟବସାୟ ବଢୁଥିବା ହେତୁ ଅମ୍ବାନୀ ଇତି ମଧ୍ୟରେ ୬.୪ ବିଲିଅନ ଡଲାର ସଂଗ୍ରହ କରିଛନ୍ତି ଏହି କ୍ଷେତ୍ରରେ ନିବେଶ କରିବାକୁ । ଦେଶରେ ରିଲିଆନ୍ସର ୧୧୦୦୦ ରିଲେଟ ଷ୍ଟୋର ରହିଛି । ତନ୍ମଧ୍ୟରୁ ୮୦୦ଟିରେ ଖାଉଟୀ ଦ୍ରବ୍ୟ ଓ ଖାଦ୍ୟ ପଦାର୍ଥ ବିକ୍ରି ହେଉଛି । ଆଗାମୀ ଚାରିବର୍ଷରେ ଦେଶର ଖୁଚୁରାବଜାର ୪୬ ପ୍ରତିଶତ ବୃଦ୍ଧି ହେବାର ସମ୍ଭାବନା ଦେଖାଦେଇଛି । ତେଣୁ ମୁକେଶ ଅମ୍ବାନୀଙ୍କ ଉଦ୍ୟମରେ ଆମାଜନ ବ୍ରେକ୍ ଦେବାକୁ ଯୋଜନା ଚଳାଇଛି । ନିକଟରେ ଦିଲ୍ଲୀର ହାଇକୋର୍ଟ ଏହି ମାମଲାର ବିଚାର ପାଇଁ ଆମାଜନଠାରୁ ଜବାବ ମାଗିଛି । ଆମାଜନ ୨୦୧୯ ଅଗଷ୍ଟରେ ଫ୍ୟୁଚର ଗ୍ରୁପର ଅନ୍ୟ ଏକ କମ୍ପାନୀ ଫ୍ୟୁଚର କୁପନ୍ସ ଲିମିଟେଡର ୪୯ ପ୍ରତିଶତ କିଣିବାକୁ ବୁଝାମଣା କରିଥିଲା । ଫ୍ୟୁଚର ରିଟେଲରେ ଏହି କମ୍ପାନୀର ୭.୩ ପ୍ରତିଶତ ଅଂଶ ରହିଛି । ଅଗଷ୍ଟ ୨୦୨୦ରେ ଫ୍ୟୁଚର ଗ୍ରୁପ ରିଲିଆନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡକୁ ନିଜ ରିଟେଲ ଗ୍ରୁପକୁ ବିକ୍ରି କରିବାକୁ ଚୁକ୍ତି କଲା । ହେଲେ ଅକ୍ଟୋବର ମାସରେ ଆମାଜନ କହିଲା ଯେ ଫ୍ୟୁଚର ଗ୍ରୁପ ଯଦି ରିଟେଲ ସଂସ୍ଥା ବିକ୍ରି କରିବାକୁ ଚାହୁଁଛି ତେବେ ପ୍ରଥମେ ଆମାଜନକୁ ବିକ୍ରି କରିବ ଅମ୍ବାନୀଙ୍କ ରିଲିଆନ୍ସକୁ ନୁହେଁ ।

ଭାରତର ରିଟେଲ ମାର୍କେଟରେ ରିଲିଆନ୍ସର ସ୍ଥିତି ମଜଭୁତ ଥିଲାବେଳେ ଅଦାଲତର ବିଳମ୍ବିତ ବିଚାର ବ୍ୟବସ୍ଥା ଭିତରକୁ ଫ୍ୟୁଚର ଗ୍ରୁପକୁ ଟାଣି ସଂସ୍ଥାକୁ ଅଧିକ ଦୁର୍ବଳ କରିବାକୁ ଚାହୁଁଛି ଆମାଜନ । ଗୋଟିଏ ପଟେ ଅନଲାଇନ ବଜାର ଆଇନ ଏବଂ ଅନ୍ୟପଟେ ଫ୍ୟୁଚର ମାମଲାରେ ଆମାଜନ ଛନ୍ଦି ହୋଇ ଏବେ ରିଲାଏନ୍ସ କମ୍ପାନୀକୁ ଟାର୍ଗେଟ କରିବାକୁ ଯାଇ କେଉଁଠି ଚାଷୀ ସଂଗଠନ, କେଉଁଠି କଂଗ୍ରେସ ଦଳ, କେଉଁଠି ୱାସିଂଟନ ପୋଷ୍ଟ ଖବରକାଗଜକୁ ଲଗାଇ ଦେଇଛି । ହେଲେ ଆମାଜନର ଏହି ଭାରତ ଦଖଲକାରୀ ଖେଳକୁ ଦେଶର ଛୋଟ ବ୍ୟବସାୟୀ, ସାଧାରଣ ଜନତା ଏବଂ ସରକାର ସହଜରେ ଗ୍ରହଣ କରିପାରିନାହାନ୍ତି । ମୁକ୍ତ ବଜାର ଅର୍ଥନୀତିକୁ ଆଳକରି ବିଦେଶୀ ବ୍ୟବସାୟୀମାନେ ଯଦି ଦେଶର ଆଇନକୁ ଫାଙ୍କିବାକୁ ଚାହିଁବେ ତେବେ ତାହା ଦେଶପାଇଁ କ୍ଷତିକାରକ ହେବ । ଆମାଜନ ଗୋଷ୍ଠୀ ଏହି କ୍ଷତିକାରକ ଖେଳ ଭାରତରେ ଏବେ ଆରମ୍ଭ କରିଦେଇଛନ୍ତି । କଂଗ୍ରେସ ଦଳର ଏବେ ଆର୍ଥିକ ସ୍ଥିତି ଭଲ ନଥିବାରୁ ବୋଧହୁଏ ଦଳର ନେତୃବୃନ୍ଦ ଅର୍ଥ ଆଶାରେ ଆମାଜନ ସପକ୍ଷରେ ଯାଇ ଅମ୍ବାନୀଙ୍କୁ ବିରୋଧ କରିବାରେ ଲାଗିପଡିଛନ୍ତି । ପଞ୍ଜାବ ଓ ହରିୟାଣାର ପଞ୍ଜାବୀ ଜାଠ ଏବଂ ହିନ୍ଦୁ ଜାଠ ଲୋକେ ସାଧାରଣତଃ ଚାଷୀ ଆନ୍ଦୋଳନରେ ରହିଛନ୍ତି ଯେଉଁମାନଙ୍କ ସଂପର୍କୀୟମାନେ କାନାଡା ଏବଂ ଆମେରିକାରେ ୱାଲମାର୍ଟ ଏବଂ ଆମାଜନକୁ ନିଜର ବସ୍ତୁ ବିକ୍ରି କରି ଦି ପଇସା ରୋଜଗାର କରୁଛନ୍ତି । ତେଣୁ ଭାରତର ରିଟେଲ ବଜାରରେ ଅମ୍ବାନୀଙ୍କ କ୍ଷତି ହେଲେ ଆମାଜନ ଏବଂ ୱାଲମାର୍ଟ ପରି ଆମେରିକାର ସଂସ୍ଥାମାନେ ଏହି ବଜାର ଉପରେ ନିଜର ଏକାଧିପତ୍ୟ ଜାହିର କରିବାକୁ ସୁଯୋଗ ପାଇବେ । ତେଣୁ ଅମ୍ବାନୀଙ୍କ ବିରୋଧରେ ବିଦେଶରୁ ଭାରତ ଯାଏ ଆମାଜନର ସେନା ସବୁକ୍ଷେତ୍ରରେ ପ୍ରାଣପଣେ ଲାଗିପଡିଛନ୍ତି । ପଞ୍ଜାବର ଜିଓ ମୋବାଇଲ ଟାୱାର ଭାଙ୍ଗିବାଠାରୁ ରାହୁଲ ଗାନ୍ଧିଙ୍କ ଅମ୍ବାନୀ ବିରୋଧୀ ଭାଷଣ ତାର ପ୍ରତିଫଳନ ମାତ୍ର ।

(ସମାପ୍ତ)

+ଭାରତୀୟ ସମ୍ବାଦ ସେବା
(ଭାସ୍)
ଭୁବନେଶ୍ୱର-୭୫୧୦୦୩

# ମିଥ୍ୟାର ମୂଳଦୁଆରେ ଉପରେ ଠିଆ ଚୀନର ଦାବି



ଡ ସମନ୍ୱୟ ନନ୍ଦ

କମ୍ୟୁନିଷ୍ଟ ଚୀନର ସରକାର ନିୟନ୍ତ୍ରିତ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସରେ କିଛି ଦିନ ତଳେ ଏକ ଖବର ପ୍ରକାଶିତ ହୋଇଥିଲା । ଏହି ଖବରରେ ଗତ ଜୁନ ମାସରେ ଗଲବାନ ଘାଟି ଠାରେ ଭାରତୀୟ ସୈନିକ ମାନଙ୍କ ସହ ହୋଇଥିବା ସଂଘର୍ଷରେ ପାଂଚ ଜଣ ଚୀନର ସୈନିକ ମୃତ୍ୟୁବରଣ କରା ଯାଇଥିବା ସ୍ୱୀକାର କରା ଯାଇଥିଲା । ଏଥି ମଧ୍ୟରୁ ଚାରି ଜଣଙ୍କୁ ମରୋଣପରାନ୍ତ ସମ୍ମାନ ପ୍ରଦାନ କରା ଯିବା କଥା ଉଲ୍ଲେଖ କରା ଯାଇଥିଲା ।ଗଲବାନ ଘାଟିରେ ହୋଇଥିବା ସଂଘର୍ଷରେ ଭାରତର ୨୦ ଜଣ ବୀର ସୈନିକ ପ୍ରାଣବଳୀ ଦେଇଥିଲେ । ଭାରତ ତଥା ବିଶ୍ୱର ଅନେକ ସୈନ୍ୟ ଓ ପ୍ରତିରକ୍ଷା ବିଶେଷଜ୍ଞ ମାନେ ଏହି ସଂଘର୍ଷରେ ଚୀନର ଖୁବ ଅଧିକ କ୍ଷୟ କ୍ଷତି ହୋଇଥିବା ନେଇ ଆକଳନ କରିଥିଲେ । ଏଥିରେ ଚୀନର ଖୁବ ଅଧିକ ସୈନିକ ମୃତ୍ୟୁବରଣ କରିଥିବା ମଧ୍ୟ କହିଥିଲେ । ହେଲେ ଚୀନ ଏଥିରେ ଜଣେ ହେଲେ ସୈନିକ ମୃତ୍ୟୁବରଣ କରିଥିବା କଥାକୁ ସ୍ୱୀକାର କରୁ ନ ଥିଲା । ଦେଖିବାକୁ ଗଲେ ଚୀନ ନିଜ ସୈନିକଙ୍କ ମୃତ୍ୟୁବରଣ କରିଥିବା କଥାକୁ ସ୍ୱୀକାର କରୁ ନ ଥିଲା କିମ୍ବା ଖଣ୍ଡନ ମଧ୍ୟ କରୁ ନ ଥିଲା । ତେଣୁ ଏକ ପ୍ରକାର ଭ୍ରମପୂର୍ଣ ସ୍ଥିତି ଥିଲା । ପ୍ରଥମ ଥର ପାଇଁ ଚୀନ ସାର୍ବଜନିକ ଭାବେ ତାର ସୈନିକ ମୃତ୍ୟୁବରଣ କରିଥିବା କଥାକୁ ସ୍ୱୀକାର କରିଛି । ଏହାକୁ ସ୍ୱୀକାର କରିବାକୁ ଚୀନକୁ ୮ ମାସ ସମୟ ଲାଗି ଗଲା । ଚୀନ କହୁଛି ତାର ପାଂଚ ଜଣ ସୈନିକ ମୃତ୍ୟୁବରଣ କରିଛନ୍ତି । ଏହା ସତ୍ୟ ନା ଅସତ୍ୟ । ଚୀନର ଟ୍ରାକ ରେକର୍ଡକୁ ଦେଖିବା ପରେ ଚୀନ ଏ ସମ୍ପର୍କରେ ସଠିକ ତଥ୍ୟ ଜଣାଇବ ଏପରି ଆଶା କରିବା ଠିକ ନୁହେଁ ।

ଅନେକ ଲୋକ ମାନଙ୍କୁ ଲାଗି ପାରେ ଯେ ଚୀନ ନିଜର ସୈନିକ ମାନଙ୍କ ମୃତ୍ୟୁ ସମ୍ପର୍କିତ ଖବରକୁ କିପରି ଲୁଚାଇ ପାରି ଥାଏ । ଭାରତ ଭଳି ଦେଶ ପାଇଁ ଏହା କୌଣସି ଆଶ୍ଚର୍ଯ୍ୟଜନକ ପ୍ରଶ୍ନ ଠାରୁ କମ ନୁହେଁ । ଏହି ପ୍ରଶ୍ନର ଉତର ଖୋଜିବା ପୂର୍ବରୁ ଆମକୁ ମନେ ରଖିବାକୁ ପଡିବ ଯେ ଚୀନ ଭାରତ ଭଳି କୌଣସି ଗଣତନ୍ତ୍ର ନୁହେଁ , ଏହା ବିଶୁଦ୍ଧ ଭାବରେ ଏକ କମ୍ୟୁନିଷ୍ଟ ଦେଶ । ସେଠାକାର ବ୍ୟବସ୍ଥା ଗଣତାନ୍ତ୍ରିକ ନୁହେଁ ବରଂ କମ୍ୟୁନିଷ୍ଟ। ତେଣୁ ସେଠାରେ ସମ୍ବାଦପତ୍ର ଓ ସଂଚାର ମାଧ୍ୟମ ଉପରେ ପୂର୍ଣ କଟକଣା ରହିଛି । ସେଠାରେ ଚୀନ ସରକାରଙ୍କ ଷ୍ଟେଟ ନିୟନ୍ତ୍ରିତ ଷ୍ଟେଟ ମିଡିଆ କାମ କରିଥାଏ । ଅର୍ଥାତ ସେଠାରେ କୌଣସି ବ୍ୟକ୍ତିବିଶେଷ କିମ୍ବା କୌଣସି ସଂସ୍ଥା ସମ୍ବାଦପତ୍ର କିମ୍ବା ସଂଚାର ମାଧ୍ୟମ ଚଳାଇ ପାରିବ ନାହିଁ । କେବଳ ଚୀନ ସରକାର ହିଁ ମିଡିଆ ଚଳାଇ ପାରିବେ । କେଉଁ ସୂଚନା ଦେବାର ଅଛି, କେଉଁ ସୂଚନା ଦେବାର ନାହିଁ ତାହା ଚୀନ ସରକାର ସ୍ଥିର କରିଥାନ୍ତି । ସେଠାରେ କୌଣସି ପ୍ରକାର ବିଦେଶୀ ସୋସିଆଲ ମିଡିଆ ପ୍ଲାଟଫର୍ମ ମଧ୍ୟ ନାହିଁ । ସମସ୍ତ ପ୍ରକାରର ବିଦେଶୀ ସୋସିଆଲ ମିଡିଆ ପ୍ଲାଟଫର୍ମ ସେଠାରେ ପ୍ରତିବନ୍ଧିତ । ଚୀନ ସରକାର ଦ୍ୱାରା ତିଆରି କରା ଯାଇଥିବା ସୋସିଆଲ ମିଡିଆ ପ୍ଲାଟଫର୍ମ ସେଠାରେ ସାଧାରଣ ଲୋକ ମାନେ ବ୍ୟବହାର କରିଥାନ୍ତି । ଏଥିରେ କଂଟେଂଟକୁ ମଧ୍ୟ ଚୀନର କମ୍ୟୁନିଷ୍ଟ ସରକାର ନିୟନ୍ତ୍ରିତ କରିଥାନ୍ତି ।

୧୯୬୨ ମସିହାରେ ଭାରତ – ଚୀନ ଯୁଦ୍ଧ ସମୟରେ ଭାରତ ପରାଜିତ ହୋଇଥିଲା ସତ ହେଲେ ଭାରତର ବୀର ଜବାନ ମାନେ ଚୀନ ସୈନିକ ମାନଙ୍କର ବ୍ୟାପକ କ୍ଷତି କରିଥିଲେ । ଏହି ଯୁଦ୍ଧରେ ତାର କେତେ ସୈନିକ ପ୍ରାଣ ହରାଇଲେ ଚୀନ ତାକୁ ଆଜି ପର୍ଯ୍ୟନ୍ତ ସରକାରୀ ଭାବେ ଖୁଲାସା କରି ନାହିଁ । ଚୀନର ବର୍ତମାନ ପୀଢି ଏହି କଥାକୁ ନେଇ ଅନଭିଜ୍ଞ ଯେ ୧୯୬୨ ମସିହାରେ ଚୀନର ଭାରତ ସହ ଯୁଦ୍ଧ ହୋଇଥିଲା ଓ ଏଥିରେ ତାଙ୍କର ଅନେକ ସୈନିକ ପ୍ରାଣ ହରାଇଥିଲେ । ଏଥିରୁ ଅନୁମାନ କରା ଯାଇ ପାରେ ଯେ ଚୀନରେ ସୂଚନା ଉପରେ କେତେ ମାତ୍ରାରେ ନିୟନ୍ତ୍ରଣ ରହିଛି । କିନ୍ତୁ ଗତ କିଛି ବର୍ଷ ହେଲା ବିଶ୍ୱ ଏକ ପ୍ରକାର ଖୋଲି ଯାଇଛି ଓ ଚୀନର ଯୁବ ପୀଢୀ ପଢିବାକୁ ଓ ଅନ୍ୟ କାମରେ ବାହାର ଦେଶ ମାନଙ୍କୁ ଯାଉଛନ୍ତି । ଏହି କାରଣରୁ ସେମାନଙ୍କୁ ଅନ୍ୟ ସୋର୍ସରୁ ସୂଚନା ମିଳିବା ଆରମ୍ଭ ହୋଇଛି । ବୋଧ ହୁଏ ଏଇଥି ପାଇଁ ଚୀନକୁ ଆଠ ମାସ ପରେ ନିଜର ସୈନିକ ମାନଙ୍କର ମୃତ୍ୟୁବରଣ କରିଥିବା କଥା ( କମ ସଂଖ୍ୟାରେ ହେଲେ ମଧ୍ୟ) ସ୍ୱୀକାର କରିବାକୁ ପଡିଛି । ଉପରୋକ୍ତ କଥାରୁ ସ୍ପଷ୍ଟ ଯେ ଚୀନ ଦ୍ୱାରା ଯେତେବେଳେ କୌଣସି ପ୍ରକାର ଦାବି କରା ଯାଇଥାଏ ତାହାକୁ କୌଣସି ପ୍ରକାର ଇଂଡିପେଣ୍ଡେଂଟ ସୋର୍ସରୁ ପୁଷ୍ଟି କରିବା ସମ୍ଭବ ହୋଇ ନ ଥାଏ । ତେଣୁ ଚୀନ ଦ୍ୱାରା ନିଜ ଦେଶରେ ତୀବ୍ର ଗତିରେ ଆର୍ଥିକ ବିକାଶ କଥା ହେଉ ବା ନିଜର ପ୍ରଚଣ୍ଡ ସୈନ୍ୟ ଶକ୍ତି ରହିଥିବା କଥା ହେଉ ବା ଅନ୍ୟ ପ୍ରସଙ୍ଗରେ କରା ଯାଉଥିବା ଦାବି ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ କଥା ।

ଚୀନ ସବୁବେଳେ ନିଜକୁ ଏକ ବିଶାଳ ସୈନ୍ୟ ଶକ୍ତି ସମ୍ପନ୍ନ ଦେଶ ଭାବେ ଦାବି କରିବା ସହ ଏହାକୁ ପ୍ରଚାରିତ କରିଥାଏ । ୧୯୬୨ ମସିହାରେ ଭାରତକୁ ଚୀନ ସହ ଯୁଦ୍ଧରେ ପରାଜିତ ହେବା ପାଇଁ ପଡିଥିଲା କାରଣ ଭାରତର କୌଣସି ପ୍ରକାର ପ୍ରସ୍ତୁତି ନ ଥିଲା । ଚୀନ ଯେତେବେଳେ ଭାରତ ବିରୁଦ୍ଧରେ ଯୁଦ୍ଧର ପ୍ରସ୍ତୁତି କରୁଥିଲା ସେତେବେଳେ ତତ୍କାଳୀନ ଭାରତୀୟ ନେତୃତ୍ୱ ଓ କମ୍ୟୁନିଷ୍ଟ ବୁଦ୍ଧିଜୀବୀ ହିନ୍ଦୀ – ଚୀନୀ ଭାଇ ଭାଇ ସ୍ଲୋଗାନରେ ନାଚିବାରେ ବ୍ୟସ୍ତ ଥିଲେ । ଏହା ବାଦ ଭାରତର ବୀର ସୈନିକ ମାନେ ବିନା ପ୍ରସ୍ତୁତିରେ ଚୀନକୁ ପ୍ରବଳ କ୍ଷତି ପହଂଚାଇଥିଲେ । ଏହା ପରେ ଚୀନ କୌଣସି ବଡ ଯୁଦ୍ଧ ଲଢି ନାହିଁ । ଭିଏତନାମ ଯୁଦ୍ଧରେ ଚୀନକୁ ପ୍ରବଳ କ୍ଷତି ସହିବାକୁ ପଡିଥିଲା । କିନ୍ତୁ ଏହା ସତ୍ୱେ ଚୀନ ନିଜକୁ ଖୁବ ଶକ୍ତିଶାଳୀ ସୈନ୍ୟ ଶକ୍ତି ରୂପେ ପ୍ରଚାରିତ କରି ଆସୁଛି । ଭାରତ ଓ ଅନ୍ୟ ଦେଶରେ ଥିବା ଚୀନ ସମର୍ଥକ ମାନେ ଏହାକୁ ବାରମ୍ବାର ପ୍ରଚାରିତ କରିବାର ଦେଖା ଯାଇଥାଏ । ଚୀନ ମନୋସ୍ତାତ୍ୱିକ ଭାବେ ଅନ୍ୟ ଦେଶ ମାନଙ୍କୁ ଭୟଭୀତ କରି ରଖିବାକୁ ଚାହେଁ । ଚୀନର ଦାବି ମିଛ ଓ ଅବିଶ୍ୱସନୀୟ ହୋଇଥିବା କାରଣରୁ ନିଜର ପ୍ରପାଗଣ୍ଡା ପାଇଁ ଚୀନ ବିପୁଳ ଧନରାଶି ଖର୍ଚ୍ଚ କରିଥାଏ । ଗତ ବର୍ଷ ଆମେରିକାରେ ଚୀନର ଏହି ରଣନୀତି ସମ୍ପର୍କରେ ରହସ୍ୟୋଦଘାଟନ ହୋଇଥିଲା । ୟୁଏସ ଡିପାର୍ଟମେଂଟ ଅଫ ଜଷ୍ଟିସରେ ପ୍ରଦାନ କରା ଯାଇଥିବା ତଥ୍ୟରେ କୁହା ଯାଇଥିଲା ଯେ ଚୀନ କମ୍ୟୁନିଷ୍ଟ ପାର୍ଟିର ନିୟନ୍ତ୍ରଣାଧୀ ଚାଇନା ଡେଲୀ ପକ୍ଷରୁ ୨୦୧୬ ନଭେମ୍ବର ମାସ ପର ଠାରୁ ବିଭିନ୍ନ ଆମେରିକୀୟ ସମ୍ବାଦପତ୍ରଙ୍କୁ ୧୯ ମିଲିୟନ ଆମେରିକୀୟ ଡଲାର ପ୍ରଦାନ କରା ଯାଇଥିଲା । ଭାରତରେ ମଧ୍ୟ ଆପଣ ମାନଙ୍କୁ ଏପରି ଆଂକର ଓ ରଣନୈତିକ ବିଶ୍ଳେଷକ ମିଳିଯିବେ ଯିଏ ଦିନ ରାତି ସମ୍ବାଦପତ୍ର ଓ ଟିଭି ଶୋରେ ଚୀନର ପ୍ରଶଂସା କରି ଥକନ୍ତି ନାହିଁ ଓ ଭାରତକୁ ମନୋସ୍ତାତ୍ୱିକ ଭାବେ ପରାସ୍ତ କରିବାକୁ ପ୍ରୟାସ କରୁଥିବାର ଦେଖିବାକୁ ମିଳିଥାଏ । ଦୁର୍ଭାଗ୍ୟର ବିଷୟ ଯେ ଭାରତୀୟ ବିଶ୍ୱବିଦ୍ୟାଳୟ ଓ ଅନ୍ୟ ସଂସ୍ଥାନ ମାନଙ୍କରେ ଯେଉଁ ଅନୁସନ୍ଧାନ ହୋଇଥାଏ ସେଥିରେ ଚୀନ ଦ୍ୱାରା କରା ଯାଉଥିବା ଅବିଶ୍ୱସନୀୟ ଦାବିକୁ ପ୍ରାମାଣିକ ବୋଲି ମାନି ଆଗକୁ ଅନୁସନ୍ଧାନ କରା ଯାଇଥାଏ । ଚୀନର ମିଥ୍ୟାଦ ଦାବି ପରିବର୍ତେ ପ୍ରାମାଣିକ ତଥ୍ୟକୁ ନେଇ ଅନୁସନ୍ଧାନ କରାଯିବାର ଆବଶ୍ୟକତା ରହିଛି ।

## କବିତା କୋଣାର୍କ

### ଅନୂଢା କବିତା..

ସୁଦର୍ଶନ ମହାପାତ୍ର



ତୁମେ କିବା ସେହି
ନୀଳ ଆକାଶର
କାଗଜରେ ଲେଖା
ଅସରନ୍ତି ରୂପକଥା,
ଲାସ୍ୟମୟୀ ଅଙ୍ଗଭଙ୍ଗୀ
ସମ୍ମୋହନୀ ନୟନରେ
ଲାଜ ଲାଜ ଚାହାଣୀର
ଏଲୋରା ଅଜନ୍ତା !

ଚୂତ ବୃକ୍ଷ ବଉଳରେ
ମୃଦୁ ମୃଦୁ ମଳୟରେ
କୋକିଳର କୁହୁ ତାନେ
ସ୍ନିଗ୍ଧ ସୁରଭିତ ,
କୃଷ୍ଣଚୂଡା ଡାଳେ ଡାଳେ
ହଳଦୀ ବସନ୍ତ ଆଗମେ
ମଧୁମୟ ଫଗୁଣରେ
ଚିତ୍ରିତ ବସନ୍ତ !

ନିବିଡ ଶାଶ୍ୱତ ପ୍ରେମେ
ପୁଲକିତ ହୃଦୟରେ
ସଦ୍ୟ-ସ୍ନାତ ସକାଳର
ଶିଶିରର ଟୋପା,
ସମ୍ମୋହନେ ଭରି ଦିଅ
ବେନି ନୟନରେ ମୋର
ସୁସୁପ୍ତି ଆଶ୍ଳେଷ ଟିକେ
ତୁମେ ଅପରୂପା !

ସ୍ୱାତିଲଗ୍ନା ମୁହୂର୍ତ୍ତରେ
ଲେଖି ଯାଅ ଶବ୍ଦହୀନ
ଶର୍ବରୀର କଥନିକା
ସକାଳର ଚିନ୍ମୟ ଚିରାଗ,
ସମୁଦ୍ରର ତରଙ୍ଗରେ
ବିହଙ୍ଗମ କୂଜନରେ
ଛନ୍ଦମୟୀ ଝରଣାର
ଅପୂର୍ବ ବେହାଗ !

ତୁମେ କିବା ସେହି
ଛଳ ଛଳ ତଟିନୀରେ
ଜହ୍ନ ଭିଜା ଜୁଆରର
ହୃଦୟର ଗାଥା
ଚିକ୍ ମିକ୍ ଆକାଶରେ
ତାରାଙ୍କର ଓଠଧାରେ
ସଂଗୋପିତ ଆବେଗର
ଅନୂଢା କବିତା !!!

+କୁଞ୍ଜବିହାରୀ ଲେନ,କଟକ

### ଚାଲିଯିବି ବୃଦ୍ଧାଶ୍ରମ..

ରାମ ଚନ୍ଦ୍ର ପ୍ରଧାନ



ବାର୍ଦ୍ଧକ୍ୟ ତାଡ଼ନେ ଭୋଗେ ଦୁଃଖକଷ୍ଟ
ପେଟକୁ ମିଳେନି ଦାନା
ସବୁଥାଇ ମୋର ନିଶ୍ୱ ମୁହିଁ ଆଜି
ପିନ୍ଧୁ ଅଛି ଚିରା କନା ।

ପୁଅ ବୋହୁ ମୋର ପଚାରନ୍ତି ନାହିଁ
ଦିଅନ୍ତି ନାନା ଯାତନା
ଏ ବୁଢ଼ା ବୟସେ ଚଳିବି କେମିତି
କାଣିବା ବି ଏଠି ମନା ।

ସବୁ କିଛି କରି ଅଲୋଡ଼ା ମୁଁ ଆଜି
ଘରେ ନାହିଁ ଅଧିକାର
ଏହି କଳିକାଳେ ସବୁ ସ୍ୱାର୍ଥପର
ଆପଣା ହୁଅନ୍ତି ପର ।

ଜରାଜୀର୍ଣ୍ଣ ମୋର ଏ ଶେଷ ଅବସ୍ଥା
ଦେହେ ପିଟା ଦାଗ ଚିହ୍ନ
ଚମ ଧୁଡୁ ଧୁଡୁ ଅସ୍ପଷ୍ଟ ଏ ଆଖି
ଫିକା ପଡ଼ିଲାଣି ବର୍ଣ୍ଣ ।

ଆଉ ଆଶା ନାହିଁ ନିଜ ଲୋକ ପାଖେ
ଚାଲି ଯିବି ବୃଦ୍ଧାଶ୍ରମ
ଜପି ପ୍ରଭୁ ନାମ କାଟିବି ଜୀବନ
ଦୂର କରି ସବୁ ଭ୍ରମ ।

+ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩

# ଉତ୍ତରର ପ୍ରତୀକ୍ଷାରେ



କାବ୍ୟଭୂଷଣ
ଶିବ ପ୍ରସାଦ ବାହିନୀପତି

ସାହିତ୍ୟ ସମାଜର ଦର୍ପଣ ; ସାହିତ୍ୟ ବି ଏକ ପ୍ରକାର ସମାଜସେବା କହିଲେ ଅତ୍ୟୁକ୍ତି ନାହିଁ । ସାହିତ୍ୟ ଏ ସମାଜର ମଙ୍ଗଳ ବିଧାନାର୍ଥେ ଉତ୍ସର୍ଗୀକୃତ ହେବା ଦରକାର । ସମସ୍ତେ ଜାଣନ୍ତି ଯିଏ ସାହିତ୍ୟ ଅନୁରାଗୀ ଓ ସାହିତ୍ୟ ସର୍ଜନା କରେ ସେ ସାହିତ୍ୟିକ । ସମସ୍ତଙ୍କ ପାଖରେ ସାହିତ୍ୟ ଅଛି; ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସାହିତ୍ୟ ସବୁରି ସହିତ ଜଡ଼ିତ। ସମସ୍ତେ ଜଣେ ଜଣେ ସାହିତ୍ୟିକ ହୋଇ ପାରିବେ; କିନ୍ତୁ ସମସ୍ତେ ସୁସାହିତ୍ୟିକ ହେବା ଜଟିଳସାଧ୍ୟ । ସାହିତ୍ୟିକ ବି ପରୋକ୍ଷରେ କହିବାକୁ ଗଲେ ଜଣେ ଜଣେ ସମାଜସେବୀ । ସମାଜର ହିତ ସାଧନ କରୁଥିବା ବ୍ୟକ୍ତି ଜଣେ ବଳିଷ୍ଠ ସମାଜସେବୀ; ସମାଜର ହିତାର୍ଥେ କଲମ ଚ଼ାଳନା କରୁଥିବା ବ୍ୟକ୍ତି ଜଣେ ସୁଲେଖକ ବା ସୁସାହିତ୍ୟିକ ବୋଲି ଭାବି ନେବାକୁ ହେବ । କିନ୍ତୁ ଆମ ଓଡ଼ିଆ ସାହିତ୍ୟରେ ଏଭଳି କିଛି ବ୍ୟକ୍ତି ଅଛନ୍ତି, ଯିଏକି ନିଜର ସ୍ୱାର୍ଥ ହାସଲ ପାଇଁ ସର୍ବଦା କଲମ ଚ଼ାଳନ୍ତି । ନିଜକୁ ପ୍ରତିଷ୍ଠିତ ଓ ମହାନ କରିବାକୁ ଏମିତି କିଛି କରି ବସନ୍ତି, ଯାହା ସମାଜରେ ନିନ୍ଦନୀୟ କର୍ମ ଭାବେ ଗୃହୀତ ହୁଏ । କଥାବାର୍ତ୍ତାରେ ଶାଳୀନତା,କାର୍ଯ୍ୟରେ ସଂଯମତା, ଲେଖାରେ ସମାଜକୁ ଶିକ୍ଷା ଓ ନିଜର ନୈତିକତା, ଜ୍ଞାନ, ବିବେକ ଏସବୁକୁ ସଞ୍ଚୟ କରି ପାରିଲେ ସେ ଜଣେ ଉତ୍ତମ ସାହିତ୍ୟ ସାଧକ ହୁଏ । ଆମ ଓଡ଼ିଆ ସାହିତ୍ୟରେ ଏଭଳି କିଛି ବ୍ୟକ୍ତି ଅଛନ୍ତି; ଯିଏ ଏସବୁକୁ ଭୁଲି ସ୍ୱାର୍ଥ ହାସଲରେ ଲାଗି ପଡ଼ନ୍ତି । ଜଣାପଡେ ସେମାନେ ସାହିତ୍ୟିକ ଓ ସାହିତ୍ୟ ଶବ୍ଦର ଅର୍ଥ ଉପରେ ଅନଭିଜ୍ଞ । ଏମିତି ଏକ ବ୍ୟକ୍ତିତ୍ୱ ବିଷୟରେ ମୁଁ ଆଜି ଉପସ୍ଥାପନ କରିବାକୁ ଯାଉଛି; ସମସ୍ତ ସାହିତ୍ୟିକ ତଥା ବୁଦ୍ଧିଜୀବୀ ମାନେ ଉପଯୁକ୍ତ ବିଚ଼ାର ପୂର୍ବକ ଏଭଳି ସାହିତ୍ୟିକଙ୍କର କାରନାମା ଉପରେ ଆଲୋକପାତ କରିବା ହେବେ ।

ମୁଁ ଯାହା ବିଷୟରେ କହିବାକୁ ଯାଉଛି , ସେ ବୃତ୍ତିରେ ଜଣେ ଶିକ୍ଷକ । ବୟସ ପାଖାପାଖି ୪୮ ହେବ । କେନ୍ଦୁଝରର ଜଣେ ସାହିତ୍ୟିକ । ଆଜି ତାଙ୍କ ପାଇଁ ସାହିତ୍ୟ ଶବ୍ଦ ପ୍ରୟୋଗ କରିବାକୁ ନିଜକୁ ସରମ ମାଡୁଛି । କାରଣ କୌଣସି ସାହିତ୍ୟିକର କାର୍ଯ୍ୟକଳାପ ଏପରି ହେବା ଅନୁଚିତ୍ ? । ବୃତ୍ତିରେ ଶିକ୍ଷକତା କରୁଥିବା ମଣିଷର ସ୍ୱଭାବ ଶାନ୍ତ, ସରଳ, ନମ୍ର ଓ ଭଦ୍ର ହେଲେ ତା'ର ଶିକ୍ଷାର ତଥା ଶିକ୍ଷକ ପଦବୀର ମର୍ଯ୍ୟାଦା ରହେ । କିନ୍ତୁ ଜଣେ ଶିକ୍ଷକର ଅଶାଳୀନ ବ୍ୟବହାର ଓ ଜଣେ ସାହିତ୍ୟିକର ସ୍ୱାର୍ଥ ସାଉଁଟା କାର୍ଯ୍ୟକଳାପ ନିଜର ପଦ ମର୍ଯ୍ୟାଦା କ୍ଷୁର୍ଣ୍ଣ କରୁନାହିଁ କି ? ସାହିତ୍ୟକୁ ନେଇ ବେପାର କରିବା ତ ସମ୍ପୂର୍ଣ୍ଣ ରୂପେ ଅପରାଧ ଓ ନିନ୍ଦନୀୟ; କାରଣ ସାହିତ୍ୟ ପଣ୍ୟ ଦ୍ରବ୍ୟ ନୁହେଁ । ସାହିତ୍ୟ ସମାଜର ହିତ ସାଧନରେ ବିନିଯୋଗ । ସମାଜର ହିତ ଚିନ୍ତକ କେବେ ନିଜକୁ ବିକ୍ରି କରି ପାରେନା । ବରଂ ସେ ସମାଜ ସେବକ ଭାବରେ ରହିଥାଏ ।

କିନ୍ତୁ ଏଭଳି କିଛି ବ୍ୟକ୍ତି ତୁଚ୍ଛା ସମ୍ମାନ ପଛରେ ଧାଇଁ ନିଜକୁ ପ୍ରତିଷ୍ଠିତ କରିବା ଆଶାରେ ଅଜସ୍ର ଅର୍ଥ ବ୍ୟୟ କରି ସମ୍ମାନ ସାଉଁଟିବାରେ ବ୍ୟସ୍ତ । ବେଳ ପଡ଼ିଲେ ଗୋଡ଼-ହାତ ଧରି ସମ୍ମାନ ପାଇବା ପାଇଁ ବ୍ୟାକୁଳିତ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଏ ବାବୁ ଜଣକ ସାମିଲ୍। ଏଭଳି ଆହୁରି ଅନେକ ବ୍ୟକ୍ତି ଅଛନ୍ତି; କିନ୍ତୁ ମୁଁ ଏ ବ୍ୟକ୍ତିଙ୍କୁ କାହିଁକି ପ୍ରାଧାନ୍ୟ ଦେଲି ଅଧିକ ମାତ୍ରାରେ ଆପଣମାନେ ନିଜେ ଉପଲବ୍ଧି କରନ୍ତୁ ମୋର ଏ ଲେଖାରୁ । ଏ ବ୍ୟକ୍ତି ଜଣେ ସମ୍ମାନ ଲୋଭୀ କହିଲେ ବି ଅତ୍ୟୁକ୍ତି ହେବନି । ଆଜିକାଲି ସମ୍ମାନ 'ଯାଚ଼ି ତିଅଣ ମାଗି ଓଳଗି' କହିଲେ କିଛି ଭୂଲ୍ ନାହିଁ । ସମ୍ମାନ ମଗା ଯାଏନି ; ଦାନ ସୂତ୍ରରେ ଦିଆଯାଏ । ଉଚିତ୍ କର୍ମ , ନିଜର ନୈତିକତା , ଉତ୍ତମ ସର୍ଜନା , ସୁନ୍ଦର ଚିନ୍ତାଧାରା, ନିଜର ନମ୍ର ,ଭଦ୍ର ବ୍ୟବହାର ମଣିଷକୁ ଉଚ୍ଚ ସମ୍ମାନର ଅଧିକାରୀ କରାଇଥାଏ । ସମ୍ମାନ ପାଇବାକୁ ଅର୍ଥର ଆବଶ୍ୟକତା ବଦଳରେ ଏସବୁ ରହିବା ଉଚିତ୍ ? । ଏଭଳି ବ୍ୟକ୍ତି କେତେ ସମ୍ମାନନୀୟ ଆପଣମାନେ ମୋ' ଲେଖା ପଢ଼ି ବୁଝି ପାରିବେ ।

ଏ ବ୍ୟକ୍ତି ଅର୍ଥ ଦେଇ ସମ୍ମାନ କିଣନ୍ତି । କିଛି ଜାଗାରେ ଚଞ୍ଚକତାର ସହ ଏବଂ ଅନୁରୋଧ କରି ସମ୍ମାନ ସାଉଁଟିଛନ୍ତି । ତାଙ୍କ ସହ ଆଉ କିଛି ବ୍ୟକ୍ତି ବି ଯୋଡ଼ି ହୋଇଛନ୍ତି । ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଥିଲେ । ସେ ଗ୍ରୁପ୍‌ଟି ଧିରେ ଧିରେ ଏକ ସାହିତ୍ୟ ଅନୁଷ୍ଠାନ ଭାବରେ ଗଢ଼ି ଉଠିଲା । କିଛି ନାମକରା ସାହିତ୍ୟିକ ବି ସେଥିରେ ଥିଲେ । ପତ୍ରିକା ପ୍ରକାଶ କରିବା ଏବଂ ସାହିତ୍ୟ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରି ପଦବୀ ପ୍ରଦାନ କରାଗଲା । ପତ୍ରିକା ପାଇଁ ଲେଖା ସଂଗ୍ରହ କରିବା ସହ ପ୍ରତି ଲେଖା ପାଇଁ କିଛି ଅର୍ଥ ଧାର୍ଯ୍ୟ କରାଗଲା । ଅନୁଷ୍ଠାନର ସଭାପତି ଏହାକୁ ବିରୋଧ କରି ସାହିତ୍ୟ ବିକ୍ରି ନ କରିବାକୁ ପରାମର୍ଶ ଦେଲେ । ତାଙ୍କ ପରାମର୍ଶ ବା ଶୁଣୁଛି କିଏ ? ତାଙ୍କ କଥାକୁ ଭ୍ରୁକ୍ଷେପ ନକରି ଅନେକ ଅର୍ଥ ବି ଆଦାୟ କରାଗଲା । ଜୀବନକାଳ ସଦସ୍ୟତା ପାଇଁ ବି ଉଚ୍ଚ ଅର୍ଥରାଶି ଧାର୍ଯ୍ୟ କରାଗଲା । ସେ ଯାହା ବି ହେଉ; ଏ ବିଷୟରେ ସମସ୍ତେ ଅଳ୍ପ ବହୁତେ ଜାଣିଥିବେ । ମୁଁ ଆଉ ବିଶଦ ବର୍ଣ୍ଣନା କରି ସେମାନଙ୍କୁ ପ୍ରତ୍ୟକ୍ଷ ଭାବରେ ନିନ୍ଦା କରିବାକୁ ଅନିଚ୍ଛୁକ । ପ୍ରଥମ କାର୍ଯ୍ୟକ୍ରମ ଏକ ହୋଟେଲ ଭିତରେ କରାଯାଇଥଲା । ଅନେକ ବି ସମ୍ମାନ ପାଇବା ଆଶାରେ ଅର୍ଥ ଫିଙ୍ଗି ସମ୍ମାନ ସାଉଁଟି ଥିଲେ । ଖଣ୍ଡେ ଛପା କାଗଜ ପାଇଁ ଅନେକ ଅର୍ଥ ବ୍ୟୟ ; ସେ ସମ୍ମାନର ମୂଲ୍ୟ କେତେ ଏଠି ବୁଦ୍ଧିଜୀବୀ ମାନେ ମତାମତ ଦେବେ ।

ଦ୍ୱିତୀୟ ସାହିତ୍ୟ କାର୍ଯ୍ୟକ୍ରମ କିନ୍ତୁ ଏମାନଙ୍କର ଅସଲ ମୁଖା ଖୋଲି ଦେଇଥିଲା । ଅନେକ ଅର୍ଥ ବ୍ୟୟ କରି କେତେ କିଏ ମାନପତ୍ର ସାଉଁଟି ଚ଼ାଲିଲେ । ଏହି ମାନ୍ୟବର ବ୍ୟକ୍ତି ଜଣକ ଚଞ୍ଚକତାର ସହ ଏକ ନୂଆ ଖେଳ ସୃଷ୍ଟି କରିଦେଲେ । ଗଣଶିକ୍ଷା ମନ୍ତ୍ରୀଙ୍କର ନିକଟତର ହେବା ତଥା ତୁଚ୍ଛା ସମ୍ମାନ ପାଇବା ଆଶାରେ ଜଣେ ବିଜ୍ଞ, ଉଚ୍ଚ ପ୍ରଶଂସିତ ଓ ପ୍ରତିଷ୍ଠିତ ସାହିତ୍ୟିକଙ୍କର ତଥା ସଂସ୍ଥାର ପୂର୍ବତନ ସଭାପତିଙ୍କର ଅପମାନ କରିବାକୁ ଟିକେ ବି କୁଣ୍ଠା ବୋଧ କଲେନି । ସେ ବୁଝି ପାରିଲେନି ତାଙ୍କ-ତାଙ୍କ ଭିତରେ ବୟସର ତାରତମ୍ୟ , ଶିକ୍ଷାର ମାନ, ଜ୍ଞାନର ପରିସୀମାକୁ; ଚଞ୍ଚକତାର ସହ ନିଜେ ସଭାପତି ଆସନ ମାଡ଼ି ବସିଲେ । କାର୍ଯ୍ୟକ୍ରମ ଦିନ ପର୍ଯ୍ୟନ୍ତ ବି ବାରମ୍ବାର ସମ୍ବାଦ ପ୍ରେରଣ ପୂର୍ବକ ଆସିବାକୁ ଅନୁରୋଧ କରିବା ସହ ପୂର୍ବତନ ସଭାପତିଙ୍କୁ ସଭାପତି ଦାୟିତ୍ୱରେ ଅଛନ୍ତି ବୋଲି କୁହାଯାଇଛି ; କିନ୍ତୁ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନୀତ ଅତିଥି କରି ସମ୍ବର୍ଦ୍ଧିତ କରାଗଲା । ମାନ୍ୟବର ମନ୍ତ୍ରୀଙ୍କ ଠାରୁ ମାନପତ୍ର ଗ୍ରହଣ କରିବାକୁ ସମସ୍ତେ ଆଶାୟୀ ହୋଇ ପଡ଼ିଲେ । ଏମିତିକି ସଂସ୍ଥାର କର୍ମକର୍ତ୍ତା ମାନେ ବି ନିଜ ନିଜ ଭିତରେ ମାନପତ୍ର ସାଉଁଟି ନେଲେ । ଏ ମହାଶୟ ଜଣକ (ଯିଏ କେନ୍ଦୁଝରର ସାହିତ୍ୟିକ) ନିଜେ ମାନପତ୍ର ଲେଖୁଥିଲେ ; ଏପରିକି ନିଜ ମାନପତ୍ର ନିଜେ ମଧ୍ୟ ଲେଖିଛନ୍ତି । କର୍ମକର୍ତ୍ତା ମାନେ ଅନ୍ୟ ସାହିତ୍ୟିକ ମାନଙ୍କୁ ସମ୍ମାନ ଦିଅନ୍ତି; କିନ୍ତୁ ନିଜେ ନିଜ ଅନୁଷ୍ଠାନରୁ ସମ୍ମାନୀତ ବା ସମ୍ବର୍ଦ୍ଧିତ ହେବା କେତେଦୂର ଠିକ୍ ବିଜ୍ଞମାନେ କହିବେ । ଖାଲି ସେତିକି ନୁହେଁ ହଜାର ହଜାର ଟଙ୍କା ଦାବି କରାଯାଇଛି ମାନପତ୍ର ଦେବା ପାଇଁ; କିଛି ସାହିତ୍ୟିକ ମଧ୍ୟ ଅର୍ଥ ଫୋପାଡ଼ି ମାନପତ୍ର କ୍ରୟ କରିଥିବା ବେଳେ କିଛି ଅର୍ଥ ଦେଇ ବି ନିରାଶରେ ବାହୁଡ଼ିଛନ୍ତି । ଚଞ୍ଚକତାର ସହ ଅନ୍ୟର ଉତ୍ତରୀୟ ଓ ମାନପତ୍ର ଧରି ଫଟୋ ଉଠାଇଛନ୍ତି; ପରେ ମାନପତ୍ର ମିଳିବ ବୋଲି ବଚନ ବି ପାଇଛନ୍ତି । ସମସ୍ତେ ଜାଣିବେ ମାନପତ୍ର ଦିଆଯାଇଛି । କିନ୍ତୁ ଦୀର୍ଘଦିନ ବିତି ଯାଇଥିଲେ ବି ମାନପତ୍ର ପ୍ରାପ୍ତ କରି ନାହାନ୍ତି କିଛି; ଅର୍ଥ କିନ୍ତୁ ଦେଇ ସାରିଛନ୍ତି । ବିଶିଷ୍ଟ ସାହିତ୍ୟିକ ଯଥା ଫକୀରମୋହନ ସେନାପତି, ଶୁଦ୍ରମୂନୀ ଶାରଳା ଦାସ ପରି ସମ୍ମାନ ନିଜେ ନିଜେ ଗାରେଇ ପାଇଗଲେ । ସେଭଳି ସମ୍ମାନ କୋଉମାନେ ପାଆନ୍ତି, ସେ ଜ୍ଞାନ ନାହିଁ । ଏମାନଙ୍କ ବିଷୟରେ ବିଶଦ ଭାବରେ ଜାଣିଥିବା ବ୍ୟକ୍ତି ଏବଂ ଏମାନଙ୍କ ଲେଖା ସହ ନିଜର ଲେଖାର ସମାନତା ଥିଲେ ଏଭଳି ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ହେବା ଉଚିତ୍ । ଏ ମହାଶୟ ବି ନିଜେ ଏଭଳି ସମ୍ମାନ ନିଜେ ଗାରେଇ ସାମାଜିକ ଗଣମାଧ୍ୟମରେ ତଥା ଲୋକ ଲୋଚନରେ ପ୍ରତିଷ୍ଠିତ ହେବାର ବୃଥା ଚେଷ୍ଟା କଲେ । କିଛି ବ୍ୟକ୍ତି ବି ସମର୍ଥନ କଲେ ; ପ୍ରକୃତ ସାହିତ୍ୟିକ ଏହାର ନିନ୍ଦା ବି କରିଛନ୍ତି ।

ଯେତେବେଳେ ମଧୁ ବର୍ଣ୍ଣବୋଧ ପୋଡ଼ି ଘଟଣା ନଜରକୁ ଆସିଲା; ପ୍ରତି ଓଡ଼ିଆ ସାହିତ୍ୟିକ ତାତି ଉଠି ସ୍ୱର ଟେକିଲେ । କିନ୍ତୁ ଫକୀରମୋହନଙ୍କ ନାମକୁ ବିକୃତ କରି ଏଭଳି କରାଗଲା , କାହାର ସ୍ୱର-ଶବ୍ଦ ଶୁଭିଲାନି । ପରୋକ୍ଷରେ ସମର୍ଥନ ଜଣାଇଲେନି ତ ଆଉ କ'ଣ କୁହାଯିବ ଏଠି ? ଜଣେ ସାହିତ୍ୟିକ ସେମାନଙ୍କ ଫୋନ୍ କଲ୍ ପାଇ ବାରମ୍ବାର ଅନୁରୋଧକୁ ଏଡ଼ାଇ ନ ପାରି ଆଜୀବନ ସଦସ୍ୟ ପାଇଁ ଏକ ହଜାର ଟଙ୍କା ଦେଇଥିଲେ । ପନ୍ଦର ଶହ ଟଙ୍କା ନିଜର ଦାରିଦ୍ର୍ୟତା ହେତୁ ଦେଇ ନ ପାରି ଏକ ହଜାର ଦେଲେ ; ସମ୍ବର୍ଦ୍ଧିତ ହେବାର ପ୍ରତିଶ୍ରୁତି ପାଇଥିଲେ । ନା ସମ୍ବର୍ଦ୍ଧିତ ହେଲେ, ନା ତାଙ୍କ ଲେଖା ସେ ପତ୍ରିକାରେ ପ୍ରକାଶ ହେଲା; ଓଲଟା ଅସଭ୍ୟ ଭାଷାର ଗାଳି ଶୁଣିବା ପାଇଁ ମିଳିଲା । ଜଣେ ସାହିତ୍ୟିକର ଏଭଳି ଅସଭ୍ୟ ଗାଳି କେତେ ଯୁକ୍ତିଯୁକ୍ତ ବୁଦ୍ଧିଜୀବୀ ମତ ଦେବେ । ଏହିପରି ଅନେକ ଉଦାହରଣ ଅଛି । ମୁଁ ଏହି ସାହିତ୍ୟ ବେପାର ଉପରେ କାହିଁ କେବେଠୁ ସ୍ୱର ଟେକି ଆସୁଛି । ଫେସବୁକରେ ଏମିତି ଏକ ସ୍ୱର ଟେକିଥିଲି; ଯୋଉଥିରେ କି ଜଣେ ନାରୀ କବୟିତ୍ରୀ ମନ୍ତବ୍ୟରେ କହିଥିଲେ - 'ଅର୍ଥ ନ ଥିଲେ ସାହିତ୍ୟ କେମିତି କରିବ ? କେତେଦିନ ବୋପା ସମ୍ପତ୍ତି ବିକ୍ରି କରି ସାହିତ୍ୟ କରିବ ? 'ମୋର ଉତ୍ତର ଥିଲା - 'ଅର୍ଥ ସାହାଯ୍ୟ ଓ ସହଯୋଗର ଅନେକ ପନ୍ଥା ଅଛି । ପତ୍ରିକା ଛାପିବା ପରେ ପତ୍ରିକାର ମୂଲ୍ୟ ନେଇପାର; ଲେଖା ସହ ଅର୍ଥ ନେବା ଲେଖା ବିକ୍ରି ସହ ସମାନ । ନିଜ ସୃଜନୀ ବିକ୍ରି କରିବା କେତେଦୂର ଠିକ୍ କହିବେ କି ? ଅର୍ଥ ନେଇ ସମ୍ମାନ ଦେବା କେତେ ଠିକ୍ ? ସେ ତେବେ ସମ୍ମାନର ସହିତ ମାନପତ୍ର କି ସମ୍ବର୍ଦ୍ଧନା କିପରି ପାଇଲା ? ସେ ତ ସମ୍ମାନ କିଣିବା ସହ ସମାନ । 'ଯଦି ସମ୍ପତ୍ତି ନାହିଁ ତେବେ କାର୍ଯ୍ୟକ୍ରମ କରୁଛନ୍ତି କାହିଁକି ? ଏହାପରେ ସେ ମତେ ବ୍ଲକ୍ କଲେ । ଏଭଳି ମାନସିକତା ଥିବା ବ୍ୟକ୍ତିଙ୍କୁ କ'ଣ କୁହାଯିବ କୁହନ୍ତୁ । ଛାଡ଼ନ୍ତୁ; ଏବେ ମୁଖ୍ୟ ପ୍ରସଙ୍ଗକୁ ଯିବା ଆସନ୍ତୁ।

ସେହି କେନ୍ଦୁଝରର ସାହିତ୍ୟକଙ୍କ କଥା; ଅନେକ ଜାଗାରୁ ଚଞ୍ଚକତାର ସହ, ବଳ ପୂର୍ବକ, ଅନୁରୋଧ କରି, ଅର୍ଥ ଦେଇ ସମ୍ମାନ ସାଉଁଟିଛନ୍ତି । (କ୍ରମଶଃ)

+ସମ୍ପାଦକ - ଉଦୟ ଭାନୁ (ସାହିତ୍ୟ ଓ ସମାଜସେବା ସଙ୍ଗଠନ)
ଭାଟପଡ଼ା, ନିରାକାରପୁର, କଣାସ, ପୁରୀ

# ସମର ଫ୍ୟାଶନ

**ବର୍ତ୍ତମାନ ବଢୁଥିବା ଖରାକୁ ଆଖି ଆଗରେ ରଖି ଫ୍ୟାଶନ୍ ଷ୍ଟେଟମେଣ୍ଟ ମଧ ବଦଳିବାରେ ଲାଗିଛି । ଯଦି ଆପଣ ବି ଏହି ସମରରେ ନିଜକୁ ଗରମରୁ ରକ୍ଷା କରିବା ସହିତ କୁଲ୍ ଏବଂ ଷ୍ଟାଇଲିସ୍ ଲୁକ୍ ଦେବା ପାଇଁ ଚାହୁଁଛନ୍ତି ତେବେ ଜାଣି ରଖନ୍ତୁ କୋତାଟି କଥା**

ପ୍ରଥମ କଥା ହେଲା ଖରାଦିନେ ସିନ୍ଥେଟିକ ଡ୍ରେସ ନ ପିନ୍ଧିବା ଭଲ। ଯଦି ଆପଣ ଭାବୁଥାନ୍ତି ଯେ, କଟନ ଡ୍ରେସ ଷ୍ଟାଇଲିସ ଲାଗି ନଥାଏ, ତେବେ ଏହି ଧାରଣା ସମ୍ପୂର୍ଣ୍ଣ ଠିକ୍ ନୁହେଁ। କାରଣ ମାର୍କେଟରେ ବିଭିନ୍ନ ଡିଜାଇନର କଟନ ଆଉଟଫିଟ୍ ମିଳୁଛି । ତେବେ ବର୍ତ୍ତମାନ ବିଭିନ୍ନ ଫ୍ଲୋରାଲ୍ ପ୍ରିଣ୍ଟ ଡ୍ରେସ୍ ଡିମାଣ୍ଡରେ ରହିଛି ଯାହାକୁ ପିନ୍ଧି ଆପଣ ଟ୍ରେଣ୍ଡି ଲୁକ୍



ପାଇପାରିବେ।

ଖରାଦିନେ ବିଭିନ୍ନ ଟ୍ରାଡ଼ିଶନାଲ କିମ୍ବା ହେବି ଜୁଏଲାରୀ ପିନ୍ଧିବା ଦ୍ୱାରା ଝାଳ ଲାଗି କୁଣ୍ଡେଇ ହେବା ବା ସ୍କିନ୍ ଆଲର୍ଜି ହେବା ଯୋଗୁଁ ଅନେକ ଜୁଏଲାରୀ ପିନ୍ଧିବାକୁ ପସନ୍ଦ କରି ନଥାନ୍ତି । ହେଲେ ଆପଣ ଚାହିଁଲେ ବିଭିନ୍ନ ଲାଇଟ ୱେଟ ଜୁଏଲାରୀ ପିନ୍ଧି ଷ୍ଟାଇଲିସ ଲୁକ୍ ବି ପାଇବେ।

ବିଭିନ୍ନ ମେଟାଲିକ ଯଥା ଗୋଲ୍ଡେନ କିମ୍ବା ସିଲଭର କଲର ପରିବର୍ତ୍ତେ ଡ୍ରେସ କଲର ସହ ମ୍ୟାଚିଂ ଜୁଏଲାରୀ ପିନ୍ଧନ୍ତୁ। ବିଶେଷ କରି କଲରଫୁଲ ବିଡ୍ସ, ଉଡ଼େନ ଏବଂ କ୍ଲଥ ଜୁଏଲାରୀ ଆପଣଙ୍କୁ ଏକ ଆକର୍ଷଣୀୟ ଲୁକ ଦେବ।

ବର୍ତ୍ତମାନ ବିଭିନ୍ନ ଫୁଡ଼ , ବାର୍ଡ଼ ଏବଂ ଆନିମଲ ଡିଜାଇନର ଛୋଟ ଛୋଟ ଆକର୍ଷଣୀୟ ଜୁଏଲାରୀ ମାର୍କେଟରେ ଉପଲବ୍ଧ । ଏହାକୁ ପିନ୍ଧି ମଧ ଆପଣ ଫ୍ୟାଶନେବଲ ଲାଗିପାରିବେ।

ଗରମ ଦିନେ ବିଭିନ୍ନ ଡିଜାଇନର ହ୍ୟାଟ ବା ଟୋପିର ଡିମାଣ୍ଡ ବଢ଼ିଯଏ। ଯଦି ଆପଣ ବି ଏହାକୁ ବ୍ୟବହାର କରୁଥାନ୍ତି ତେବେ ଝୋଟ ଏବଂ ନେଟର ହ୍ୟାଟ ପିନ୍ଧନ୍ତୁ। କାରଣ ଏହା ନା କେବଳ ସୁନ୍ଦର ଦେଖାଯାଇଥାଏ ବରଂ କେଶରେ ପବନ ବାଜିବାରେ ସାହାଯ୍ୟ କରେ। ଫଳରେ କେଶ ମୂଳେ ଝାଳ ଲାଗି ଝଡ଼ିବା ସମସ୍ୟା ବି ଦୂର ହୋଇଥାଏ।

# ମଣିଷକୁ ମୋଟା କରିପାରେ ସାବୁନ

ସାବୁନ, ନେଲପଲିସ ମେଦ ବୃଦ୍ଧିକୁ ପ୍ରଭାବିତ କରୁଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ସାବୁନ ଓ ନେଲପଲିସ ପ୍ରସ୍ତୁତିରେ ବ୍ୟବହୃତ ରାସାୟନିକ ପଦାର୍ଥ ଥାଲେଟସ, ବେଞ୍ଜାଇଲ, ବ୍ୟୁଟାଇଲ ଥାଲେସସ ଏଥିପାଇଁ ଦାୟୀ। ଅତି ସ୍ୱଳ୍ପ ମାତ୍ରାରେ ରହୁଥିଲେ ହେଁ ଜୀବକୋଷରେ ଚର୍ବି ବୃଦ୍ଧିରେ ସହାୟକ ହୁଏ। ଫଳରେ ବ୍ୟକ୍ତି ମୋଟାପଣର ଶିକାର ହୁଏ। ମୂଷାଙ୍କ ଉପରେ ଲମ୍ବା ଅଧ୍ୟୟନ ପରେ ଜର୍ଜିଆ ବିଶ୍ୱବିଦ୍ୟାଳୟର ଗବେଷକମାନେଏ ବାବଦରେ ନିଶ୍ଚିତ ହୋଇଥିବା ପ୍ରକାଶ।





# ଜିଲ୍ଲା ମତ୍ସ୍ୟ ଅଧିକାରୀ, ବାଲେଶ୍ୱର

## DISTRICT FISHERIES OFFICER, BALASORE

**ମତ୍ସ୍ୟ ପୋଖରୀ ଯୋଜନା:** ନୂତନ ପୋଖରୀ ଖନନ ଓ ମାଛ ଚାଷ ପାଇଁ ଆବଶ୍ୟକ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ ହେକ୍ଟର ପ୍ରତି ୮,୫୦,୦୦୦ ଟଙ୍କାର ପ୍ରକଳ୍ପ ବ୍ୟୟ ବରାଦ କରାଯାଇଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

**ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପଂଚାୟତ ପୋଖରୀରେ ମାଛ ଚାଷ:** ଗ୍ରାମାଂଚଳରେ ବାସ କରୁଥିବା ମହିଳାମାନଙ୍କ ଆର୍ଥିକ ବିକାଶ ଓ ସଶକ୍ତୀକରଣ ପାଇଁ ଗଠିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ପଂଚାୟତ ପୋଖରୀ ଦୀର୍ଘମିଆଦୀ ସୂତ୍ରରେ ଲିଜ ଦିଆଯାଇ ମାଛଚାଷ କରାଯାଉଛି। ଏଥିରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ୧୫୦୦୦୦ ଟଙ୍କା ରଖାଯାଇଛି। ପ୍ରକଳ୍ପ ମୂଲ୍ୟର ୬୦ ପ୍ରତିଶତ ଅର୍ଥାତ୍ ସର୍ବାଧିକ ୯୦୦୦୦ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି।

**ଜଳକୃଷି ନିମନ୍ତେ ଆବଶ୍ୟକ ଯନ୍ତ୍ରପାତିର ବହୁଳ ବ୍ୟବହାର:** ଜଳକୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଓ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରିବା ନିମନ୍ତେ ଆବଶ୍ୟକ ବାୟୁ ଚାଳନା ପମ୍ପ (Aerator) ବାୟୁ ସଂଚାଳନ ଯନ୍ତ୍ର (Air blower), ଜୈବ ସୁରକ୍ଷା ଜାଲ, ମାଛଧରା ଜାଲ ଆଦି ସରଂଜାମ କିଣିବା ପାଇଁ ଯନ୍ତ୍ରପାତି ମୂଲ୍ୟର ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

**ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିକୁ ଆବର୍ତ୍ତନ ପାଣ୍ଠି ପ୍ରଦାନ:** ରାଜ୍ୟର ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିକୁ ଅଧିକ କାର୍ଯ୍ୟକ୍ଷମ ତଥା ସମିତି ସଭ୍ୟ/ସଭ୍ୟାମାନଙ୍କର ଆର୍ଥିକ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ପ୍ରତ୍ୟେକ ସମବାୟ ସମିତିକୁ ଦୁଇ ଲକ୍ଷ ଟଙ୍କାର ଆବର୍ତ୍ତନ ପାଣ୍ଠି ଯୋଗାଇ ଦିଆଯାଉଛି।

**ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ:** କମ୍ ଜାଗାରେ, କମ୍ ଜଳରେ ଓ କମ୍ ଖର୍ଚ୍ଚରେ ଅଧିକ ମାଛ ଉତ୍ପାଦନ ପାଇଁ ନୂତନ ଜ୍ଞାନକୌଶଳଯୁକ୍ତ ବାୟୋଫ୍ଲକ ପଦ୍ଧତିରେ ମାଛଚାଷ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

**ପଲିଥିନ ଆସ୍ତରଣ ପୋଖରୀରେ ଚିଙ୍ଗୁଡ଼ି ଚାଷ:** ଖାରିପାଣି ଚିଙ୍ଗୁଡ଼ି ଚାଷ ପୋଖରୀରେ ପଲିଥିନ ଆସ୍ତରଣ ଦ୍ୱାରା ଅଧିକ ଉତ୍ପାଦନ ଓ ରୋଗମୁକ୍ତ ଚାଷ ନିମନ୍ତେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରାଯାଉଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

**ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା:** ଏହି ଯୋଜନାରେ ଖାରପାଣି ଚିଙ୍ଗୁଡ଼ି ଚାଷ ପାଇଁ ନୂତନ ପୋଖରୀ ଖନନ ନିମନ୍ତେ ହେ. ପ୍ରତି ୧୦ ଲକ୍ଷ ଟଙ୍କା ପ୍ରକଳ୍ପ ମୂଲ୍ୟ ଉପରେ ଅନୁସୂଚିତ ଜାତି, ଜନଜାତି ମହିଳାଙ୍କ ପାଇଁ ୬୦ ପ୍ରତିଶତ ଓ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

ଏହି ଯୋଜନାରେ ମଧୁର ମାଛ ଚାଷ ପାଇଁ ନୂତନ ପୋଖରୀ ଖନନ ନିମନ୍ତେ ହେ. ପ୍ରତି ୮,୫୦,୦୦୦ ଟଙ୍କାର ପ୍ରକଳ୍ପ ମୂଲ୍ୟ ଉପରେ ସାଧାରଣ ବର୍ଗ ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତି ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

**ଏହି ଯୋଜନାରେ ମତ୍ସ୍ୟ ପରିବହନ ଯାନ ପାଇଁ ରିହାତି ବ୍ୟବସ୍ଥା ରହିଛି**

| | ପ୍ରକଳ୍ପ ମୂଲ୍ୟ (ଲକ୍ଷ) | ରିହାତି (ଲକ୍ଷ) | |
|---|---|---|---|
| | | ସାଧାରଣ ବର୍ଗ | ଅନୁସୂଚିତ ଜାତି, ଜନଜାତି ଓ ମହିଳା |
| ମୋଟର ସାଇକେଲ ସହିତ ବରଫ ବାକ୍ସ | ୦.୭୫ | ୦.୩୦ | ୦.୪୫ |
| ଅଟୋସହିତ ବରଫ ବାକ୍ସ | ୩.୦୦ | ୧.୨୦ | ୧.୮୦ |
| ଶୀତତାପ ନିୟନ୍ତ୍ରିତ ମୋଟର ଯାନ (୧୦ ଟନ) | ୨୫.୦୦ | ୧୦.୦୦ | ୧୫.୦୦ |
| ଶୀତତାପ ନିୟନ୍ତ୍ରିତ ମୋଟର ଯାନ (୬ ଟନ) | ୨୦.୦୦ | ୮.୦୦ | ୧୨.୦୦ |

**ମେଧାବୃତ୍ତି:** ମତ୍ସ୍ୟଚାଷୀ, ମାଛଧରାଳୀ ମାନଙ୍କର ମେଧାବୀ ସନ୍ତାନ ପାଇଁ ଏକକାଳୀନ ମେଧାବୃତ୍ତିର ବ୍ୟବସ୍ଥା ରହିଛି। ମ୍ୟାଟ୍ରିକ୍ ପରୀକ୍ଷାରେ ୫୦ ପ୍ରତିଶତରୁ ୫୯ ପ୍ରତିଶତ ମାର୍କ ରଖିଥିବା ଛାତ୍ରଛାତ୍ରୀ ମାନେ ୩୦୦୦/-, ୬୦ ପ୍ରତିଶତରୁ ୬୯ ପ୍ରତିଶତ ମାର୍କ ରଖିଥିଲେ ୫୦୦୦/- ଏବଂ ୭୦ ପ୍ରତିଶତ ଓ ତଦୁର୍ଦ୍ଧ ପାଇଁ ୭୫୦୦/- ଟଙ୍କାର ବ୍ୟବସ୍ଥା ରହିଛି।

**ଆବର୍ତ୍ତନ ପାଣ୍ଠି:** ମାଛ ଚାଷରେ ସଂପୃକ୍ତ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଏକକାଳୀନ ୫୦୦୦/- ଟଙ୍କାର ଆବର୍ତ୍ତନ ପାଣ୍ଠିର ବ୍ୟବସ୍ଥା ରହିଛି।

**ଉପରୋକ୍ତ ସୁବିଧା ସୁଯୋଗ ପାଇବା ନିମନ୍ତେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ବାଲେଶ୍ୱର କିମ୍ବା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।**

**ଜିଲ୍ଲା ମତ୍ସ୍ୟ ଅଧିକାରୀ,**
**ବାଲେଶ୍ୱର**

## ବିଭାଗୀୟ ଷ୍ଟାଣ୍ଡିଂ କମିଟି ବୈଠକ: ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଏବଂ ହସ୍ତତନ୍ତ, ବୟନ ବିଭାଗ ଉପରେ ଆଲୋଚନା

ଭୁବନେଶ୍ୱର,୧୩ (ନି.ପ୍ର): ଓଡ଼ିଶା ବିଧାନସଭାର ବିଭାଗୀୟ ଷ୍ଟାଣ୍ଡିଂ କମିଟିର ଦଶମ ବୈଠକ ଆଜି ପ୍ରକୋଷ୍ଠ ନଂ. ୫୪ରେ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ଉପରେ ବିଶେଷ ଅଲୋଚନା ହୋଇଥିଲା । ୨୦୨୧-୨୨ ଆର୍ଥିକ ବର୍ଷରେ ବିଭାଗୀୟ ଖର୍ଚ୍ଚ ଦାବି, କମିଟିର ଦ୍ୱିତୀୟ ବୈଠକରେ ପ୍ରଦାନ କରାଯାଇଥିବା ରିପୋର୍ଟ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ, ୨୦୨୦-୨୧ ଆର୍ଥିକ ବର୍ଷରେ ବିଭାଗୀୟ କାର୍ଯ୍ୟକ୍ରମ ପ୍ରଭୃତି ସମ୍ପର୍କରେ କମିଟି ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ବିଧାୟକ ଅରବିନ୍ଦ ଢ଼ାଲି, ସତ୍ୟ ନାରାୟଣ ପ୍ରଧାନ, ଭାସ୍କର ମଢ଼େଇ, ମଂଜୁଳା ସ୍ୱାଇଁ, ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ସଚିବ ଏବଂ ବିଧାନସଭା ସଚିବ ଦାଶରଥି ଶତପଥି ପ୍ରମୁଖ ଯୋଗଦେଇଥିଲେ ।

## ଆଶାକର୍ମୀଙ୍କୁ ଉଚିତ୍ ପାରିଶ୍ରମିକ ନଦେଲେ ଆନ୍ଦୋଳନ ହେବ

କେନ୍ଦ୍ରାପଡ଼ା,୧୩ (ନି.ପ୍ର): କରୋନା ଯୋଦ୍ଧା ଆଶାକର୍ମୀଙ୍କୁ ଉଚିତ୍ ପାରିଶ୍ରମିକ ଦାବିରେ ମାର୍ଚ୍ଚ ୪ ତାରିଖରେ କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏନେଇ ରବିବାର ସକାଳ ୧୦ଟା ସମୟରେ ଗୋପଛକ ନିଖିଳ ଓଡିଶା ଆଶାକର୍ମୀ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉପ ସଭାପତି ରଞ୍ଜୁଲତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏକ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । ଏହି ବୈଠକରେ ରଶ୍ମିରେଖା ପରିଡା, ରିନାରାଣୀ ସାହୁ, ଭଜହରି ପ୍ରଧାନ, ଅକ୍ଷୟ ମଲିକ, ରିନାରାଣୀ ଦାସ, ଅନିତା ନାୟକ, ଜ୍ୟୋତିରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବିଗତ ଦିନରେ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ସାଥି ନନ୍ଦିନୀ ସ୍ୱାଇଁ କରୋନା ସମୟରେ ଜନ ସାଧାରଣଙ୍କର ସ୍ୱାସ୍ଥ୍ୟରକ୍ଷା ପାଇଁ ଆଶାକର୍ମୀ ମାନେ ମୁଖ୍ୟ ଦାୟିତ୍ୱ ଗ୍ରହଣ କରି ୨୦୦୫ମସିହାରୁ ଗଠିତ ଏନ୍ଆରଏଚ୍ଏମ୍ ଯୋଜନାର ଶେଷ କର୍ମଚାରୀ ଭାବେ ଆଶାକର୍ମୀ ଭାବେ ବିନା ମାସିକ ଦରମାରେ ବିନା ସାମାଜିକ ନିରାପତା ବଳରେ ଶିଶୁର ମୃତ୍ୟୁହାରକୁ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି । ଆଶାକର୍ମୀ ମାନଙ୍କର ଉଚିତ୍ ପାରିଶ୍ରମିକ ଦାବିନେଇ ଆସନ୍ତା ୪ ତାରିଖରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ଆଇନଜୀବି ତଥା ଏଆଇଟିୟୁସିର ନେତା ରମଣୀ ରଞ୍ଜନ ରାଉତ ସୂଚନା ଦେଇଛନ୍ତି ।

## ମହାପୁରୁଷଙ୍କ ଜନ୍ମୋତ୍ସବ, ଗୀତା ଯଜ୍ଞ ଓ ନାମ ସଂକୀର୍ତ୍ତନ

କୋରେଇ,୧୩ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମସ୍ଥ ପଂଚରନ୍‌ଧାମ ଅନନ୍ତ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅଚ୍ୟୁତାନନ୍ଦ ଦାସ ମହାପୁରୁଷଙ୍କ ଜନ୍ମୋତ୍ସବ, ଗୀତାଯଜ୍ଞ ଓ ନାମ ସଂକୀର୍ତନ ଆରମ୍ଭ ହୋଇଛି । ପୂର୍ବାହ୍ନ ୮ଟାରୁ ଜଳଯାତ୍ରା କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା । ଅପରାହ୍ନରେ ପୂର୍ଣ୍ଣାହୂତି ପରେ ମଳିକା ବଚନ ପ୍ରବଚନ ଆରମ୍ଭ କରାଯାଇଥିଲା । ପ୍ରବଚକ ଶ୍ରୀ ବ୍ରହ୍ମଚାରୀ ପଦ୍ମଶ୍ରୀ ସିଦ୍ଧି ସାଧକ ବ୍ରଜ ନାରାରାୟଣ ଦାସ( ଜଟିଆ ମଠ ରଘୁନାଥ ଜୀୟୁ ଠାକୁର), ତତ୍ୱ ଜ୍ଞାନି ନିର୍ଗୁଣ ସାଧକ ଚଗଲା ବାବା ମହାରାଜଜୀ ଚିତ ରଂଜନ ନାୟକ ଓ ସାଥିଙ୍କୁ ନେଇ ପ୍ରବଚନ ଓ ଧାର୍ମିକ ସଭା କରାଯାଇଥିଲା । କର୍ତା ଭାବେ ଅଜୟ କିଶୋର ଦାସ ଯୋଗଦେଇଥିବା ବେଳେ କୈଳାସ ଚନ୍ଦ୍ର ସାହୁ, କାଳନ୍ଦୀ ଚରଣ ଜେନା, ସଚିଦାନନ୍ଦ ମହାନ୍ତି, ଯିଶୁ କ୍ରିଷ୍ଟ ସାହୁ, ଶୁଭାଶିଷ ମିଶ୍ର, ତପନ କୁମାର ସାହୁ, ଶିବରାମ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିବା ସହ ସମୂହ ପ୍ରସାଦ ସେବନ କରାଯାଇଥିଲା ।

## ମୁଖ୍ୟ ଶାସନ ସଚିବଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ

■ବିଭିନ୍ନ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ନିମନ୍ତେ ସମୟ ନିର୍ଘଂଟ ନିର୍ଦ୍ଧାରଣ
■ପ୍ରକୃତି ପର୍ଯ୍ୟଟନ, ଜଳସେଚନ ଓ ଟସର ଚାଷ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୩ (ନି.ପ୍ର): ଓଡ଼ିଶାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆଜି କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ସମୀକ୍ଷା ସମୟରେ ଶ୍ରୀ ମହାପାତ୍ର ଜିଲ୍ଲାରେ ଉପଲବ୍ଧ ପ୍ରାକୃତିକ ସମ୍ପଦ, ଜଳସମ୍ପଦ, ପର୍ଯ୍ୟଟନ ସମ୍ପଦ ଓ ଅରଣ୍ୟ ସମ୍ପଦର ସୁବିନିଯୋଗ କରି ଲୋକମାନଙ୍କର ଜୀବନଧାରଣର ମାନ ବୃଦ୍ଧି କରାଇବା ଉପରେ ଗୁରୁତ୍ୱଆରୋପ କରିଥିଲେ । ରେମୁଳି-ରାଜାମୁଣ୍ଡା ରାଜପଥ, ଆନନ୍ଦପୁର ବ୍ୟାରେଜ୍ କେନାଲ ଓ କାନପୁ ଜଳସେଚନ ପ୍ରକଳ୍ପ ନିର୍ମାଣଶେଷ କରିବା ନିମନ୍ତେ ଶ୍ରୀ ମହାପାତ୍ର ସମୟ ନିର୍ଘଂଟ ନିର୍ଦ୍ଧାରଣ କରିଥିଲେ । ବୈଠକରେ ଡି.ଏମ.ଏଫ ଓ ଓ୍ୟାଡସି ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଓଡ଼ିଶାରେ ଜାତୀୟ ରାଜପଥର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଭୂପୃଷ୍ଠ ପରିବହନ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ପ୍ରସଙ୍ଗରେ ସୂଚନା ଦେଇ ଆଗାମୀ ଜୁନ୍ ମାସ ସୁଦ୍ଧା ୨୦ ନମ୍ବର ଜାତୀୟ ରାଜପଥର ବେଲବାହାଲି ଠାରେ ପୋଲ ନିର୍ମାଣ ଶେଷ କରିବା ସହ ପାଣିକୋଇଲି ଠାରୁ ରିମୁଳି-ରାଜାମୁଣ୍ଡା ରାସ୍ତାର ନିର୍ମାଣ ଓ ରକ୍ଷଣାବେକ୍ଷଣ ନିମନ୍ତେ ଉପଯୁକ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ୨୦ ନମ୍ବର ଜାତୀୟ ରାଜପଥକୁ ୮ ଲେନ୍ ବିଶିଷ୍ଟ କରିବା ପାଇଁ ଆବଶ୍ୟକୀୟ ଭୂମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷକୁ ନିର୍ଦ୍ଦେଶ ଦେଇଥିଲେ । ଡିଏମଏଫ୍ ଏବଂ ଓ୍ୟାଡସି ପାଣ୍ଠି ଅନ୍ତର୍ଗତ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମଧ୍ୟ ମୁଖ୍ୟ ଶାସନ ସଚିବ ସମୀକ୍ଷା କରି ୨୦୨୨ ମସିହା ସୁଦ୍ଧା ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଇବାକୁ ନିର୍ବାହୀ ଯନ୍ତ୍ରୀ ମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । କେନ୍ଦୁଝର ଜିଲ୍ଲାରେ ଟସର ଚାଷ ପାଇଁ ଅନୁକୂଳ ପରିବେଶ ରହିଥିବାରୁ ଏଥି ନିମନ୍ତେ ଆବଶ୍ୟକୀୟ ସୁବିଧା ସୁଯୋଗ ଉପଲବ୍ଧ କରାଇବା ଅଧିକାରୁ ଅଧିକ ଅସନ ଓ ଅର୍ଜୁନ ଚାରାରା ରୋପଣ କରିବା ଏବଂ ଟସର ବିପଣୀ ସହ ଚାଷୀ ମାନଙ୍କୁ ସଂଯୁକତ କରାଇବା ନିମନ୍ତେ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ପରେ ପରେ ଶ୍ରୀ ମହାପାତ୍ର କେନ୍ଦୁଝରଠାରେ ନିର୍ମାଣଧିନ ମେଡ଼ିକାଲ କଲେଜ ପରିଦର୍ଶନ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ଗସ୍ତ ଓ ସମୀକ୍ଷା ସମୟରେ କେନ୍ଦୁଝରର ଜିଲ୍ଲାପାଳ ଆଶିଷ ଠାକରେ, ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝୀ, କେନ୍ଦୁଝର ଡି.ଏଫ.ଓ ସ୍ୱୟଂ ମଲ୍ଲିକ, ଆନନ୍ଦପୁର ଡିଏଫଓ ଅଜିତ୍ ଶତପଥିଙ୍କ ସମତେ ସମ୍ପୃକ୍ତ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡା ହାଇସ୍କୁଲର ଉନ୍ନତି ପାଇଁ ଭିଜନ ୨୦୨୧ କର୍ମଶାଳା ଅନୁଷ୍ଠିତ

କେନ୍ଦ୍ରାପଡ଼ା,୧୩ (ନି.ପ୍ର): ଓଡିଶାର ଅନ୍ୟତମ ସର୍ବ ପୁରାତନ ହାଇସ୍କୁଲ ଭାବେ ପରିଚିତ କେନ୍ଦ୍ରାପଡା ସରକାରୀ ହାଇସ୍କୁଲରେ ରବିବାର ଭିଜନ ୨୦୨୧ ଶିକ୍ଷା କମିଟିର ଅଧକ୍ଷ ଡ଼ାକ୍ତର ବିଶ୍ୱ ପ୍ରକାଶ କାନୁନଗୋଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡାର ମାନ୍ୟବର ବିଧାୟକ ଶଶି ଭୂଷଣ ବେହେରାଙ୍କ ତତ୍ୱବଧାନ ଓ ପରାମର୍ଶରେ ଏହି ବୈଠକରେ ବିଦ୍ୟାଳୟର ବିକାଶ ସଂପର୍କିତ ବିଷୟରେ ଆଲୋକପାତ କରାଯାଇଥିଲା । କମିଟିର ଆବାହକ ତଥା ପ୍ରଧାନଶିକ୍ଷକ ଉପେନ୍ଦ୍ରନାଥ ସ୍ୱାଇଁ ୭ଟି ମୁଖ୍ୟ ବିଷୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହି ୭ଗୋଟି ବିଷୟ ଗୁଡିକ ମଧ୍ୟରୁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ୧୦୦ ଦିନିଆ କାର୍ଯ୍ୟବଳୀ ସଂପର୍କିତ ଆଲୋଚନା ଅସୁରକ୍ଷିତ ଶ୍ରେଣୀଗୃହ ଗୁଡିକ ଉପରେ ଆଲୋଚନା ବାରମ୍ବାର ବିଦ୍ୟାଳୟରେ ଅନୁପସ୍ଥିତ ଥିବା ଛାତ୍ରଛାତୀଙ୍କ ସଂପର୍କରେ ଆଲୋଚନ. ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ଉପରେ ଆଲୋଚନା, ନିଦ୍ଧିଷ୍ଟ ବିଷୟରେ ଦୁର୍ବଳ ଥିବା ଚାତ୍ରଛାତ୍ରୀଙ୍କ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା ବିଦ୍ୟାଳୟ ପରିସର ରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୁର୍ତୀ ନିର୍ମାଣ, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ପୋଷ୍ୟଛାତ୍ର ଗ୍ରହଣ ସଂପର୍କିତ ଉପରୋକ୍ତ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା । ଆୟୋଜିତ ଏହି କର୍ମଶାଳା ରେ ଶିକ୍ଷାବିତ୍ ଅମିୟ କୁମାର ମହାନ୍ତି, ଛାତ୍ର ସଂସଦ ସଭାପତି ତୈଲୋକ୍ୟ ଚରଣ ସ୍ୱାଇଁ, ଶିକ୍ଷାବିତ୍ ହେମନ୍ତ କୁମାର ଜେନା, ଆଇନଜୀବି ଦେବଦାସ ମହାନ୍ତି, ବଳରାମ ମହାନ୍ତି, ଚିତରଞ୍ଜନ ଭଗତ, ସେକ ଲିଆକତ ଅଲ୍ଲୀ, ଆଇନଜୀବି ସରୋଜରାଜ ସିଂହ ପ୍ରମୁଖ ଉପସ୍ଥିତ ରହି ଏହି ୭ଟି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ବିଦ୍ୟାଳୟ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ ମୋ ସ୍କୁଲ ଅଭିଯାନରେ ସାମିଲ କରିବା ପାଇଁ ନିଷ୍ପତି ନିଆଯାଇ ଥିବାର ଜଣାପଡିଛି ।

## ମେଡିକାଲ କଲେଜ ସ୍ଥାପନ ପାଇଁ ମାର୍ଚ୍ଚ ୪ରେ ଗଣ ଧାରଣା

କେନ୍ଦ୍ରାପଡ଼ା,୧୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଆରମ୍ଭ ହୋଇଥିବା ଜନ ଚେତନା କାର୍ଯ୍ୟକ୍ରମ କ୍ରମେ ଗଣ ଆନ୍ଦୋଳନ ରୂପ ନେଇଛି । ଜିଲ୍ଲାବାସୀଙ୍କ ଏହି ଦାବିକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଁଚାଇବା ପାଇଁ ଆସନ୍ତା ୪ ତାରିଖ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଜିଲ୍ଲାର ସମସ୍ତ ରାଜନୈତିକ ସଂଗଠନ କର୍ମକର୍ତା, ବିଭିନ୍ନ ଗଣ ସଂଗଠନ ତଥା ସାମାଜିକ ସଂଗଠନର କର୍ମୀମାନଙ୍କ ପକ୍ଷରୁ ଗଣ ଧାରନା ଦିଆଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକଦାବିପତ୍ର ପ୍ରଦାନ କରାଯିବ । ଏହାସତ୍ୱେ ସରକାର ଏ ସଂପର୍କିତ ନିଷ୍ପତି ନେବାରେ କାଳକ୍ଷେପଣ ନୀତି ଅବଲମ୍ବନ କଲେ ଦାବି ହାସଲ ହେବା ପର୍ଯ୍ୟନ୍ତ ଏକା ଧାରରେ ଜନ ଚେତନା ତଥା ଆନ୍ଦୋଳାତ୍ମକ କାର୍ଯ୍ୟକ୍ରମ ଲଗାତାର ଭାବେ ଚଳାଇ ରଖାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିଷ୍ପତି ନିଆଯାଇଛି । ରବିବାର ଅପରାହ୍ନରେ ଅଧାପକ ଅଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ସଭାରେ ଆବାହକ ମଣ୍ଡଳୀ ପକ୍ଷରୁ ରମଣୀ ରଞ୍ଜନ ରାଉତରାୟ, ପୂର୍ବତନ ବିଧାୟକ ଚିନ୍ମୟୀ ପ୍ରସାଦ ବେହୁରା, ଗୟାଧର ଧଳ, ଫକିର ଚରଣ ଖଟୁଆ, ନନ୍ଦ କିଶୋର ପରିଡା, ଆଦିକନ୍ଦ ରାଉଳ, ବାବାଜୀ ଧଳ, ଦିବାକର ଜେନା, ଗୌରାଙ୍ଗ ବେହେରା, ଦେବେନ୍ଦ୍ର ପ୍ରଧାନ, ନାରୀ ନେତ୍ରୀ ସୁହାନା ବେଗମ, ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ବାର୍ଷିକ ସାରସ୍ୱତ ସମାଗମ

### ସାହିତ୍ୟ ହେଉଛି ସମାଜର ଉତ୍ତରଣରେ ପ୍ରମୁଖ ସାରଥି : ରାଜ୍ୟପାଳ

ଭୁବନେଶ୍ୱର,୧୩ (ନି.ପ୍ର): ମାନବୀୟ ବେଦନାକୁ ସମ୍ବେଦନାରେ ପରିଣତ କରେ ସାହିତ୍ୟ । କ୍ରନ୍ଦନକୁ ବନ୍ଦନରେ ରୂପାନ୍ତରିତ କରେ ସାହିତ୍ୟ । ସାହିତ୍ୟିକ ହେଉଛି ବାସ୍ତବରେ ନିଷ୍କାମ କର୍ମଯୋଗୀ । କୌଣସି ପ୍ରତ୍ୟାଶା ନରଖି ସେ ସମାଜର ହିତସାଧନ କରୁଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ବାର୍ଷିକ ସାରସ୍ୱତ ସମାଗମ 'ଶୀତ ଉତ୍ସବ'ରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ସାହିତ୍ୟ କେବଳ ସାମଜର ପ୍ରକୃତ ଛବି ଦେଖାଏନି, ସମାଜର ଗତି ଓ ପ୍ରକୃତିକୁ ନିୟନ୍ତ୍ରିତ କରେ । ଭବିଷ୍ୟତକୁ ମାର୍ଗଦର୍ଶନ କରାଏ । ସାହିତ୍ୟ ହେଉଛି ସମାଜର ଉତରଣରେ ପ୍ରମୁଖ ସାରଥି । ସାହିତ୍ୟ ହେଉଛି ଆନନ୍ଦମୟ କୋଷର କଥା ଏବଂ ସାହିତ୍ୟିକମାନେ ହେଉଛନ୍ତି ଆନନ୍ଦମୟ କୋଷର ମାଲିକ । ମଣିଷ ଆନନ୍ଦରୁ ଆସିଛି, ଆନନ୍ଦରେ ରହିବ ଏବଂ ଆନନ୍ଦକୁ ଚାଲିଯିବ । ସେ ନିଜେ ହିଁ ନିଜର ଆଲୋକ । ବାହାରର ଦିଗ୍‌ଦର୍ଶନକୁ ଅପେକ୍ଷା ନକରି ନିଜ ଭିତରର ସ୍ୱରକୁ ଶୁଣିବାକୁ ରାଜ୍ୟପାଳ ସମବେତ ସାହିତ୍ୟିକ ଓ ଶିଳ୍ପୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଭୂୟସୀ ପ୍ରଶଂସା କରି ଏହା ଓଡ଼ିଶାରେ ସୃଜନ ପରମ୍ପରାର ପରିବୃଦ୍ଧି ନିମନ୍ତେ ଏକ ସଫଳ ଆୟୋଜନ ବୋଲି ପ୍ରକାଶ କରିଛନ୍ତି । ଜ୍ଞାନପୀଠ ବିଜୟିନୀ ଖ୍ୟାତନାମା ସାହିତ୍ୟିକା ପଦ୍ମଶ୍ରୀ ଡ. ପ୍ରତିଭା ରାୟ କହିଲେ ଯେ ସାହିତ୍ୟ ସବୁବେଳେ ସଂକଟର ସମାଧାନ ପାଇଁ ବାଟ ଦେଖାଇଥାଏ । ସାହିତ୍ୟ ପଥରେ ଏହି ପରିତ୍ୟଜ ନୁହଁନ୍ତି । ସମାଜ ମଣିଷ ପାଇଁ ଅପରିହାର୍ଯ୍ୟ । ସେହିପରି ସାହିତ୍ୟ ସମାଜ ପାଇଁ ମଧ ଏକାନ୍ତ ଆବଶ୍ୟକ ବୋଲି ଡ. ରାୟ ପ୍ରକାଶ କରିଥିଲେ । ପଦ୍ମବିଭୂଷଣ ସୁଦର୍ଶନ ସାହୁ ସାହିତ୍ୟକୁ ଏକ ମହାସାଗର ସହ ତୁଳନା କରି ସାହିତ୍ୟ ହିଁ ତାଙ୍କ ସୃଜନକଳାର ପ୍ରମୁଖ ଉତ୍ସ ବୋଲି ସ୍ୱୀକାର କରିଥିଲେ । ଲେଖିକା ତଥା ଅର୍ଥନୀତିଜ୍ଞ ଡ. ମନିକା ଦାସ ସାହିତ୍ୟରେ ନାରୀମାନଙ୍କର ସ୍ଥିତି ସଂପର୍କରେ ଆଲୋଚନା କରି ନାରୀ ସଶକ୍ତିକରଣ କ୍ଷେତ୍ରରେ ବ୍ୟାପକ ଉନ୍ନତି ଏକାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ଭୁବନେଶ୍ୱର ସାହିତ୍ୟ ସମାଜର ଉପଦେଷ୍ଟା ଆଡ୍‌ଭୋକେଟ୍ ଗୁରୁ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଟ୍ରଷ୍ଟର ସଭାପତି କବି ସୂର୍ଯ୍ୟ ମିଶ୍ର ଭାରତୀୟ ସାହିତ୍ୟକୁ ଏକ ହିରଣ୍ମୟ ପାତ୍ର ଭାବରେ ଅଭିହିତ କରିଥିଲେ ଏବଂ ସଂପାଦିକା ସୋନାଲି ମହାପାତ୍ର ପ୍ରମୁଖ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ । ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଲାଲ ବିଶିଷ୍ଟ କବି ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କୁ 'କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ' ଏବଂ ଶିଳ୍ପୀ ଡ. ରମାକାନ୍ତ ସାମନ୍ତରାୟଙ୍କୁ 'ଦିନନାଥ ପାଠୀ ସ୍ମୃତି ଶିଳ୍ପୀ ସମ୍ମାନ' ପ୍ରଦାନ କରିଥିଲେ । ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'କବିତା ୨୦୨୦', ଗୁରୁ ମହାନ୍ତିଙ୍କ 'ଅଫେରା', ଡ. ସ୍ୱପ୍ନାରାଣୀ ସିଂଙ୍କ 'ପାଶ୍ଚାତ୍ୟ ସାହିତ୍ୟିକ ଆନ୍ଦୋଳନ ଓ ତତ୍ୱ', ଡ. ଅଭୟ ନାରାୟଣ ନାୟକଙ୍କ 'ଅସୀମ ଆକାଶ', ସୂର୍ଯ୍ୟ ମିଶ୍ରଙ୍କ ଅନୂଦିତ ଉପନ୍ୟାସ 'ଅର୍ଦ୍ଧନାରୀଶ୍ୱର' ଓ କବିତା ପୁସ୍ତକ 'ଅନେକ ନିଦ୍ରିତ ଛାଇ', କବି ସୁଧା ପଟ୍ଟନାୟକଙ୍କ 'ମୁକ୍ତିପଥ', ପ୍ରଜ୍ଞାପ୍ରବର୍ତିକା ଦାସଙ୍କ ରଚିତ ଉପନ୍ୟାସ 'ନିଖୋଜ' ଆଦି ରାଜ୍ୟପାଳ ପ୍ରଫେସର ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ବିଶିଷ୍ଟ ଉପସ୍ଥାପିକା ସୁଚେତା ପ୍ରିୟଦର୍ଶିନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଉପସ୍ଥିତ ଥିଲେ । ଉତ୍ସବର ଦ୍ୱିତୀୟ ଅଧିବେଶନରେ ଡ. ହୃଷିକେଶ ମେହେର ଓ ଅନୁଷ୍ଠାନର ଉପସଭାପତି ମିନତି ଦାଶ (ମାନି)ଙ୍କ ଯୁଗ୍ମ ସଭାପତିତ୍ୱରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ନୀଳଲୋହିତ ମହାପାତ୍ର ଓ ଅଧାପିକା ସୌଦାମିନୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଂଚଳରୁ ୫୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ ଲେଖାପାଠ କରିଥିଲେ ।

## ରାଜନଗର ଯୁବ ଉଦ୍ୟୋଗଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୧୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଗୁଣ୍ଠି ଗ୍ରାମର ରଞ୍ଜନ କୁମାର ସାହୁ ଯୁବ ଉଦ୍ୟୋଗଙ୍କୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀ ସାହୁ କଲିକତା, ବାଙ୍ଗାଲୁରୁ, ମୁମ୍ବାଇ ପ୍ରଭୃତି ବଡ ବଡ ମାୟା ନଗରୀରେ କପଡା କାରଖାନାରେ ମ୍ୟାନେଜର ଭାବେ କାର୍ଯ୍ୟକରି ଆସୁଥିଲେ । ଦୁଃଖକଷ୍ଟ ଭରା ଜୀବନରେ ଓଡିଶାରୁ କାମ ପାଇଁ ଯାଉଥିବା ମା, ଭଉଣୀ ମାନଙ୍କୁ ସହଯୋଗ କରୁଛନ୍ତି । କରୋନା ମହାମାରୀ ସମୟରେ କଳ କାରଖାନା ସବୁ ବନ୍ଦ ହୋଇ ଯିବାରୁ ସେଠାରେ ରହୁଥିବା ଏହି ମହିଳା ଶ୍ରମିକ ମାନଙ୍କୁ ସାହାଯ୍ୟ କରିବା ସହିତ ନିଜ ଗ୍ରାମରେ ଏକ ଛୋଟ କପଡା କାରଖାନା ତିଆରି କରି ସେଠାରେ ୫୦ରୁ ୬୦ ଜଣ ମହିଳା ଓ ଯୁବତୀଙ୍କୁ ରୋଜଗାର କ୍ଷମ କରାଇଛନ୍ତି । ତାଙ୍କର ଏହି କାର୍ଯ୍ୟରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦମନ କୁମାର ମହାନ୍ତି, କେଦାର ସ୍ୱାଇଁ, ଚିତରଞ୍ଜନ ଖୁଣ୍ଟିଆ, ଅଲେଖ ନାୟକ , ଦିଲିପ ଜେନା ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି ।

## ପାଖେଇ ଆସିଲା ପଂଚାୟତ ନିର୍ବାଚନ: ସବୁ ଦଳ ଫୋକସରେ ଚିତ୍ରକୋଣ୍ଡା

ମାଲକାନଗିରି,୧୩ (ନି.ପ୍ର): ପଂଚାୟତ ନିର୍ବାଚନ ପାଖେଇ ଆସିଲାଣି । ବିଭିନ୍ନ ରାଜନୈତିକ ଦଳଗୁଡିକ ଏବେ ଗଡ ସଜାଡିବା ଆରମ୍ଭ କଲେଣି । କିନ୍ତୁ ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଚିତ୍ରକୋଣ୍ଡା ବ୍ଲକରେ୨ ୦୧ ୭ ମସିହା ରେ ପଂଚାୟତ ନିର୍ବାଚନ ହୋଇପାରିଲା ନାହିଁ । ମାଓବାଦୀ ଙ୍କ ଆଗରେ ସରକାର ଏକ ପ୍ରକାର ହାର ମାନିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ମାଓବାଦୀ ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଂଚାୟତରେ ନିର୍ବାଚନ କରାଇଦେବେ ନାହିଁ ବୋଲି ଧମକ ଦେବା ପରେ ଲୋକେ ଏବଂ ପ୍ରଶାସନ ଏଠାରେ ନିର୍ବାଚନ କରିବା ପାଇଁ ସାହସ ଜୁଟାଇ ପାରିଲା ନାହିଁ । ଭୋଟ ଦେଲେ ଲୋକଙ୍କ ଅଙ୍ଗୁଳି କଟାଯିବ ବୋଲି ମାଓବାଦୀ ଧମକ ଦେବା ପରେ ଲୋକେ ନିଜ ଘରୁ ପଦାକୁ ବାହାରିଲେ ନାହିଁ । ସେହିପରି ଜିଲ୍ଲା ପ୍ରଶାସନ ତରଫରୁ ଯଦି କେହି ଚିତ୍ରକୋଣ୍ଡା ବ୍ଲକରେ ନିର୍ବାଚନ ସଂପର୍କିତ କିଛି ବା କାର୍ଯ୍ୟ କରନ୍ତି ତେବେ ମୃତ୍ୟୁ ଦଣ୍ଡ ମିଳିବ ବୋଲି ଚେତାବନୀ ଦେବା ପରେ ସରକାରୀ ବାବୁମାନେ ଜୀବନ ବିକଳରେ ଦାୟିତ୍ୱରୁ ନିବୃତ ରହିଲେ । ନିଜ ନିଜର ଜରୁରୀ କାମ ଦର୍ଶାଇ ନିର୍ବାଚନରୁ ଓହରି ଗଲେ । ନିର୍ବାଚନ ସରି ଚାରି ବର୍ଷ ପୁରିଲାଣି, କିନ୍ତୁ ସରକାର ଚିତ୍ରକୋଣ୍ଡାରେ ପଂଚାୟତ ନିର୍ବାଚନ କରାଇପାରିଲେ ନାହିଁ । ୨୦୧୧ ଜନଗଣନା ଅନୁଯାୟୀ ଚିତ୍ରକୋଣ୍ଡା ବ୍ଲକରେ ମୋଟ ଜନସଂଖ୍ୟା ହେଉଛି ୩୩,୫୭୯ । କିନ୍ତୁ ଏବେ ଏହା ବୃଦ୍ଧି ପାଇ ୫୦ ହଜାର ଡେଇଁବଣି ବୋଲି କୁହାଯାଇଛି । ଏଠାରେ ୪୨ ପ୍ରତିଶତ ଲୋକେ ସାକ୍ଷର ଅଟନ୍ତି । ସେହିପରି ଅଶୀ ପ୍ରତିଶତ ଲୋକେ ଅନୁସୂଚିତ ଜାତି ଓ ଜନଜାତିର ଅଟନ୍ତି । ପଂଚାୟତ ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ ବିଭିନ୍ନ ରାଜନୈତିକ ଦଳଗୁଡିକ ବୁଥସ୍ତରରୁ ନିଜର କର୍ମୀଙ୍କୁ ସଜବାଜ କଲେଣି । ଜିଲ୍ଲାରେ ଗତ ନିର୍ବାଚନରେ ବିଜେଡି ଧରାଶାୟୀ ହୋଇଥିଲା । ବିଜେପି ୧୦ଟି ଜିଲ୍ଲା ପରିଷଦ ଆସନ ଅକ୍ତିଆର କରି ଶାସନ ଚଳାଇଛି । କଂଗ୍ରେସର ଅବସ୍ଥା ମଧ ବିଜେଡି ଭଳି ହୋଇଯାଇଥିଲ । ତେବେ ଆଗାମୀ ପଂଚାୟତ ନିର୍ବାଚନରେ କିନ୍ତୁ ତିନି ପ୍ରମୁଖ ଦଳ ବିଭିନ୍ନ ରଣନୀତି ନେଇ ମଇଦାନକୁ ଓହ୍ଲାଉଥିବା ଜଣାପଡିଛି । ନବୀନ ସରକାରଙ୍କ ସମସ୍ତ ବିକାଶ ମୂଳକ କାର୍ଯ୍ୟକୁ ନେଇ ଲୋକଙ୍କ ପାଖରେ ପହଂଚିବ ବୋଲି ଜଣାପଡିଛି । ସେହିପରି ବିଜେପି କେନ୍ଦ୍ର ସରକାରଙ୍କର ଉନ୍ନତିମୂଳକ ଯୋଜନା ନେଇ ଲୋକଙ୍କ ପାଖେ ପହଂଚିବ । ତେବେ କଂଗ୍ରେସ କିନ୍ତୁ ଏହି ଦୁଇ ଦଳର ଦୁର୍ନୀତିର ମୁଖା ଖୋଲିବା ସହ କଂଗ୍ରେସ ହିଁ ବିକାଶ ପଥର ଏକ ମାତ୍ର ରାଜନୈତିକ ଦଳ କହି ଲୋକଙ୍କ ପାଖରେ ପହଂଚିବ ବୋଲି ଜଣାପଡିଛି । ତେବେ ଲୋକେ କାହାକୁ ନିଜର କରିବେ ତାହା ସମୟ କହିବ । ଚିତ୍ରକୋଣ୍ଡା ବ୍ଲକରେ ମୁରବୀ ବିହିନ ଶାସନ ଚାଲିଛି । ଝବଙ୍କଭବୟ ଲୋକେ ନିଜର ଲୋକ ପ୍ରତିନିଧି ବାଛିନପାରି ନିଜର କୌଣସି ସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନା କରି ପାରୁନାହାଁନ୍ତି । ଯାହାଫଳରେ ଭଗବାନଙ୍କ ଭରସାରେ ପଡି ରହିଛନ୍ତି । ସରକାରୀ ବାବୁମାନଙ୍କ ମନମୁତାବକ କାର୍ଯ୍ୟରେ ଲୋକେ ଅତିଷ୍ଠ ହୋଇ ସାରିଲେଣି । ଚିତ୍ରକୋଣ୍ଡା ବ୍ଲକ ଦୁର୍ନୀତିର ଗନ୍ତାଘର ପାଲଟି ଗଲାଣି । ଯାହାକୁ ନେଇ କଂଗ୍ରେସ ହୋହାଲ୍ଲା କରୁଛି । କିଛି ଦିନ ତଳେ ଚିତ୍ରକୋଣ୍ଡା ବିଡିଓ ଏବଂ ଜଣେ କନିଷ୍ଠ ଯନ୍ତ୍ରୀ ନିଲମ୍ବିତ ଏହାର ଜ୍ୱଳନ୍ତ ଉଦାହରଣ । ଚିତ୍ରକୋଣ୍ଡାର ସ୍ୱାଭିମାନ ଅଂଚଳରେ ରହିଥିବା ୯ଟି ପଂଚାୟତକୁ ମାଓବାଦୀ ସଂପୂର୍ଣ୍ଣ ନିଜ ଅକ୍ତିଆରରେ ରଖିଛନ୍ତି । ଏବେ ଧିରେ ଧିରେ ସୁରକ୍ଷା କର୍ମୀ ଭିତରେ ପଶି ଅର୍ଦ୍ଧାଧିକ ଅଂଚଳ ନିଜର ଅକ୍ତିଆରକୁ ଆଣିଥିବା ବେଳେ ଲୋକେ ରାତିରେ ଶାନ୍ତିରେ ଶୋଇ ପାରୁଛନ୍ତି ।

## ବାଲୁକା କଳାରେ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ମୁକେଶ

ମାଲକାନଗିରି,୧୩ (ନି.ପ୍ର): ମାଲକାନଗିରି ର ଯୁବକ ପୁରୀରେ ପ୍ରସିଦ୍ଧ ବାଲୁକା ଶିଳ୍ପୀ ହୋଇପାରିଛନ୍ତି ।ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ତୁମ୍ବାଗୁଡା ଗ୍ରାମର ମୁକେଶ କବାସୀ ।ସୁଦୂର ମାଲକାନଗିରି ଜିଲ୍ଲାରୁ ଯାଇ ପୁରୀରେ ନିଜ କଳା ପ୍ରତିଭାକୁ ବାଲି ମାଧମରେ ପ୍ରତିମୂର୍ତ୍ତି ବନାଇ ସମାଜକୁ ବାର୍ତ୍ତା ଦେଉଛନ୍ତି ।ମୁକେଶ ପିଲାଟି ଦିନରୁ କଷ୍ଟରେ ଜୀବନ ଯାପନ କରିଛନ୍ତି ।କାଲିମେଳା ବିଦ୍ୟାଳୟ ର ଶିକ୍ଷକ ଙ୍କ ପାଖରେ ରହି ପାଠ ପଢା ସାରିଛନ୍ତିବ ।ପ୍ରାୟ ଘର କାମରେ ସେ ନିୟୋଜିତ ରହୁଥିଲେ । ଗ୍ରାମର ନିଜ ଜମିରେ ସମୟ ଅତିବାହିତ କରିଲାବେଳେ ସେଠାରେ ଥିବା ଝରଣା ବାଲିରେ ମୂର୍ତ୍ତି ଗଢି ଖେଳୁଥିଲେ ।ସମୟ କ୍ରମେ କଷ୍ଟରେଭିହେଲେ ବି ତାଙ୍କ ପାଠ ପଢା ଚାଲୁଥିଲା ।ଦିନେ କାଲିମେଳା ର ଏକ ଚାଦୋକାନରେ ଚା ପିଉଥିବାବେଳେ ଅନ୍ତଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କୁ ଏକ ଖବର କାଗଜ ରେ ଦେଖିଥିଲେ ।ସେ ଦିନ ତାଙ୍କୁ ତାଙ୍କ ଆଦର୍ଶ ମିଳିଯାଇଥିଲା ।ତାପରେ ସେ ବାହାରିପଡିଥିଲେ ତାଙ୍କୁ ଭେଟିବାପାଇଁ ।ଆଜି ସେ ତାଙ୍କ ପାଖରେ ରହି ବାଲୁକା କଳା ଶିଖିବା ସହ ଓଡିଶା ଏବଂ ମାଲକାନଗିରି ମାଟିର ନାମ ବଢାଇବା ପାଇଁ ଅହରହ ପ୍ରୟାସ ଜାରି ରଖିଛନ୍ତି । ତାଙ୍କ ଇଚ୍ଛା ମାଲକାନଗିରି ଜିଲ୍ଲା ପାଇଁ କିଛି କରି ଦେଖାଇବା ।

## ନକଲି ମଦ କାରଖାନା ଠାବ ଘଟଣା: ଆଉ ଦୁଇ ଜଣଙ୍କୁ ଗିରଫ କଲା ପୋଲିସ

ଗଞ୍ଜାମ,୧୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ତୃପ୍ତିନଗର ୨ନଂ ଲେନ୍ ରେ ନକଲି ମଦ କାରଖାନା ଠାବ ଘଟଣାରେ ପୂର୍ବରୁ ପୋଲିସ ୫ ଜଣଙ୍କୁ ଗିରଫ କରିଥିବା ବେଳେ ମାମଲାରେ ଜଡ଼ିତ ଅନ୍ୟ ଦୁଇ ଜଣଙ୍କୁ ଆଜି ଗିରଫ କରିଛି ବଡ଼ବଜାର ଥାନା ପୋଲିସ । ଫଳରେ ମାମଲାରେ ମୋଟ୍ ଗିରଫଦାରୀ ସଂଖ୍ୟା ୭କୁ ବୃଦ୍ଧି ପାଇଛି । ପ୍ରକାଶ ଥାଉ କି, ଗତକାଲି ଗଞ୍ଜାମ ଜିଲ୍ଲା ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଏହି ବେଆଇନ ନକଲି ମଦ କାରଖାନା ଉପରେ ଚଢ଼ଉ କରାଯାଇଥିଲା ।

## କୋରେଇ ଯୁବ କଂଗ୍ରେସ ପକ୍ଷରୁ ପେଟ୍ରୋଲ ପମ୍ପରେ ବିକ୍ଷୋଭ ଓ ଧାରଣା

କୋରେଇ,୧୩ (ନି.ପ୍ର): ଅହେତୁକ ତୈଳ ଦର ର ପ୍ରତିବାଦରେ କୋରାଇ ବ୍ଲକ ଯୁବ କଂଗ୍ରେସ ପକ୍ଷରୁ ଆଜି ୨୦ ନମ୍ବର ଜାତୀୟ ରାଜପଥର କଡର ସାହୁ ପୋଟ୍ରୋଲ ପମ୍ପରେ କୋରାଇ ବ୍ଲକ ଯୁବ କଂଗ୍ରେସ ସଭାପତି ପ୍ରୀୟବ୍ରତ ସାହୁଙ୍କ ନେତୃତ୍ୱରେ ଧାରଣା ଓ ବିକ୍ଷୋଭ କରାଯାଇଥିଲା । ପେଟ୍ରୋଲ ପମ୍ପରେ ଲାଗିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୋଷ୍ଟରରକୁ କାଳି ମାଡ ଓ ପୋଷ୍ଟର ଚିରା ସହ ତୈଳଦର ବୃଦ୍ଧି ପ୍ରତିବାଦରେ ବିଭିନ୍ନ କେନ୍ଦ୍ର ସରକାର ବିରୋଧି ସ୍ଲୋଗାନ ଦେବା ସହ ବିକ୍ଷୋଭ ଓ ଧାରଣା ପ୍ରଦର୍ଶନ କରାଯାଇଥିଲା । ଅଶୋଧିତ ତୈଳ ଆର୍ନ୍ତଜାତୀୟ ସ୍ତରରେ କମ ଥିବା ବେଳେ ଅହେତୁକ ତୈଳଦର ବୃଦ୍ଧିକୁ ସମାଲୋଚନା କରିବା ସହ ଧାରଣାରେ ବସି ତୈଳଦର ୫୦ ଟଙ୍କାକୁ ହ୍ରାସ କରିବାକୁ ଦାବି କରିଥିଲେ । ପେଟ୍ରୋଲ ପମ୍ପ ମାଲିକ ସେମାନଙ୍କ ଦାବିକୁ ମାନି ଦେଇ ଆନ୍ଦୋଳନ କାରୀଙ୍କୁ ଲିଟର ୫୦ଟଙ୍କା ଦାମରେ ପେଟ୍ରୋଲ ଯୋଗାଇଦେଇଥିଲେ । ଅନ୍ୟ ମାନଙ୍କ ମଧରେ ଯୁବ କଂଗ୍ରେସ ସଭାପତି ଅମର ବିଶ୍ୱାଳ, କଳିଙ୍ଗ ସିଂହ, ଅବିନାଶ ନାୟକ, ଜଗବନ୍ଧୁ ନାୟକ, ସତ୍ୟବ୍ରତ ରାୟ, ସତୀସ ମଳିକ, ରବିପ୍ରକାଶ ନାୟକ, ସାଗର ସମ୍ରାଟ ସ୍ୱାଇଁ, ଅଭୟ ପାତ୍ର, ଦୀପକ ଭଂଜ, ଅଭୟ ଦାସ ସମେତ ବହୁ ଯୁବ କଂଗ୍ରେସ କର୍ମି ସାମିଲ ହୋଇଥିଲେ ।

# ପ୍ରଶାସନିକ ଅଧିକାରୀଙ୍କୁ ଦୁର୍ବ୍ୟବହାର କରି ଜେଲ ଗଲେ କମଳ ମହାପ୍ରଭୁ



ନୀଳଗିରି,୦୧/୦୩ (ନି.ପ୍ର): ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ଓ କାର୍ଯ୍ୟାଳୟର କିରାଣୀ ବବିତା ବେହେରାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ନୀଳଗିରିର ବେଶ ଜଣାଶୁଣା କମଳଲୋଚ ମଲ୍ଲିକ ଓରଫ ଶ୍ରୀ ଶ୍ରୀ ଶ୍ରୀମଦ କମଳ ମହାପ୍ରଭୁଙ୍କୁ ପୋଲିସ ଗିରଫ କରି ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି । ପ୍ରାପ୍ତ ସୂଚନାରୁ ସୋମବାର ଦିନ ପ୍ରାୟ ୧୨.୩୦ମି. ସମୟରେ କମଳବାବା ଏକ ମହୋତ୍ସବ ପାଇଁ ଅନୁମତି ଆବେଦନ ତହସିଲଦାରଙ୍କୁ ମାଗିଥିଲେ। ମାତ୍ର ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରି ପରମିଶନ ଦେବି ବୋଲି ତହସିଲଦାର ପ୍ରକାଶ କରିବାରୁ ଉତ୍କ୍ଷିପ୍ତ ହୋଇ କମଳ ବାବା କ'ଣ ପାଇଁ ପରମିଶନ ଦେବେନି, ଆପଣ କିଏ କି ? ଆଦି ଗାଳିଗୁଲଜ କରିବା ସହ ଅଶ୍ଳିଳ ଭାଷାରେ କାର୍ଯ୍ୟାଳୟ କିରାଣୀ ବବିତା ବେହେରାଙ୍କୁ ଗାଳିଗୁଲଜ କରିଥିଲେ । ଘଟଣା ବାବଦରେ ନୀଳଗିରି ତହସିଲଦାର ନୀଳଗିରି ଥାନାରେ ଅଭିଯୋଗ କରିଥିଲେ । ସରକାରୀ କାର୍ଯ୍ୟାଳୟ ପରିସରରେ ଜଣେ ମହିଳା କର୍ମଚାରୀ ଓ ଖୋଦ ତହସିଲଦାରଙ୍କୁ ନାଲି ଆଖି ଦେଖାଇବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ଘଟଣାରେ ନୀଳଗିରି ଥାନାର ସବଇନିସ୍‌ପେକ୍ଟର ସସ୍ମିତା ମଲ୍ଲିକ କମଳ ମହାପ୍ରଭୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏ ନେଇ ନୀଳଗିରି ଥାନାରେ କେଶ ନଂ. ୬୪/୨୧, ଦଫା ୪୪୮, ୨୯୪, ୩୫୪, ୩୫୩, ୩୩୨, ୫୦୬ ଧାରାରେ ମାମଲା ରୁଜୁ ହୋଇଅଛି। ନୀଳଗିରି ଅଂଚଳରେ ଖଳନାୟକ ଭୂମିକାରେ ଅଭିନୟ କରିଆସୁଥିବା ଶ୍ରୀମଦ କମଳ ମହାପ୍ରଭୁ ଗିରଫ ପରେ ଆନନ୍ଦର ଲହରୀ ଖେଳି ଯାଇଛି ।

# ଉଦଳା ଫ୍ରେଣ୍ଡସର ତୃତୀୟ ବନ୍ଧୁ ମିଳନ



ଉଦଳା, ୧। ୩ (ନି.ପ୍ର.) - ଉଦଳା ମହାବିଦ୍ୟାଳୟରେ ୧୯୯୧ ରେ +୨ ଏବଂ ୧୯୯୪ ରେ +୩ ପାଶ୍ କରିଥିବା କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କର ତୃତୀୟ ବାର୍ଷିକୀ ବନ୍ଧୁମିଳନ "ଉଦଳା ଫ୍ରେଣ୍ଡସ ମିଟ" ସ୍ଥାନୀୟ ସିପ୍ରନ୍‌ଇନ୍ ହୋଟେଲରେ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ନିଜର କର୍ମମୟ ଜୀବନରୁ ଦିନଟିଏ ବାହାରି ଆସି ସାଙ୍ଗସାଥି ମେଳରେ ଖୁସି ମଜାରେ ହଜି ଯିବାର ଓ କଲେଜ ଜୀବନର ସ୍ମୃତି ଚାରଣ ତଥା ଥଟ୍ଟା ମଜା ଭିତରେ ଜୀବନ ଜଞ୍ଜାଳକୁ ଭୁଲିଯିବାର ନିଆରା ସୁଯୋଗକୁ ହାସଲ କରିବା ପାଇଁ ଓଡ଼ିଶାର ବିଭିନ୍ନ ଭାଗରୁ ୧୦୨ ଜଣ ବନ୍ଧୁ ଏଠାକୁ ଛୁଟି ଆସିଥିଲେ । ପ୍ରାରମ୍ଭରେ ଗତ ଏକ ବର୍ଷ ମଧ୍ୟରେ ଦେହାନ୍ତ ଘଟିଥିବା କନକଲତା ପାଲ ଓ ବାପି ମଡୁଆଲଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ରଜେଶ ମିଶ୍ର, ଶଶିରଂଜନ ମଲ୍ଲିକ, ସମରଜିତ୍ ମହାପାତ୍ର, ରାଜେଶ ଦାସ ଓ ସତ୍ୟେନ୍ଦୁ ଜେନା ପ୍ରମୁଖ ମଞ୍ଚ ସଂଯୋଜନା କରିଥିଲେ। ପ୍ରଥମ ଥର ପାଇଁ ଯୋଗ ଦେଇଥିବା ସାଙ୍ଗ ମାନେ ମଞ୍ଚରେ ତାଙ୍କ ପରିଚୟ ଓ ଅନୁଭୂତି ଉପସ୍ଥାପନ କରିଥିଲେ । ଗିରିଜା ଶଙ୍କର ସାହୁ, ଦୀପକ ଦାସ, ସେକ ରିଆଜ, କାବୁ ଦତ୍ତ, ପ୍ରଦୀପ ବାରିକ, ଶରତ ପାତ୍ର, ଲତିକା ଦାସ, ଶୋଭାଗିନୀ ପୁହାଣ, ଅନ୍ନପୂର୍ଣ୍ଣା ପ୍ରଧାନ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ନେତୃତ୍ୱ ନେଇଥିଲେ । ଚଳିତ ବର୍ଷ କରୋନା କାରଣରୁ ପ୍ରକାଶିତ ହୋଇ ପାରିନଥିବା ସ୍ମରଣିକାର ସଫଳ ପ୍ରକାଶନ ନିମନ୍ତେ ଏହି ଅବସରରେ ସୁଶ୍ରୀ ସସ୍ମିତା ପ୍ରିୟଦର୍ଶୀନୀ ଓ ସୁଶାନ୍ତ ମହାନ୍ତି ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସଂଗୀତର ମୂର୍ଚ୍ଛନାରେ ରାଜେଶ ମିଶ୍ର, ରାଜେଶ ଦାସ, ଶଶୀରଂଜନ ମଲ୍ଲିକ, ହରିହର ମୁଦୁଲି, ସଂଜୀବ ଜେନା ପ୍ରମୁଖ ସମସ୍ତଙ୍କର ମନ ମୋହିଥିଲେ। ସହଦେବ ମହାପାତ୍ର, ବଳରାମ ସାହୁ, ବିନୋଦ ପରିଡ଼ା, ଇତିଶ୍ରୀ ପାଢ଼ୀ, ନିରୋଜ ନାୟକ, ଗୌରୀଶଙ୍କର ବିନ୍ଧାଣୀ ପ୍ରମୁଖ ଏଥିରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ ।

# ପୃଥକ ରାସ୍ତା ଦୁର୍ଘଟଣାରେ ୩ ଆହତ

ଜଳେଶ୍ୱର ୧/୩(ନିପ୍ର) : ଆଜି ଜଳେଶ୍ୱରର ପୃଥକ ପୃଥକ ୨ଟି ଘଟଣାରେ ମୋଟ ୩ଜଣ ଆହତ ହୋଇ ଥିବାର ଜଣାଯାଇଛି । ୬୦ନଂ ଜାତୀୟ ରାଜପଥରେ ସାଇ ଫିଲିଂ ପେଟ୍ରୋଲ ପମ୍ପ ନିକଟରେ ବାଇକ୍‌ରେ ଆସୁଥିବା ମଧୁସୂଦନ କାମିଳା (୨୨) ଓ ସଂଜିବ କାମିଳା(୨୫) ଦ୍ରୁତଗତିରେ ଆସୁଥିବା ଯୋଗୁଁ ଭାରସାମ୍ୟ ହରାଇ ପଡିଯାଇଥିଲେ। ସେହିପରି ଅନ୍ୟଜଣେ ଅଜଣା ବ୍ୟକ୍ତିଙ୍କର ବ୍ଲକ ଛକଠାରେ ଏକ ଅଜଣା ଗାଡି ଧକ୍କା ଦେବାକରୁ ସେ ରାସ୍ତାରେ ଗୁରୁତରେ ହୋଇ ପଡିରହିଥିଲେ । ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଲୋକେ ଜିକେଭଟ୍ଟର ହସ୍‌ପିଟାଲକୁ ପଠାଇ ଦେଇଥିଲେ । ସେମାନଙ୍କ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପିଏମ୍ କିଷାନ ସମ୍ମାନ ....

ପ୍ରଥମ ଥର ନୁହେଁ ବରଂ ପୂର୍ବ ତଥା ଷଷ୍ଠ କିସ୍ତିରେ ମଧ୍ୟ ଅନୁରୂପ ଭାବରେ କମ୍ ଚାଷୀ ଏହି ଯୋଜନାର ଲାଭ ପାଉଥିବା ଓ କିଛି ଚାଷୀ ବଂଚିତ ହେଉଥିବାର ଦେଖାଯାଉଛି । ପଞ୍ଜିକୃତ ୪୦.୫ ଲକ୍ଷ ଚାଷୀ ମଧ୍ୟରୁ ପିଏମ କିଷାନ ଯୋଜନାର ପ୍ରଥମ କିସ୍ତିରେ ଓଡିଶାର ମାତ୍ର ୯.୭୩ ଲକ୍ଷ ଚାଷୀ ପ୍ରଥମ କିସ୍ତି ପାଇଥିଲେ ଯାହା ପଞ୍ଜିକୃତଙ୍କ ୨୪ ପ୍ରତିଶତ । ସେହିପରି ଅନୁରୂପ ଭାବରେ ଦ୍ୱିତୀୟ କିସ୍ତିରେ ୨୯.୯୨ ଲକ୍ଷ ଅର୍ଥାତ୍ ପଞ୍ଜିକୃତଙ୍କ ୭୪ ପ୍ରତିଶତ, ତୃତୀୟ କିସ୍ତିରେ ୨୮.୭୭ ଲକ୍ଷ ତଥା ୭୧ ପ୍ରତିଶତ, ଚତୁର୍ଥ କିସ୍ତିରେ ୨୫.୬୧ ଲକ୍ଷ ଅର୍ଥାତ୍ ପଂଜିକରଣର ୬୩ ପ୍ରତିଶତ ଚାଷୀ କେବଳ ପିଏମ ଯୋଜନାରେ ବ୍ୟାଙ୍କ୍ ଖାତାରେ ଟଙ୍କା ପାଇଛନ୍ତି । ଅନୁରୂପ ଭାବରେ ପଂଚମ କିସ୍ତିରେ ୨୧.୫୫ ଲକ୍ଷ ଚାଷୀ ଅର୍ଥାତ୍ ୫୩ ପ୍ରତିଶତ, ଷଷ୍ଠ କିସ୍ତିରେ ୨୩.୩୮ ଲକ୍ଷ ତଥା ୫୮ ପ୍ରତିଶତ ଓ ସପ୍ତମ କିସ୍ତିର ଲାଭ ମାତ୍ର ୬୧ ପ୍ରତିଶତ ଅର୍ଥାତ୍ ୨୪.୭୦ ଲକ୍ଷ ଚାଷୀ ଲାଭ ପାଇଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡିଶାର ଚାଷୀ ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ । ରାଜ୍ୟର ଜନସଂଖ୍ୟାର ଦୁଇ ତୃତୀୟାଂଶ ଚାଷୀ ଜିଡିପିର ଏକ ପଂଚମାଶ ଯୋଗଦାନ ରଖୁଛନ୍ତି । ତେବେ ଚାଷୀ ବିଶେଷ ଭାବରେ କ୍ଷୁଦ୍ର ଏବଂ ମଧ୍ୟମ ଚାଷୀଙ୍କ ଆୟକୁ ଦ୍ୱିଗୁଣ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରାଥମିକତାରେ ରହିଛି । ଭାରତ ସରକାର ଗତ ୬ ବର୍ଷରେ ଅନ୍ନଦାତାଙ୍କୁ ଆର୍ଥିକ ସମ୍ପନ୍ନ କରିବା ଦିଗରେ ଅନେକ ବଡ ପ୍ରଭାବ ପକାଉଥିବା ପଦକ୍ଷେପ ଏବଂ ସଂସ୍କାର ଅଣାଯାଇଛି ଏବଂ ପ୍ରଧାନମନ୍ତ୍ରୀ କିଷାନ୍ ଯୋଜନା ଏହା ମଧ୍ୟରୁ ଅନ୍ୟତମ । ଆପଣ ଅବଗତ ଥିବେ ଯେ ୨୦୧୮ ମସିହାରେ ଚାଷୀଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ଶୁଭାରମ୍ଭ କରାଯାଇଥିଲା । କେନ୍ଦ୍ର ସରକାର ଏହି ଯୋଜନା ଅନ୍ତର୍ଗତ ବାର୍ଷିକ ତିନୋଟି କିସ୍ତିରେ ୬ ହଜାର ଟଙ୍କାର ଚାଷୀଙ୍କୁ ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଯୋଜନାର ନିୟମାବଳୀ ଅନୁସାରେ ରାଜ୍ୟ ସରକାରମାନେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବେ ଏବଂ ଯୋଜନାର ୱେବପୋର୍ଟାଲରେ ଦାଖଲ କରିବେ । ହିତାଧିକାରୀଙ୍କ ତଥ୍ୟକୁ ସଠିକ୍ ଭାବରେ ଦେବାର ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ରହିଛି ଏବଂ ଏହାଦ୍ୱାରା ଅର୍ଥ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ପଠାଯାଇପାରିବ । ମାତ୍ର ରାଜ୍ୟ ସରକାରଙ୍କ ଅଧିକାରୀ ତଥା ପ୍ରଶାସନ ଦ୍ୱାରା ଆବଶ୍ୟକୀୟ ପ୍ରକ୍ରିୟାକୁ ଅନୁପାଳନ ନକରିବା ଯୋଗୁଁ ପିଏମ କିଷାନ ନିଧି ଯୋଜନାରେ ପଞ୍ଜିକୃତ ହୋଇଥିବା ଓଡିଶାର ଚାଷୀଙ୍କ ମଧ୍ୟରୁ ବହୁତ୍ କମ୍ ଚାଷୀ ଏହି ଯୋଜନାର ଲାଭ ପାଉଛନ୍ତି । ତେଣୁ ଓଡିଶାର ଚାଷୀ ମାନଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ପିଏମ କିଷାନର ନିର୍ଦ୍ଦେଶାବଳୀର ଅନୁପାଳନକୁ ତୁରନ୍ତ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପର ଆବଶ୍ୟକତା ରହିଛି । ତେବେ ଓଡିଶାର ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ସଠିକ୍ ଲାଭ ନମିଳିବା ଏବଂ ବିଶେଷ ଭାବରେ କୋଭିଡ୍ -୧୯ ଯୋଗୁଁ ପ୍ରଭାବିତ ସମୟରେ ଯେତେବେଳେ ସରକାରୀ ସହୟତା ଚାଷୀଙ୍କୁ ଦରକାର ଥିଲା ସେହି ସମୟରେ ଚାଷୀଙ୍କୁ ପିଏମ କିଷାନ ଟଙ୍କାରୁ ବଂଚିତ କରିବା ଦୁଃଖଦାୟକ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ବରକନ୍ୟା ସାଜିଲେ ....

ଏନେଇ ଖୋଦ ସବ୍ୟସାଚୀ ପୋଷ୍ଟ କରିଥିବା ବେଳେ ଭଗବାନଙ୍କ ସହ ଲୋକଙ୍କ ଆଶିର୍ବାଦ ଲୋଡିଛନ୍ତି । ତେବେ କେବେ, କେଉଁଠି ଓ କେତେବେଳେ ବାହାଘର ହେଉଛି ତାହା ସବ୍ୟ ସୂଚନା ଦେଇନାହାନ୍ତି । ନିଜ ବାହାଘର ନେଇ ଭେନ୍ୟୁ ଓ ବିହାହ କାର୍ଯ୍ୟ ସୂଚୀର କୌଣସି ସୂଚନା ଦେଇ ନାହାନ୍ତି । ସେପଟେ ବଡ ପରଦାରେ ଦୁହିଁଙ୍କ ଯୋଡି ସୁପରହିଟ ଥିବାରୁ ତାଙ୍କୁ ନେଇ ମଧ ଅନେକ ସମୟରେ ଚର୍ଚ୍ଚା, ଆଲୋଚନା ହୁଏ । ସବ୍ୟ- ଅର୍ଚ୍ଚିତାଙ୍କ ପ୍ରେମ କାହାଣୀକୁ ଗସିପ ବି କରାଯାଏ । ଆଉ ସବୁ ଚର୍ଚ୍ଚାକୁ ନୂଆ ସମ୍ପର୍କର ଚିତ୍ରରେ ବଦଳାଇବାକୁ ଯାଉଛନ୍ତି ଏହି ଦୁଇ ଲୋକପ୍ରିୟ ଯୋଡି । ଜୀବନ ସାଥୀ ବନିବାକୁ ଯାଉଥିବା ପରଦାର ଯୋଡ଼ି ବିବାହ ପୂର୍ବରୁ ନିଜ ନିର୍ବନ୍ଧର ଫଟୋ ଛାଡିଛନ୍ତି । ତା'ସହ ପାହାଡି ଇଲାକାରେ ପ୍ରିୱେଡିଂର ଫଟୋ ଛାଡି ନୂଆଯାତ୍ରାକୁ ସଫଳ କରିବାକୁ ଲୋକଙ୍କ ଆଶିର୍ବାଦ ଲୋଡିଛନ୍ତି ସବ୍ୟସାଚୀ । ତେବେ ସବ୍ୟ ନିଜ ପୋଷ୍ଟରେ ଲେଖିଛନ୍ତି, ସୁଖଦୁଃଖର ନାମ ଜୀବନ । ଅନେକ ଥର ଲାଗେ, ସବୁକିଛି ସରିଗଲା । ହେଲେ ଭଗବାନ ସବୁବେଳେ ନିଷ୍ଠୁର ହୁଅନ୍ତି ନାହିଁ। ବୋଧେ ସେଇଥିପାଇଁ ମତେ ଏମିତି ଏକ ଜୀବନସାଥି ମିଳିପାରିଲା । ଆପଣଙ୍କ ଆଶୀର୍ବାଦ ଆଉ ଭଲପାଇବା ଆମର ସବୁ ଯାତ୍ରାକୁ ସଫଳ କରିବ। ଆମର ବାହାଘର ପାଇଁ ନିଶ୍ଚୟ ଠାକୁରଙ୍କୁ ଡାକିବେ । ତେବେ ଲକଡାଉନ ସମୟରେ ସବ୍ୟସାଚୀଙ୍କୁ ରିଲ ହିରୋରୁ ରିଏଲ ହିରୋ ହେବାର ଦେଖିଛି ଓଡିଶା । କେବେ ପ୍ରବାସୀ ଓଡିଆଙ୍କୁ ଓଡିଶା ମାଟିକୁ ଆଣିବା ହେଉ କେବେ ବାହାରେ ପଶିଥିବା ଲୋକଙ୍କୁ ସାହାଯ୍ୟ କରିବା । କରୋନା କାଳରେ ଯେତେବେଳେ ସାରା ଦେଶରେ ତାଲା ପଡିଥିଲା ସେତେବେଳେ ଲୋକଙ୍କୁ ସାହାଯ୍ୟ କରି ହୃଦୟର ହିରୋ ବନିଥିଲେ ସବ୍ୟ । ସେଇଥିପାଇଁ ତ ତାଙ୍କୁ ଓଡିଶାର ସୋନୁ ସୁଦ ବି କେହି କେହି କହୁଥିଲେ । ଖାଲି ସେତିକି ନୁହେଁ ଲକଡାଉନ ସରିବା ପରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ତରର ଲୋକଙ୍କୁ ସାହାଯ୍ୟ କରି ହୃଦୟ ଜିଣିଛନ୍ତି ସବ୍ୟ । ଦୁଇ ଦିନ ତଳେ ପୁରୀର କୁନି ପଣ୍ଡାଙ୍କ ହାତର ଟ୍ୟୁମରକୁ ଏମସରେ ଭଲକରାଇଥିଲେ ସବ୍ୟସାଚୀ । ତେଣୁ ଅଭିନୟ ସହ ସାମାଜିକ କାମରେ ନିଜକୁ ନିୟୋଜିତ କରି ଲୋକଙ୍କ ହୃଦୟ ଜିଣିଥିବା ସବ୍ୟସାଚୀଙ୍କର ଶେଷରେ ହାତଗଣ୍ଠି ପଡିବାକୁ ଯାଉଛି । ଆଜି ସାତଜନମର ସାଥୀ ହେବେ ସବ୍ୟାର୍ଚ୍ଚିତା ।

## ଲୋକସେବା ଆୟୋଗର ଅଧ୍ୟକ୍ଷ ....

ରାଜ୍ୟ ପୁଲିସ୍ ମୁଖ୍ୟ କାର୍ଯ୍ୟାଳୟ ଏବଂ ଦ୍ୱୈତ ସହର କଟକଭୁବନେଶ୍ୱରରେ ପୁଲିସ୍ କମିଶନର ଭାବେ ଅବସ୍ଥାପିତ ହୋଇ ବେଶ୍ ସଫଳତାର ସହ କର୍ତବ୍ୟ ସମ୍ପାଦନ କରିଛନ୍ତି, ସେ ଡି.ଜି. ପାହ୍ୟାକୁ ପଦୋନ୍ନତି ହେବାପରେ କାରାଗାର ମହାନିର୍ଦ୍ଦେଶକ ଓ ନିର୍ଦ୍ଦେଶକ ସଂସ୍କାର ସେବା, ସ୍ୱତନ୍ତ୍ର ମହାନିର୍ଦ୍ଦେଶକ, ରାଜ୍ୟ ଗୋଇନ୍ଦା ବିଭାଗ ଏବଂ ପରିଶେଷରେ ଓଡ଼ିଶା ଅଗ୍ନିଶମ ସେବା, ଗୃହରକ୍ଷୀ ଏବଂ ବେସାମରିକ ପ୍ରତିରକ୍ଷା ସଂସ୍ଥାର ମହାନିର୍ଦ୍ଦେଶକ ରୂପେ ନିଷ୍ଠା ଓ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରି ସଂପ୍ରତି ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଭାବେ ଅବସ୍ଥାପିତ ହୋଇଛନ୍ତି । ଡକ୍ଟର ମହାନ୍ତି ଓଡ଼ିଶା ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନ ଓ ଆଇନ ବିଭାଗରେ ଯଥାକ୍ରମେ ସ୍ନାତକୋତର ଏବଂ ସ୍ନାତକ ଉପାଧି ଅର୍ଜନ କରିବା ସଙ୍ଗେ ସଙ୍ଗେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟରୁ ମାନବିକ ଅଧିକାର ବିଷୟରେ ସ୍ନାତକୋତର ବା ମାଷ୍ଟର ଡିଗ୍ରୀ ଏବଂ ପବ୍ଲିକ ପଲିସ୍ ଏଣ୍ଡ ମ୍ୟାନେଜମେଂଟ ବିଷୟରେ ଆଇ.ଆଇ.ଏମ୍, ବାଙ୍ଗାଲୋର ଏବଂ ମାକ୍ସୱେଲ ସ୍କୁଲ ଅଫ ପବ୍ଲିକ୍ ପଲିସ୍, ଯୁକ୍ତରାଷ୍ଟ୍ର ଆମେରିକାର ସାଇରାକସ୍ ୟୁନିଭରସିଟିରୁ ସ୍ନାତକୋତର ଉପାଧି ମଧ ଅର୍ଜନ କରିଛନ୍ତି। ଆମ ରାଜ୍ୟ ଓଡ଼ିଶାର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରୁ ସେ ଆଇନ ବିଷୟରେ ଡକ୍ଟରେଟ୍ ଉପାଧି ଅର୍ଜନ କରିଛନ୍ତି । ସେ ବ୍ୟକ୍ତିଗତ ଏବଂ ମିଳିତ ଭାବେ ବୃତିଗତ ବିଷୟବସ୍ତୁ ଉପରେ ଆଧାରିତ ପାଂଚ ଗୋଟି ବହୁ ଉପାଦେୟ ପୁସ୍ତକ ଲେଖିବା ସଙ୍ଗେ ସଙ୍ଗେ ନିମନ୍ତ୍ରିତ ବକ୍ତା ଭାବେ ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ପୁଲିସ୍ ଏବଂ ବିଚାର ବିଭାଗୀୟ ଏକାଡ଼େମୀଗୁଡ଼ିକୁ ମଧ ଭ୍ରମଣ କରି ବକ୍ତବ୍ୟ ପ୍ରଦାନ କରିଆସୁଛନ୍ତି। ସେ ବୃତିଗତ ସ୍ତରରେ ଇଣ୍ଡିଆନ ପୋଲିସ୍ ଫାଉଣ୍ଡେସନ ଏଣ୍ଡ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫପବ୍ଲିକ୍ ଆଡମିନିଷ୍ଟ୍ରସନର ଜଣେ ସକ୍ରିୟ ସଦସ୍ୟ ହୋଇଥିବା ବେଳେ ନ୍ୟାସ୍‌ନାଲ୍ ପୋଲିସ୍ ମିଶନର କମ୍ୟୁନିଟି ପୁଲିସିଂ ବ୍ୟବସ୍ଥା ସମ୍ପର୍କିତ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମଧ ସକ୍ରିୟ ସଦସ୍ୟ ଭାବେ ଅଂଶଗ୍ରହଣ କରିଆସୁଛନ୍ତି। ଡକ୍ଟର ମହାନ୍ତି ବିଭିନ୍ନ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ସେବା, କର୍ତବ୍ୟ ନିଷ୍ଠା ଓ କାର୍ଯ୍ୟ ଦକ୍ଷତା ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ "ପୋଲିସ ଉଲ୍ଲେଖନୀୟ ସେବା ପଦକ'',"ପୋଲିସ୍ ବିଶିଷ୍ଟ ସେବା ପଦକ'' ପ୍ରାପ୍ତ ହୋଇଛନ୍ତି, ଏଥି ସହ ନିଜର ଉଚ୍ଚକୋଟୀର କାର୍ଯ୍ୟ ଦକ୍ଷତା ଓ ସେବା ପାଇଁ "ପୋଲିସ୍ ଆନ୍ତରିକ ସୁରକ୍ଷା ସେବା ପଦକ'' ମଧ ଲାଭ କରିଛନ୍ତି । ଡକ୍ଟର ମହାନ୍ତି ତାଙ୍କର ଦୀର୍ଘ ଚାକିରି କାଳରେ ଅଭିନବକରଣ ଏବଂ ଆନୁଷ୍ଠାନିକ ସଂସ୍କାରମୂଳକ କାର୍ଯ୍ୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।

## ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ....

ସେହିପରି ଟିକା ନେଇ ସାରିବା ପରେ ଟୁଇଟ କରି କରୋନା ମହାମାରୀ ସମୟରେ ଡ଼ାକ୍ତର ଓ ବିଶେଷଜ୍ଞମାନଙ୍କ କାମକୁ ପ୍ରଶଂସା କରିଛନ୍ତି ମୋଦି । ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଯୋଗ୍ୟ ବ୍ୟକ୍ତି ନିର୍ଭୟରେ ଟିକା ନେବାକୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ସମସ୍ତେ ମିଶି ଦେଶକୁ କରୋନା ମୁକ୍ତ କରି ପାରିବା ବୋଲି ସେ କହିଛନ୍ତି । ସୋମବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପରିସରରେ ଥିବା ଡିସପେନସେରିରେ କୋଭିଡ୍-୧୯ ଟିକାର ପ୍ରଥମ ଡୋଜ୍ ନେଇଛନ୍ତି। ଟିକା ନେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ଟୁଇଟରରେ ଲେଖିଛନ୍ତି, ' ମୁଁ ଖୁସି ଯେ ମୁଁ ଆଜି କୋଭିଡ-୧୯ ଟିକାର ପ୍ରଥମ ଡୋଜ୍ ନେଲି।' ଲୋକଙ୍କ ପାଖରେ ଟିକା ପହଂଚାଇବା ପାଇଁ କାମ କରୁଥିବା ବୈଜ୍ଞାନିକ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ନିକଟରେ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ଆଜି ସକାଳ ୧୦ଟା ୪୫ ମିନିଟ ସମୟରେ ନବୀନନିବାସରୁ ବାହାରି ବିଧାନସଭା ପରିସରରେ ଥିବା ଡିସପେନସେରିରେ ପହଂଚିଥିଲେ। ସେଠାରେ ସେ ଦିନ ୧୧ଟା ବେଳେ ପ୍ରଥମେ କରୋନା ଟିକା ନେଇଥିଲେ। ଏହାପରେ ଅନ୍ୟ ବିଧାୟକମାନେ ଟିକା ନେବେ ବୋଲି ଜଣାଯାଇଛି।

# ମାଟ୍ରିକ ପରୀକ୍ଷାବେଳେ କୋଭିଡ୍ ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ କର : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୦୧/୦୩(ନି.ପ୍ର): ଆଜି ପୂର୍ବାହ୍ନରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ଭଦ୍ରକ ଜିଲ୍ଲା କରିଦର୍ଶନ କରିଛନ୍ତି । ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଶିକ୍ଷା ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ, ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ସମୟରେ ରାଜ୍ୟ ସରକାରଙ୍କ କୋଭିଡ ମାର୍ଗଦର୍ଶିକାର ଅନୁପାଳନ କଡ଼ାକଡ଼ି କରାଯିବା ଜରୁରୀ । ମାଟ୍ରିକ ପରୀକ୍ଷାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର କାର୍ଯ୍ୟକାରିତା ନେଇ ମଧ ମନ୍ତ୍ରୀ ଶ୍ରୀ ଦାଶ ସମୀକ୍ଷା କରିଥିଲେ । ଏଥି ସହ ମନ୍ତ୍ରୀ ଶ୍ରୀ ଦାଶ ଭଦ୍ରକର ଭଣ୍ଡାରୀପୋଖରିଠାରେ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟର ଭିତି ପ୍ରସ୍ତର ସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧରେ ଭଦ୍ରକ ଜିଲ୍ଲାର ଲୋକସଭା ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ଶ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, ଜିଲ୍ଲାପାଳ ଜ୍ଞାନ ଦାଶ, ପୂର୍ବତନ ବିଧାୟକ ଧାମନଗର ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀବୃନ୍ଦ ବୈଠକରେ ଉପସ୍ଥିତ ଥିଲେ ।

# ଆଦର୍ଶ ନାରୀ ଝୁମମଣି ପାତ୍ରଙ୍କ ୭୯ ତମ ଜୟନ୍ତୀ ଓ ମୁନି ସମାଜର ଜ୍ଞାନଯଜ୍ଞ



ବାସୁଦେବପୁର,୦୧/୦୩ (ନି.ପ୍ର): ନରସିଂହପୁର ବାସନ୍ତୀ ପଡିଆଠାରେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ଜ୍ଞାନଯଜ୍ଞ ଓ ଆଦର୍ଶନାରୀ ଝୁମମଣି ପାତ୍ରଙ୍କ ୭୯ ତମ ଜୟନ୍ତୀ ଏକ ଆଧାତ୍ମିକ ପରିବେଶ ମଧରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଯୋଗୀ ସୁଧାକର ମୁନି ସଭାପତିତ୍ୱ କରିଥିଲେ। ଯୋଗୀ ରବିନ୍ଦ୍ର ମୁନି ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଯୋଗୀ ପୁରୁଷୋତ୍ତମ ମୁନି, ଯୋଗୀ ଉମାକାନ୍ତ ମୁନି, ଯୋଗୀ କାଶୀନାଥ ମୁନି ଓ ଯୋଗୀ ଜାନକୀ ମୁନି। ସମାଜରେ ପିତା ମାତା ଓ ଗୁରୁଜନ ମାନଙ୍କୁ ସେବା ଓ ପ୍ରଣାମ କରିବା ସହିତ ଜୀବଜଗତର ରକ୍ଷା ପାଇଁ ସର୍ବଦା ଉଦ୍ୟମ ଆବଶ୍ୟକ। ଆତ୍ମା, ପରମାତ୍ମା, ଯୋଗ, ସତ୍‌କର୍ମ, ସତ୍‌ଚିନ୍ତାକୁ ଅଧିକ ପ୍ରାଧାନ୍ୟ ଦେଲେ ଆମେମାନେ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିପାରିବା ଓ ସମାଜର ମଙ୍ଗଳ ହୋଇପାରିବ ବୋଲି ଏହି ସଭାରେ ଅତିଥିବନ୍ଧୁ ମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଆଦର୍ଶନାରୀ ଝୁମମଣି ପାତ୍ର, ସମାଜସେବୀ ବନମାଳି ପାତ୍ର ଓ ରଙ୍ଗଲତା ପାତ୍ରଙ୍କୁ ନୂତନ ବସ୍ତ୍ର ପ୍ରଦାନ କରି ବନ୍ଦାପନା କରାଯାଇଥିଲା। ଆଧାତ୍ମିକ ଚିନ୍ତାଚେତନା ମଧ୍ୟରେ ରହି ସ୍ଥାନୀୟ କଳାକାର ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ଗଜେନ୍ଦ୍ର ପାତ୍ର(ଅଜୁ), ସନ୍ଦିପନୀ ପାତ୍ର, କମଳାକାନ୍ତ ବେହେରା, ରବିନ୍ଦ୍ର ପଣ୍ଡା, ବସନ୍ତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଖୁବ ମଧୁର ପରିବେଶ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସମସ୍ତେ ଶେଷରେ ପ୍ରସାଦ ସେବନ କରିଥିଲେ।

# କଲେଜ ଖୋଲିବା ସମୟକୁ ନେଇ ଛାତ୍ରଛାତ୍ରୀଙ୍କ ଅସନ୍ତୋଷ

ନୀଳଗିରି ,୦୧/୦୩ (ନି.ପ୍ର): ରାଜ୍ୟ ସରକାର ନବମ, ଏକାଦଶ ପିଲାମାନଙ୍କ ପାଇଁ ୭ ଟାରୁ ୯ ଟା ମଧ୍ୟରେ ଖୋଲିବା ପାଇଁ ସମୟ ନିର୍ଦ୍ଧାରଣ କରିଥିବା ଘଟଣାକୁ ନେଇ କିଛି କଲେଜ ଏବଂ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଏହାକୁ ବିରୋଧ କରିଛନ୍ତି। ନୀଳଗିରି କଲେଜର ଅଧ୍ୟକ୍ଷ ଉମାକାନ୍ତ ଶତପଥୀ ଏଭଳି ନିଷ୍ପତିକୁ ଅଣଦେଖା କରି କଲେଜର ଶ୍ରେଣୀଗୃହ ଠିକ ସମୟରେ ଖୋଲା ନଯିବା ଘଟଣାକୁ କଲେଜର ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଛାତ୍ରଛାତ୍ରୀମାନେ ସରକାରଙ୍କ ସମୟ ଧାର୍ଯ୍ୟ ୭ଟା ରେ ଆସିଥିବା ବେଳେ କଲେଜର କୌଣସି ଶ୍ରେଣୀଗୃହ ଖୋଲା ଯାଇ ନ ଥିବା ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମାନସିକତାର ଚାପ ସୃଷ୍ଟି ହୋଇଛି । ସରକାରଙ୍କ ନୀତିନିୟମକୁ କଲେଜର ଅଧକ୍ଷ ମାନୁ ନ ଥିବାରୁ ଆମ୍ଭମାନଙ୍କୁ ହଇରାଣ ହରକତ ହେବାକୁ ପଡୁଛି। ଅପରପକ୍ଷରେ ଶିକ୍ଷାକ୍ଷେତ୍ରରେ ବାଧା ଉପୁଜିଛି ବୋଲି ଛାତ୍ରଛାତ୍ରୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏ ବାବଦରେ କଲେଜର ଅଧକ୍ଷ ଉମାକାନ୍ତ ଶତପଥିଙ୍କୁ ପଚାରିବାରୁ ସରକାରଙ୍କର ସାର୍କୁଲାର ସୋମବାର ଦିନ ପାଇଲୁ। ଏହା ପୂର୍ବରୁ ଶନିବାର ଓ ରବିବାର ଥିବାରୁ ଏହାକୁ ମ୍ୟାନେଜ କରି ପାରି ନ ଥିଲୁ । ସୋମବାର ଦିନ ଚିଠି ପାଇବାରେ ସରକାରଙ୍କ ନୀତିନିୟମ ଅନୁଯାୟୀ ମଙ୍ଗଳବାର ଠାରୁ କ୍ଲାସ କରାଯିବ ବୋଲି ପ୍ରକାଶ କରିଛନ୍ତି ।

# କରୋନାରୁ ସୁସ୍ଥ ହେଲେ ଆଉ ୭୬ ଆକ୍ରାନ୍ତ

ଭୁବନେଶ୍ୱର,୦୧/୦୩ (ନି.ପ୍ର): ରାଜ୍ୟରୁ ସୋମବାର ଦିନ ଆଉ ୭୬ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୩୩୪୬୪୭କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ସୂଚନାଦେଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ସୋମବାର ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଯାଜପୁରରୁ ୧୧ଜଣ କରୋନା ଆକ୍ରାନ୍ତ ଆରୋଗ୍ୟ ହୋଇଥିବା ବେଳେ ଖୋର୍ଧାରୁ ୭ଜଣ, ଭଦ୍ରକରୁ ୬ଜଣ, ମୟୂରଭଞ୍ଜରୁ ୫ଜଣ, ନୂଆପଡ଼ାରୁ ୫ଜଣ, କଟକରୁ ୪ଜଣ, ଦେବଗଡ଼ରୁ ୪ଜଣ, ଝାରସୁଗୁଡ଼ାରୁ ୪ଜଣ, ବାଲେଶ୍ୱରରୁ ୩ଜଣ, ଅନୁଗୁଳରୁ ୨ଜଣ ଓ ବରଗଡ଼ରୁ ୨ଜଣ ଲେଖାଏଁ କରୋନା ଆକ୍ରାନ୍ତ ଆଜି ସୁସ୍ଥ ହୋଇଛନ୍ତି। ସେହିପରି ସମ୍ବଲପୁରରୁ ୨ଜଣ, ବଲାଙ୍ଗୀରରୁ ଜଣେ, ଗଜପତିରୁ ଜଣେ, ଗଞ୍ଜାମରୁ ଜଣେ, ନୟାଗଡ଼ରୁ ଜଣେ, ପୁରୀରୁ ଜଣେ ଓ ସୁବର୍ଣ୍ଣପୁରରୁ ଜଣେ ଓ ଷ୍ଟେଟପୁଲରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

# ସୁକନ୍ୟା ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାରୋହ ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲିଆପାଳ,୦୧/୦୩ (ନି.ପ୍ର): ବ୍ଲକର ଅନ୍ୟତାମ ସାହିତ୍ୟ ଅନୁଷ୍ଠାନ ଏସକେଜି ସାରସ୍ୱତ ଟ୍ରଷ୍ଟ ଓ ପାଠାଗାର ସଭାଗୃହ ପରିସରରେ ରବିବାର ସୁକନ୍ୟା ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାରୋହ ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁକନ୍ୟା ସାହିତ୍ୟ ସଂସଦର ସଭାନେତ୍ରୀ ସ୍ନେହଲତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଦିଗମ୍ବରି ଆଇଟିଆଇର ପ୍ରତିଷ୍ଠାତା ଡକ୍ଟର ଅଜିତ କୁମାର ମହାନ୍ତି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ସାହିତ୍ୟ ପ୍ରାଣ ମଣିଷ ଆଜି ପ୍ରତିଟି ମୁହୂର୍ତ୍ତରେ ଶାନ୍ତି ଖୁଜୁଛି। ମଣିଷ କର୍ମମୟ ଜଞ୍ଜାଳ ମଧ୍ୟରେ ଟିକିଏ ସମୟ ପାଇଲେ ପରସ୍ପର ମଧ୍ୟରେ ସମ୍ପର୍କ ଯୋଡିବା ପାଇଁ କଳା ଓ ସଂସ୍କୃତି ମାଧ୍ୟମରେ ତାର ମନର କଥାକୁ ଉପସ୍ଥାପନ କରିଥାଏ ବୋଲି ସେ କହିଥିଲେ।ମୁଖ୍ୟ ବକ୍ତା ଭାବେ ଜଗାଇ କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପକ ତଥା ବିଶିଷ୍ଟ ପାଲା ଗାୟକ କବି ଦୟାନିଧି ସାହୁ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରି ଆମର ସଂସ୍କୃତି ବହୁ ପୁରାତନ।ସ୍ୱାଧୀନତା ପୂର୍ବରୁ ବହୁ ସଭ୍ୟତା ଆମ ଦେଶକୁ ଆସିଥିଲେବି ଆମ ସଂସ୍କୃତିକୁ ନଷ୍ଟ ଭଷ୍ଟ କରିପାରି ନାହାନ୍ତି।ଶହ ଶହ ବର୍ଷର ଆମର ଗୌରବ ଗାଥା ଆଜି ବି ଉଦଯିବିତ ହୋଇରହିଛି।ଯାହାକି ଆଜିର ସାହିତ୍ୟିକ ମାନେ ତାର ପରିଚୟ ଦେଉଛନ୍ତି ବୋଲି ସେ କହିଥିଲେ।ବରିଷ୍ଠ ଅଧ୍ୟାପକ ତଥା ସୃଜନିକାର ସଭାପତି ସୁକାନ୍ତ ଗିରିଙ୍କ ପରିଚାଳନାରେ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ଓଡ଼ିଶା ପ୍ରାଇଡର ସଭାପତି ମାନସ ଦାସ,କବି ତଥା ଗୀତିକାର ରମାନାଥ କର,ସଙ୍ଗୀତଜ୍ଞ ରାଧାରମଣ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଶିକ୍ଷୟତ୍ରୀ ତଥା ସାହିତ୍ୟିକ ଡକ୍ଟର ରଶ୍ମିତା ପାଣିଗ୍ରାହୀ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ ପୂର୍ବକ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କବି ସରିତା ମହାନ୍ତି,ନଳିନୀ କାନ୍ତ ପାଢ଼ୀ ,ରାମ ରଞ୍ଜନ ରାଉତ, ବିଜୟ ପାତ୍ର,ସନ୍ୟାସି ବେହେରା,ଶୁଭ ଲକ୍ଷ୍ମୀ ଗିରି ବ୍ୟୋମକେଶ ସାହୁ,ସାମ୍ବାଦିକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଜୁଆଳିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ +୨ ବିଜ୍ଞାନ ଖୋଲିବା ପାଇଁ ଦାବି

ଉଦଳା ୦୧/୦୩(ନି.ପ୍ର)- ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଉପଖଣ୍ଡ ଅନ୍ତର୍ଗତ ଉଦଳା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଓ ଆର୍ଥିକ ଅନଗ୍ରସର ଅଞ୍ଚଳ ଅଟେ । ଏହି ବ୍ଲକର ଜୁଆଳିଆ ଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୨୦୧୭ ମସିହା ଠାରୁ ସ୍ଥାପିତ ହୋଇଛି । ତେବେ ବିଦ୍ୟାଳୟର କେତେକ ମୌଳିକ ସମସ୍ୟା ଯଥା- ବାଳକଛାତ୍ରାବାସ ନିର୍ମାଣ ଓ ବିଦ୍ୟାଳୟର ସ୍ଥାୟୀ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଆଦି ଅନ୍ତର୍ଭୁକ୍ତ ଅଟେ । ଏହି ବିଦ୍ୟାଳୟରେ ଚଳିତ ବର୍ଷ ଅନ୍ୟୁନ ୭୦ ଜଣ ପିଲା ସିବିଏସ୍‌ଇ ପରୀକ୍ଷା ଦ୍ୱାରା ପରିଚାଳିତ ୧୦ମ ଶ୍ରେଣୀ ପରୀକ୍ଷା ଦେବା ପାଇଁ ଯାଉଛନ୍ତି । ସରକାର ସଦୟ ଅନୁକମ୍ପା ପୂର୍ବକ ଏଠାରେ ପରୀକ୍ଷାକେନ୍ଦ୍ର ସ୍ଥାପନ ସହିତ ଆସନ୍ତା ଶିକ୍ଷାବର୍ଷ ଆରମ୍ଭରୁ +୨ ବିଜ୍ଞାନଶ୍ରେଣୀ ଖୋଲିବା ପାଇଁ ଅବିଭାବକ ଓ ବୁଦ୍ଧିଜୀବି ମହଲରୁ ଦାବୀ ହେଉଛି ।

## ହୃଦାନନ୍ଦ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ସୂର୍ଯ୍ୟଶିଖା ଓ ଜେସିସି ବିଜୟୀ

ଭଦ୍ରକ,୦୧/୦୩ (ନି.ପ୍ର) : ଭଦ୍ରକ ନେହେରୁ ଷ୍ଟାଡିୟମଠାରେ ଆଜିଠାରୁ ଆରମ୍ଭ ହୋଇଛି ହୃଦାନନ୍ଦ ମେମୋରିଆଲ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ପ୍ରଥମ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଜଗନ୍ନାଥପୁର କ୍ରିକେଟ କ୍ଲବ (ଜେସିସି) ଓ ଚରମ୍ପା କ୍ରିକେଟ ଏକାଡେମୀ ମଧ୍ୟରେ ଖେଳାଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚ ସୂର୍ଯ୍ୟଶିଖା କ୍ଲବ ଓ ଗାନ୍ଧିଜୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଜେସିସି ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ସୂର୍ଯ୍ୟଶିଖା ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚରେ ଚରମ୍ପା ଏକାଡେମୀ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୩୮ ରନ କରିଥିଲା। ଦଳର ଅଜୟ ରାଉତ ୫୧ ଓ ରାଜେଶ ବଳ ୨୩ରନ କରିଥିବା ବେଳେ ଜେସିସି ପକ୍ଷରୁ କ୍ଷମାସାଗର ବଳ ୪ଟି ଓ ସତ୍ୟକାମ ଭରଦ୍ୱାଜ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧ ବ୍ୟାଟିଂରେ ଜେସିସି ଦଳ ୧୭.୩ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଜେସିସିର ଜୀତେନ୍ଦ୍ର ଭୋଇ ୫୨ ଓ ଅଂଶୁମାନ ମହାନ୍ତି ୨୯ ରନ କରିଥିବା ବେଳେ ରାଜେଶ ବଳ ଓ ଆର୍.କେ.ମହାରଣା ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜୀତେନ୍ଦ୍ର ଭୋଇଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚରେ ଟସ୍ ଜିତି ସୂର୍ଯ୍ୟଶିଖା କ୍ଲବ ବ୍ୟାଟିଂ କରିଥିଲା। ଦଳ ୨୦ ଓଭରରେ ୬ ଉଇକେଟରେ ୧୭୩ରନ କରିଥିଲା। ଅଂଶୁମାନ ନାୟକ ୪୯ ଓ ରଂଜିତ ମହାକୁଡ ୨୬ ରନ କରିଥିଲେ। ଗାନ୍ଧିଜୀ କ୍ଲବ ପକ୍ଷରୁ ନିର୍ଣ୍ଣେକ ଘୋଷ ୨ଟି ଓ ଚନ୍ମୟ ବିଶ୍ୱାଳ ଗୋଟିଏ ଉଇକେଟ ନେଇଥିଲେ। ପରେ ଗାନ୍ଧିଜୀ ୧୭୪ରନର ପିଛା କରି ୨୦ ଓଭରରେ ୮ ଉଇକେଟରେ ୧୩୭ ରନ କରିବାକୁ ସକ୍ଷମ ହୋଇ ମ୍ୟାଚକୁ ୩୭ରନରେ ମ୍ୟାଚ ହାରିଥିଲା। ଦଳର ଦିବ୍ୟଜ୍ୟୋତି ସାହୁ ୪୯ ଓ ବିପ୍ଳବ ଦଳାଇ ୧୯ରନ କରିଥିବା ବେଳେ ସୂର୍ଯ୍ୟଶିଖାର ରାଜୀବ ଦାସ ଓ ସରୋଜ ବେହେରା ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଅଂଶୁମାନ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ମ୍ୟାଚକୁ ଲଲାଟ କେଶରୀ ନନ୍ଦ, ସାର୍ଥକ ବିଶ୍ୱାଳ, ଦେବବ୍ରତ ଦାସ ଓ ଶାନ୍ତନୁ ରାଉତ ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସୂର୍ଯ୍ୟଶିକ୍ଷା କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଉଦ୍‌ଘାଟନ କରିଥିଲେ।

## ପତ୍ର ସୂଚନା କାର୍ଯ୍ୟାଳୟ ପିଆଇବିର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଶ୍ରୀ ଜୟଦୀପ ଭଟ୍ଟନାଗର



ଭୁବନେଶ୍ୱର,୧/୩(ନି.ପ୍ର): ପତ୍ର ସୂଚନା କାର୍ଯ୍ୟାଳୟ ପିଆଇବିର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ଆଜି ଶ୍ରୀ ଜୟଦୀପ ଭଟ୍ଟନାଗର ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ଭଟ୍ଟନାଗର ୧୯୮୬ ବ୍ୟାଚର ଜଣେ ଭାରତୀୟ ସୂଚନା ସେବା ଅଧିକାରୀ । ସେ ପୂର୍ବରୁ ଦୂରଦର୍ଶନ ସମାଚାର ବିଭାଗରେ କାର୍ଯ୍ୟ କରିଛନ୍ତି ଏବଂ ଦୂରଦର୍ଶନର ବାଣିଜ୍ୟ, ବିକ୍ରୟ ଏବଂ ମାର୍କେଟିଂ ବିଭାଗର ବ୍ୟବସାୟିକ ମୁଖ୍ୟ ଥିଲେ । ପଶ୍ଚିମ ଏସିଆର ୨୦ଟି ଦେଶ ପାଇଁ ପ୍ରସାର ଭାରତୀ ତରଫରୁ ସ୍ୱତନ୍ତ୍ର ସମ୍ବାଦଦାତା ରୂପେ ସେ କାର୍ଯ୍ୟ କରିଛନ୍ତି । ପରେ ଆକାଶବାଣୀର ନ୍ୟୁଜ୍ ସର୍ଭିସେସ୍ ବିଭାଗର ମଧ ମୁଖ୍ୟ ହୋଇଥିଲେ । ରେଜିଷ୍ଟ୍ରାର ଭାବେ ସେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେସନରେ ମଧ କାର୍ଯ୍ୟ କରିଛନ୍ତି । ପିଆଇବିର ମୁଖ୍ୟ ଭାବେ ବର୍ତ୍ତମାନ ଦାୟିତ୍ୱ ନେବା ପୂର୍ବରୁ ଶ୍ରୀ ଭଟ୍ଟନାଗର ବିଭିନ୍ନ କ୍ଷମତାରେ ୬ବର୍ଷ ଧରି ପିଆଇବିରେ କାର୍ଯ୍ୟ କରିଛନ୍ତି । ଫେବୃଆରୀ ୨୮, ୨୦୨୧ରେ ଚାକିରିରୁ ଅବସର ଗ୍ରହଣ କରିଥିବା ଶ୍ରୀ କୁଳଦୀପ ସିଂ ଧତୱାଲିଆଙ୍କ ଠାରୁ ଶ୍ରୀ ଭଟ୍ଟନାଗର ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ବାଲେଶ୍ୱରରେ ଦ୍ୱିତୀୟ ପର୍ଯ୍ୟାୟ କୋଭିଡ ଟିକାକରଣ



ବାଲେଶ୍ୱର,୦୧/୦୩ (ନି.ପ୍ର): ବାଲେଶ୍ୱରରେ ଦ୍ୱିତୀୟ ପର୍ଯ୍ୟାୟ କୋଭିଡ ଟିକାକରଣ ସୋମବାର ଶୁଭାରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଉଦ୍ୟମ ଯୋଗୁଁ ଦେଶବାସୀଙ୍କ ପାଇଁ ଖୁବଶୀଘ୍ର କୋଭିଡ ଟିକା ବ୍ୟବସ୍ଥା ହୋଇପାରିଛି ବୋଲି ସେ କହିଥିଲେ। ସଦର ବିଧାୟକ ସ୍ୱରୂପ ଦାସ ଏଥିରେ ଯୋଗଦେଇ ରାଜ୍ୟରେ କରୋନା ଟିକା ପ୍ରଦାନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲଲସେନ ଜଗଦେବଙ୍କ ସମେତ ଜିଲା ମୁଖ୍ୟ ଡାକ୍ତରଖାନାର ବହୁ ଅଧିକାରୀ ଓ କର୍ମଚାରୀ ଏହି ଟିକାକରଣ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ହିତାଧିକାରୀମାନେ ପ୍ରଥମେ ଅନଲାଇନରେ ପଞ୍ଜୀକରଣ କରି କିମ୍ବା କୋଭିଡ କ୍ୟାମ୍ପରେ ଆବଶ୍ୟକ ପ୍ରମାଣପତ୍ର ପଇଠ ଅଫଲାଇନରେ ପଞ୍ଜୀକରଣ କରି ଲୋକେ ଟିକା ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ୩ ଗୋଟି ସରାଞ୍ଚଳ ସରକାରୀ ମେଡିକାଲ ଓ ଜ୍ୟୋତି ହସପିଟାଲ ମିଶାଇ ମୋଟ ୫ ଗୋଟି କେନ୍ଦ୍ରରେ ଏହି ଟିକାକରଣ ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ଦିନରେ ୬ଶହ ବ୍ୟକ୍ତିଙ୍କୁ ଟିକା ଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସିଡିଏମଓ ଡାକ୍ତର ଜଗଦେବ ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୬୦ ବର୍ଷରୁ ଅଧିକ ବୟସର ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ ଦୁଃରାରୋଗରେ ପୀଡ଼ିତ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓ ଭିନ୍ନକ୍ଷମଙ୍କୁ ଏହି ପର୍ଯ୍ୟାୟରେ ଟିକା ବ୍ୟବସ୍ଥା କରାଯାଉଛି। ଆଗାମୀ ଦିନରେ ଜିଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ୬ ଗୋଟି ଘରୋଇ ହସପିଟାଲରେ ବି ଏହି ଟିକା ପ୍ରଦାନ କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରୂପାୟନ ପକ୍ଷରୁ ଦୃଷ୍ଟିହୀନ ବିଦ୍ୟାଳୟରେ ଭଜନ ସନ୍ଧ୍ୟା

ବାଲେଶ୍ୱର,୦୧/୦୩ (ନି.ପ୍ର): ବାଲେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ରୂପାୟନ ପକ୍ଷରୁ ସହରର ରାଣୀପାଟଣା ସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟ ପରିସରରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନୀଲୁ ମହାପାତ୍ର ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ରୂପାୟନର ସମାଜ ସଂସ୍କାର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ । ସାଂସାରିକ କାର୍ଯ୍ୟବ୍ୟସ୍ତତାରୁ ବିରତି ନେଇ ପ୍ରତ୍ୟେକ ବ୍ୟକ୍ତି କିଛି ସମୟ ପ୍ରଭୁଙ୍କ ଭଜନରେ ଲୀନ ହେବା ଉଚିତ ବୋଲି ଶ୍ରୀ ମହାପାତ୍ର ଏହି ଅବସରରେ କହିଥିଲେ । ରୂପାୟନର ମୁଖ୍ୟ ଶ୍ରଦ୍ଧାଞ୍ଜଳି ରାୟଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସୁବ୍ରତ କର, ଡାକ୍ତର ଅମିତାଭ ଗିରି, କବି ଅଭୟ ଦାସ, ବିଟିସିସିର ସଭାପତି ନରେନ୍ଦ୍ର ବିହାରୀ ଦାସ, ଆଇନଜୀବି ଭୁବନାନନ୍ଦ ଦାସ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ପରେ ଡାକ୍ତର ଅମିତାଭ ଗିରି, ଶୁଜିତ ଭୋଇ, କାହ୍ନୁଚରଣ ଲେଙ୍କା, ବିଜୟ ପାଣିଗ୍ରାହୀ, ପାୟଲ ମହାପାତ୍ର, ମଙ୍ଗଲ ପ୍ରଧାନ, ପୀତାମ୍ବର ପ୍ରଧାନ, ଅଧ୍ୟାପିକା କିରଣବାଳା ନାୟକ, ସୁନୀଲ ବିଶ୍ୱାଳ ପ୍ରମୁଖ ଏଥିରେ ଭଜନ ପରିବେଷଣ କରିଥିଲେ ।

## ଜାଗରଣ ଦ୍ୱାରା ବର୍ଷା ଜଳ ସଂରକ୍ଷଣ ସଚେତନତା




ବାସୁଦେବପୁର,୦୧/୦୩ (ନି.ପ୍ର): ନେହେରୁ ଯୁବକେନ୍ଦ୍ର ସଂଗଠନ ଭଦ୍ରକ ସହଯୋଗରେ ଜାଗରଣ ସାମାଜିକ ସଂଗଠନ ଦ୍ୱାରା ବର୍ଷାଜଳ ସଂରକ୍ଷଣ ପାଇଁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୪ଦିନ ଧରି ଏହି କାର୍ଯ୍ୟକ୍ରମରେ ଗାଁକୁ ଯାଇ ଲୋକମାନଙ୍କୁ ବର୍ଷା ଜଳ ବିଷୟରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦଯାପନି ଦିବସରେ ସ୍ଥାନୀୟ ରାଜନୈତିକ କର୍ମକର୍ତ୍ତା ପିତାମ୍ବର ସାହୁ, ସମାଜସେବୀ ଚକ୍ରଧର ଜେନା, ଯୁବ ଆଇନଜୀବୀ ଉତ୍କଳକେଶରୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜାଗରଣର ସଭାପତି ସୁଶାନ୍ତ କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ସଂଗଠନର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରକାଶ ଦାସ, ପିଣ୍ଟୁ ନାୟକ, ଦୁଃଶାସନ ଦାସ, ମୋହନ ବଳ ପ୍ରମୁଖ ସହଯୋଗ କରିଥିଲେ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୩ ଗିରଫ, ୭୬୬ବାହନ ଜବତ

ଭୁବନେଶ୍ୱର,୦୧/୦୩ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୩ ଜଣଙ୍କୁ ଗିରଫ ଜବତ କରାଯାଇଛି । ୭୬୬ ବାହନକୁ ଜବତ କରାଯାଇଛି । ଏହି ସମୟ ମଧ୍ୟରେ ୨୫,୦୨,୦୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆଯାଇଛି ।

## ଉପାନ୍ତ ଇତିହାସ ସଂପର୍କରେ ସନ୍ତୁଜେନାଙ୍କ ପୁସ୍ତକ ଉନ୍ମୋଚନ



ଜଳେଶ୍ୱର ୧/୩(ନିପ୍ର) : ଉପାନ୍ତ ଜଳେଶ୍ୱର ଓ ଦାନ୍ତୁନର କେତେକ ଅନାଲୋଚିତ କଥାବସ୍ତୁ ଓ ଇତିହାସକୁ ନେଇ ଗବେଷକ ସନ୍ତୁ ଜେନାଙ୍କ 'ସେ କାଲେର ଦାନ୍ତୁନ ଅନାଲୋଚିତ ୩୦୦ ବର୍ଷର କଥା ଓ କାହାଣୀ' (୧୬୬୦-୧୯୬୦)ପୁସ୍ତକ ଉନ୍ମୋଚିତ ହୋଇଛି । ଗତ ରବିବାର ଅପରାହ୍ନରେ ଦାନ୍ତୁନ ଗୋଷ୍ଠୀ ଉନ୍ନୟନ କେନ୍ଦ୍ରର ସଭା ଗୃହରେ ଆୟୋଜିତ ସଭାରେ ପ୍ରଫେସର ଡ. ଯତିନ୍ଦ୍ର ଦାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଗବେଷକ ଶକ୍ତିପଦ ନନ୍ଦ ଆଂଚଳିକ ଇତିହାସ ଗବେଷକ ମନ୍ମଥନାଥ ଦାସ, ଶକ୍ତିପଦ ନନ୍ଦ, ହରିପଦ ମାଇତି, ଡ. ଶ୍ରୀକାନ୍ତ ଚରଣ ପାତ୍ର, ସଚିନ୍ ମାନ୍ନା, ମନ୍ମଥ ଗୋରାଇ, ଭାସ୍କର ମାଇତି, ପ୍ରଶୁନ୍ ପରିଡା, ଅତନୁ ନନ୍ଦନ ମାଇତି ପ୍ରମୁଖ ଉପସ୍ଥିତ ରହି ଦୁଇ ରାଜ୍ୟର ଉପାନ୍ତର ସଂସ୍କୃତି, ପରମ୍ପରା, କଥିତ ଭାଷା ସଂପର୍କରେ ଆଲୋଚନା କରିଥିଲେ । ଉପାନ୍ତ ଅଂଚଳର ୩୦୦ ବର୍ଷର ଇତିହାସକୁ ନେଇ ସନ୍ତୁ ଜେନା ଏବର ଜଳେଶ୍ୱର ଓ ଦାନ୍ତୁନ ଅଂଚଳର କେତେକ ଐତିହାସିକ ତଥ୍ୟକୁ ବର୍ଣ୍ଣନା କରିଛନ୍ତି । ଗବେଷକ ସନ୍ତୁ ଜେନାଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରି ଅତୀତରେ ଅନ୍ଧାରୀ ଗୌହରର ଲୋକାୟିତ ଇତିହାସର ସେ ଲୋକଲେଚନକୁ ଆଣିବାକୁ ଚେଷ୍ଟା କରିଛନ୍ତି ।

## ଚାଷୀ ବିଷ ପିଇବା ଘଟଣା : ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଆଗରେ ବିଜେପିର ଗଣଧାରଣା




ଭଦ୍ରକ,୦୧/୦୩ (ନି.ପ୍ର) : ଭଦ୍ରକ ବ୍ଲକ ବନ୍ଧଗାଁ ପଞ୍ଚାୟତ ବନ୍ଧଗାଁ ଗ୍ରାମର ଚାଷୀ ଧାନ ବିକ୍ରି ପାଇଁ ଟୋକନ ପାଇବା ପରେ ଧାନ ବିକ୍ରି କରି ନ ପାରି ବିଷ ପିଇବା ଘଟଣାକୁ ନେଇ ବିଜେପି ଆନ୍ଦୋଳନ ରାସ୍ତାକୁ ଓହ୍ଲାଇଛି। ଟୋକନ ସମୟ ଅତିକ୍ରାନ୍ତ ହୋଇଥିବା ସମସ୍ତ ଚାଷୀଙ୍କୁ ଧାନ କିଣିବାର ସୁଯୋଗ ଦେବା ଦାବି କରି ଆଜି ବିଜେପି ନେତାମାନେ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଆଗରେ ଗଣଧାରଣାରେ ବସିଥିଲେ। ବନ୍ଧଗାଁ ଗ୍ରାମର ରାମକୃଷ୍ଣ ପଣ୍ଡା ଧାନ ଟୋକନ ପାଇ ଟୋକନର ସମୟ ସୀମା ଅତିକ୍ରାନ୍ତ ହେବା ପର୍ଯ୍ୟନ୍ତ ଚେଷ୍ଟା କରି ମଧ ଧାନ ବିକ୍ରି କରି ପାରିଲେ ନାହିଁ। ଧାନ କିଣୁଥିବା ସ୍ୱୟଂ ସହାୟିକା ମହାସଂଘ ପଣ୍ଡାଙ୍କ ଭଳି ବହୁ ଚାଷୀଙ୍କ ଠାରୁ ଧାନ ନିର୍ଦ୍ଧାରିତ ସମୟରେ କିଣି ନ ଥିଲା। ଯାହା ପାଇଁ ରାମକୃଷ୍ଣ ବିଷ ପିଇବାକୁ ବାଧ ହୋଇଥିଲେ। ତେବେ ଏହି ଘଟଣା ପରେ ବିଜେପି ନେତା ଡାକ୍ତର ପ୍ରଦିପ ନାୟକ, ବଦ୍ରିନାରାୟଣ ଧଳ, ଅଶୋକ ପରିଜା, ଦୁର୍ଗାପ୍ରସନ୍ନ ଦାସ, ଶ୍ରୀହର୍ଷ ସ୍ୱାଇଁ, ବିକାଶ ଶ୍ରେଷ୍ଠା, ତପସ୍ୱିନୀ ମହାପାତ୍ର, ହରପ୍ରିୟା ସାହୁ, ଶଙ୍କର୍ଷଣ ଜେନା, ସ୍ୱର୍ଣ୍ଣଲତା ମିଶ୍ର ପ୍ରମୁଖ ଜିଲ୍ଲା ଯୋଗାଣ ଅଫିସ ଆଗରେ ଧାରଣାରେ ବସିଥିଲେ। ଯୋଗାଣ ବିଭାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା କି ରାମକୃଷ୍ଣଙ୍କର ଗୋଟିଏ ଟୋକନ ଏବଂ ତାଙ୍କ ବାପାଙ୍କର ୨ଟି ଟୋକନ ସମୟ ଅତିକ୍ରାନ୍ତ ହୋଇଛି। ବାକି ସମସ୍ତ ଟୋକନରେ ଶ୍ରୀ ପଣ୍ଡା ଧାନ ବିକ୍ରି କରିଛନ୍ତି। ତେବେ ଟୋକନ ସମୟ ଅତିକ୍ରାନ୍ତ ହେବାର କାରଣ ଏବଂ ମହାସଂଘ କାହିଁକି ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନ କିଣିନାହିଁ ସେ ସମ୍ପର୍କରେ ତଦନ୍ତ ଜାରି ରହିଛି। ତେବେ ଶ୍ରୀ ପଣ୍ଡାଙ୍କର ସମସ୍ତ ଧାନକୁ ନିଶ୍ଚିତ କିଣାଯିବା ସହ ଜିଲ୍ଲାର ଯେତେ ଚାଷୀଙ୍କର ଟୋକନ ସମୟ ଅତିକ୍ରାନ୍ତ ହୋଇଛି, ସେ ସବୁର ତଦନ୍ତ କରାଯାଇ କିପରି ସେମାନେ ଧାନ ବିକ୍ରି କରି ପାରିବେ ସେଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାକର ସାମଲ, ନାରାୟଣ ସେନାପତି, ଗୋପାଳ ସାହୁ, ଆଦିକନ୍ଦ ନାୟକ, ଶଶାଙ୍କ ଦାସ, ସୁବ୍ରତ ନାୟକ ପ୍ରମୁଖ ସାମିଲ ଥିଲେ।

## 'ମୃତ୍ୟୁଞ୍ଜୟ ଡ୍ରଗ୍ସ' ପକ୍ଷରୁ ଜାତୀୟ ଜନଔଷଧି ସପ୍ତାହ

ବାଲେଶ୍ୱର,୦୧/୦୩ (ନି.ପ୍ର): ସୋମବାରଠାରୁ ସମଗ୍ର ଦେଶରେ ଜାତୀୟ ଜନଔଷଧି ସପ୍ତାହ ପାଳନ ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି। ଜନଔଷଧି ସପ୍ତାହ ପାଳନ ଅବସରରେ ବାଲେଶ୍ୱରର ଦ୍ୱିତୀୟ ଜନଔଷଧି କେନ୍ଦ୍ର 'ମୃତ୍ୟୁଞ୍ଜୟ ଡ୍ରଗ୍ସ' ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜନଔଷଧି କେନ୍ଦ୍ରର ମୁଖ୍ୟ ସୁରଞ୍ଜନ ଦାସମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରକୁ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜାତୀୟ ଜନଔଷଧି ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ସହ ସମସ୍ତେ ଜୀବ ନରକ୍ଷାକାରୀ ଜନଔଷଧ ବ୍ୟବହାର କରିବା ଉଚିତ ବୋଲି ସେ କହିଥିଲେ। ବରିଷ୍ଠ ବିଜେପି ନେତା ଶୁଭଙ୍କର ମହାପାତ୍ର ଏଥିରେ ଯୋଗଦେଇ ଜନଔଷଧି କେନ୍ଦ୍ରର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। 'ମୃତ୍ୟୁଞ୍ଜୟ ଡ୍ରଗ୍ସ'ର ମୁଖ୍ୟ ଶ୍ରୀ ଦାସମହାପାତ୍ର ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତର ଅନୁପ କୁମାର ଘୋଷ, ଡାକ୍ତର ସରିତା ବେହେରା, ଡାକ୍ତର ହରେକୃଷ୍ଣ ଦେ ଓ ଡାକ୍ତର ବିଷ୍ଣୁପ୍ରିୟା ଦେ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ରୋଗର ନିଦାନ ସହିତ ପରୀକ୍ଷା କରିଥିଲେ। ସହରର ବିଭିନ୍ନ ଅଞ୍ଚଳରୁ ବହୁବ୍ୟକ୍ତି ଏହି ଶିବିର ଡାକ୍ତରଙ୍କଠାରେ ରୋଗ ପରୀକ୍ଷା କରିଥିଲେ।

## ରାଷ୍ଟ୍ରୀୟ ଉପଭୋକ୍ତା ଅଧିକାର ଆୟୋଗ ପକ୍ଷରୁ ଜନସଚେତନତା




ବାଲେଶ୍ୱର,୦୧/୦୩(ନି.ପ୍ର): ରାଷ୍ଟ୍ରୀୟ ଉପଭୋକ୍ତା ଅଧିକାର ଆୟୋଗ ଆନୁକୂଲ୍ୟରେ ଜିଲ୍ଲସ୍ତରୀୟ ସଚେତନତା ଅଭିଯାନ ବାଲେଶ୍ୱର ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷ ସଦଭାବନା ସଭାଗୃହରେ ଶୁଭାରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ପାଇଁ ଜନସଚେତନତା ହିଁ ଏକମାତ୍ର ଆୟୁଧ ବୋଲି ମତ ଦେଇଥିଲେ। ସାମ୍ପ୍ରତିକ ସ୍ଥିତିରେ ଗ୍ରାହକ ସଜାଗ ନ ରହିଲେ ପ୍ରତ୍ୟେକ ମୁହୂର୍ତ୍ତରେ ଠକାମିର ଶିକାର ହେବେ ବୋଲି ସେ କହିଥିଲେ । ତେବେ ଏହି ଠକାମିର ପରିମାଣ ଯେତେ କମ ହେଲେ ମଧ ପ୍ରତ୍ୟେକ ବ୍ୟକ୍ତିଙ୍କ ଘଟଣାକୁ ଜିଲ୍ଲାସ୍ତରୀୟ ଖାଉଟି ଫୋରମ ସମ୍ମୁଖକୁ ଆଣିବା ପାଇଁ ଶ୍ରୀ ଚକ୍ରବର୍ତୀ ପରାମର୍ଶ ଦେଇଥିଲେ। ବରିଷ୍ଠ ଆଇନଜୀବି ରାଜାରାମ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଖାଉଟୀ ସୁରକ୍ଷା ଆୟୋଗର ଅଧକ୍ଷା ଏସ ଗୀତାଞ୍ଜଳି, ଯୁବ ସଂଗଠକ ପର୍ଶୁରାମ ବେହେରା ଓ ମାନସ କୁମାର ଦତ, ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ରାଜ୍ୟ ସଭାପତି ବିପିନ ଦାସ, ସାମାଜିକ କର୍ମୀ ଶିକ୍ଷୀ କେଶୁ ଦାସ ପ୍ରମୁଖ ଯୋଗଦେଇ ଠକାମୀର ଶିକାର ହେଉଥିବା ଉପଭୋକ୍ତାମାନଙ୍କୁ ନ୍ୟାୟ ପ୍ରଦାନରେ ଏହି ଆୟୋଗ ପ୍ରୟାସ ଜାରୀ ରଖିବା ପାଇଁ ପରାମର୍ଶ ଦେଇଥିଲେ । ବାଲେଶ୍ୱର ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଆୟୋଗ ପକ୍ଷରୁ ଉପଭୋକ୍ତାମାନଙ୍କ ପାଇଁ ଜନସଚେତନା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ଅଧକ୍ଷା ଏସ. ଗୀତାଞ୍ଜଳି ସୂଚନା ଦେଇଥିଲେ । ଏଥିନିମନ୍ତେ ଗ୍ରାମାଂଚଳର ଉପଭୋକ୍ତାଙ୍କ ଅଧିକାର ସୁରକ୍ଷା ପାଇଁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ । ଖୁବଶୀଘ୍ର ରାଜ୍ୟର ସମସ୍ତ ଜିଲ୍ଲା ସମେତ ବାଲେଶ୍ୱରରେ ଆୟୋଗର କାର୍ଯ୍ୟାଳୟ ଖୋଲାଯିବ ବୋଲି ଏସ. ଗୀତାଞ୍ଜଳି ପ୍ରକାଶ କରିଥିଲେ ।

## ବ୍ଲକ ଶିକ୍ଷାଧିକାରୀଙ୍କୁ ଘେରିଲା ପ୍ରାଥମିକ ଶିକ୍ଷକ ଫେଡ଼େରେସନ




ବାଲେଶ୍ୱର,୦୧/୦୩ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନର ବାଲେଶ୍ୱର ସଦର ଶାଖା ପକ୍ଷରୁ ୧୦ ଦଫା ଦାବିନେଇ ସୋମବାର ବ୍ଲକ ଶିକ୍ଷାଧିକାରୀଙ୍କଙ୍କ କାର୍ଯ୍ୟାଳୟ ଘେରାଓ କରାଯାଇଥିଲା। ଫେଡ଼େରସନର ବ୍ଲକ ସଭାପତି ପ୍ରମୋଦ କୁମାର ପାଢ଼ୀ ଓ ସମ୍ପାଦକ ଅରୁଣ କୁମାର ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ସାମିଲ ହୋଇଥିଲେ। ଏଥିରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତି ହେଉଥିବା ସରକାରୀ ଉଦାସୀନତାକୁ ଶିକ୍ଷକନେତାମାନେ ତୀବ୍ର ସମାଲୋଚନା କରିଥିଲେ। ସରକାରୀ ପ୍ରତିଶ୍ରୁତି ଅନୁସାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନଭେମ୍ବର ମାସରେ ଦିଆଯାଇଥିବା ପଦୋନ୍ନତି ମୌଖିକ ଭିତ୍ତିରେ ରହି ଯାଇଥିବା ସେମାନେ ଆରୋପ କରିଛନ୍ତି। ଏନେଇ ବିଧିବଦ୍ଧ ଭାବେ ସେବା ପୁସ୍ତିକାରେ ପ୍ରକାଶ ସହ ତଦନୁଯାୟୀ ଦରମା ହାର ବୃଦ୍ଧି ପାଇଁ ସେମାନେ ଦାବି କରିଛନ୍ତି। ସେହିଭଳି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଷ୍ଟେପଅପ ଦରମାର ବକେୟା ପ୍ରଦାନରେ ଟାଳଟୁଳ ନୀତି, ଅବସରପ୍ରାପ୍ତ ଓ ମୃତ ଶିକ୍ଷକଙ୍କ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ, ଦରମାରୁ କାଟ ହେଉଥିବା ଗ୍ରୁପ ଇନସ୍ୟୁରାନ୍ସ ପ୍ରିମିୟମ ଜମାରେ ଅନିୟମିତତା ପ୍ରଭୃତିକୁ ନେଇ ଶିକ୍ଷକନେତାମାନେ ଉଦବେଗ ପ୍ରକାଶ କରିଥିଲେ। ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଫେଡ଼େରେସନ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ଏକ ଦାବିପତ୍ର ସଦର ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ ସହ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାମୂହିକ ସମସ୍ୟାର ଆଶୁ ସମାଧାନ ପାଇଁ ଦାବି କରିଥିଲେ। ଲକ୍ଷ୍ମୀନାରାୟଣ ଦାସ, ସଂଜୟ ମଣ୍ଡଳ, ରାମଚନ୍ଦ୍ର ସିଂ, ସରସ୍ୱତୀ ଭୋଇ, ମୀନତି ମଲିକ, ତିଳୋତ୍ତମା ଜେନା, ମନୋଜ କୁମାର ମାଝୀ, ରାମଚନ୍ଦ୍ର ହାଁସଦା, ଶେଖ ବରକତୁଲା, ରତିକାନ୍ତ ସହୁ ପ୍ରମୁଖ ଏହି ଘେରାଓ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

## ସୁରୁଖୁରୁରେ ଚାଲିଛି ଟିକାକରଣ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୦୧/୦୩ (ନି.ପ୍ର): ଆଜି ରାଜ୍ୟର ୧୫୩ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ତୃତୀୟ ପର୍ଯ୍ୟାୟ ଟୀକାକରଣ ଚାଲିଛି। କୌଣସି ସ୍ଥାନରୁ ପାର୍ଶ୍ୱପ୍ରତିକ୍ରିୟାର ଖବର ଆସିନାହିଁ। ଗ୍ରାମାଚଂଳରୁ ନେଇ ରାଜଧାନୀ ଯାଏଁ ସବୁଠି ସୁରୁଖୁରୁରେ ଟୀକାକରଣ ଚାଲିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଥମ ଦିନର ପ୍ରଥମ ଘଂଟାରେ କିଛି ସର୍ଭର ସ୍ଲୋ ଥିବାରୁ ସାମୟିକ ଭାବେ ସମସ୍ୟା ଦେଖା ଦେଇଥିଲା । ପରେ ଏହା ସମାଧାନ ହୋଇଯାଇଛି । ପ୍ରଥମ ଦିନ ପାଇଁ ଅନ୍ ସ୍ପଟ୍ ୬୦ ଜଣଙ୍କର ରେଜିଷ୍ଟ୍ରେସନ୍ କରାଯାଉଛି । ପରବର୍ତ୍ତୀ ସମୟରେ ଲୋକଙ୍କ ଆଗ୍ରହ ଦେଖି ଏହି ସଂଖ୍ୟା ବୃଦ୍ଧି କରାଯିବ । ଗୋଟିଏ କେନ୍ଦ୍ରରେ ଦିନକୁ ସର୍ବାଧିକ ଶହେ ଟୀକା ଦିଆଯିବ। ଦରକାର ପଡିଲେ ବଢାଯିବ। ମୋଟ ୧୮୩ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନୁମୋଦିତ ହସପିଟାଲ ସହ ୧୩୨ଟି ସରକାରୀ ଡାକ୍ତରଖାନାରେ ଟୀକା କରଣ ପାଇଁ ନିଷ୍ପତି ହୋଇଛି। ଆବଶ୍ୟକ ପଡିଲେ ଏହାକୁ ଆହୁରି ବୃଦ୍ଧି କରାଯିବ। ମୁଖ୍ୟମନ୍ତ୍ରୀ ବି ଟୀକା ନେଇଛନ୍ତି ଏବଂ ସେ ଏବେ ସଂପୂର୍ଣ୍ଣ ସୁସ୍ଥ । ଟୀକା ନେବା ପରେ ଖୁସି ବ୍ୟକ୍ତ କରିଛନ୍ତି ଓ ସମସ୍ତେ ଟୀକା ନିଅନ୍ତୁ ଏହା ନିରାପଦ ବୋଲି ଅପିଲ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo